ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅକ୍ଟୋବର ୩୧/୨୦୨୦ (୧୨ପୃଷ୍ଠା) | Sambalpur, Saturday, October 31/2020 | ★★
୧୬ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



**କରୀନାଙ୍କୁ ମସାଜ୍**
ଅଭିନେତ୍ରୀ କରୀନା କପୁର ଖାନ୍‌ଙ୍କୁ ତାଙ୍କ ମା'ମସାଜ୍ କରୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।
୧୦

୧୨
**ଗେଲ୍‌ଙ୍କ ଦୃଢ଼ ବ୍ୟାଟିଂ**
ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ କିଙ୍ଗ୍ସ ଇଲେଭେନ ପଞ୍ଜାବର କ୍ରିସ୍ ଗେଲ୍ ବିସ୍ଫୋରକ ୯୯ ରନ ସ୍କୋର କରିଛନ୍ତି।



# ନଭେମ୍ବରରେ ଖୋଲିବ ସ୍କୁଲ

- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଛି ଫାଇଲ
- ଏଥିଲାଗି ବିଭାଗ ପ୍ରସ୍ତୁତ ଥିବା କହିଲେ ମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ନଭେମ୍ବରରେ ସ୍କୁଲ ଖୋଲିବ। ଏନେଇ ଶୁକ୍ରବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏ ସଂକ୍ରାନ୍ତରେ ପ୍ରସ୍ତାବ ପଠାଯାଇଛି। ଅନୁମୋଦନ ପରେ ସ୍କୁଲ ଖୋଲିବା ନେଇ ବିଧିବଦ୍ଧ ଘୋଷଣା କରାଯିବ। ସ୍କୁଲ ଖୋଲିବା ପୂର୍ବରୁ କୋଭିଡ ଗାଇଡଲାଇନ ପାଳନ ଉପରେ ଗୁରୁତ୍ୱ ଦିଆଯିବ। କୋଭିଡ ସଂକ୍ରାନ୍ତ ପରବର୍ତ୍ତୀ ସମୀକ୍ଷା ପରେ ବିଧିବଦ୍ଧ ☞ପୃଷ୍ଠା-୪

# ମହୁଲ ଫୁଲ କ୍ରୟରେ ଚଞ୍ଚକତା

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ)**

ଅନେକ ସମୟରେ ରାଜ୍ୟରେ ବିଷାକ୍ତ ମଦ ପିଇ ଲୋକଙ୍କ ଜୀବନଯାଉଛି। ମଦର ମାନ ନିର୍ଦ୍ଧାରଣ କରିବାକୁ ହାଇକୋର୍ଟ ବାରମ୍ବାର ତାଗିଦ୍ କରିବା ସହ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ବେପରୁଆ ଅବକାରୀ ଅଧିକାରୀ ଏବଂ ଅସାଧୁ ବ୍ୟବସାୟୀଙ୍କ ଯୋଗୁ ଲୋକମାନଙ୍କର ଜୀବନ ବିପନ୍ନ ହେଉଛି। ମହୁଲି ମଦର ମାନ ଯାଞ୍ଚ ନ ହେବା ନେଇ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିଯୋଗୁ ଆଦିବାସୀ ଲୋକମାନଙ୍କ ଜୀବନ ବିପଦଗ୍ରସ୍ତ ହେଉଛି। କେବଳ ସେତିକି ନୁହେଁ, ମହୁଲ ଫୁଲ ସଂଗ୍ରହ କରୁଥିବା ଆଦିବାସୀମାନଙ୍କର ପ୍ରାପ୍ୟ ୬.୬୩ କୋଟି ଟଙ୍କାକୁ ବ୍ୟବସାୟୀମାନେ ଚଞ୍ଚକତା କରି ହଡପ କରିଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଜରିମାନା କରା ନ ଯିବା ଯୋଗୁ ବହୁ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ମଧ୍ୟ ପଡ଼ିଛି।

ମହୁଲ ଫୁଲ ବିକ୍ରିକରି ଗରିବ ଆଦିବାସୀମାନେ ସେମାନଙ୍କର ଜୀବିକା ନିର୍ବାହ କରିଥାଆନ୍ତି। ରାଜ୍ୟ ସରକାର ଆଦିବାସୀଙ୍କୁ ମହୁଲର ଉଚିତ ଦାମ ଦେବାକୁ ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ତେବେ ସରକାରୀ ଅଧିକାରୀ ଓ ମହୁଲି ମଦ ବ୍ୟବସାୟୀଙ୍କ ଫନ୍ଦିଫିକର ଯୋଗୁ ଆଦିବାସୀମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ପାଉନାହାନ୍ତି। ଏପରି କି ସେମାନେ କମ୍ ଦରରେ ବିକିବାକୁ ବାଧ୍ୟ ହେଉଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟ ସରକାର ମହୁଲି ମଦରୁ ଯେଉଁ ରାଜସ୍ୱ ପାଇବା କଥା ସରକାରୀ କର୍ମଚାରୀଙ୍କ ଧୋକାବାଜି ଯୋଗୁ ତାହା ହରାଇବାକୁ ପଡିଛି। ଅବକାରୀ ରାଜସ୍ୱ ସମ୍ପର୍କରେ ଅଡିଟ ☞ପୃଷ୍ଠା-୪



**ଆଦିବାସୀଙ୍କୁ ଧୋକା**
- ୬.୬୩ କୋଟି ଟଙ୍କା ମୂଲ୍ୟ ପାଇଲେନି ସଂଗ୍ରହକାରୀ
- ଯାଞ୍ଚ ହେଉନି ମହୁଲି ମଦର ମାନ
- ସିଏଜିଙ୍କ ଉଦ୍‌ବେଗ

# ରାଜଧାନୀର ୫୦ ପ୍ରତିଶତଙ୍କ ଦେହରେ ଆଣ୍ଟିବଡି

**ଭୁବନେଶ୍ୱର, ୩୦।୧୦ (ବ୍ୟୁରୋ)**

ଭୁବନେଶ୍ୱରରେ ୫୦% ଲୋକଙ୍କ ଦେହରେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି। ତୃତୀୟ ପର୍ଯ୍ୟାୟ ସେରୋଲୋଜିକାଲ ସର୍ଭେ ତଥ୍ୟରୁ ଏହା ଜଣାପଡ଼ିଛି ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡାକ୍ତର ସଂଘମିତ୍ରା ପତି ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରରେ ବର୍ତ୍ତମାନ ୫୦ ପ୍ରତିଶତ ଲୋକଙ୍କୁ କରୋନା ସଂକ୍ରମଣ ହୋଇସାରିଲାଣି। ଏହା ସଂସ୍ପର୍ଶରେ ଆସିବା ପରେ ଲୋକଙ୍କ ଦେହରେ ଆଣ୍ଟିବଡ଼ି ବିକଶିତ ହୋଇଛି। ଜୁଲାଇ ୧୧ରେ ହୋଇଥିବା ପ୍ରଥମ ସର୍ଭେରେ ମାତ୍ର ୧.୪୨% ଲୋକଙ୍କଠାରେ ଆଣ୍ଟିବଡି ଥିଲା। ଅଗଷ୍ଟ ୨୮ ଦ୍ୱିତୀୟ ସର୍ଭେରେ ୫.୧% ଲୋକଙ୍କ ଦେହରେ ଆଣ୍ଟିବଡି ସୃଷ୍ଟି ହୋଇଥିଲା। ଅକ୍ଟୋବର ୧୬ରୁ ୧୮ ମଧ୍ୟରେ ହୋଇଥିଲା ୩ୟ ପର୍ଯ୍ୟାୟ ସେରୋ ସର୍ଭେରେ ୨୫ଟି ୱାର୍ଡରୁ ୧୪୦୩ ସାମ୍ପଲକୁ ନିଆଯାଇ ପରୀକ୍ଷା କରାଯାଇଥିଲା। ୫୫ ନମ୍ବର ୱାର୍ଡରୁ ସର୍ବନିମ୍ନ ୨୮% ଓ ୧୬ରୁ ସର୍ବାଧିକ ୬୩% ମିଳିଥିଲା। ଏହା ମଧ୍ୟରୁ କେବେଳ ୫ଟି ୱାର୍ଡରେ ଆଣ୍ଟିବଡି ବିକଶିତ ଲୋକଙ୍କ ସଂଖ୍ୟା ୬୦%ରୁ ଅଧିକ ରହିଛି। ସର୍ଭେ ଅନୁସାରେ ଏପର୍ଯ୍ୟନ୍ତ ଆହୁରି ୫୦% ଲୋକଙ୍କୁ କରୋନା ସଂକ୍ରମଣ ହୋଇନାହିଁ। ଏମାନଙ୍କ ଦେହରେ ଆଣ୍ଟିବଡ଼ି ବିକଶିତ କରିନାହିଁ। ତେଣୁ ଏହି ଲୋକେ ଏବେ ବି ସମ୍ବେଦନଶୀଳ ☞ପୃଷ୍ଠା-୪

**ଶୀତ ଋତୁରେ ଅଧିକ ସତର୍କ ରହିବାକୁ ପରାମର୍ଶ**

# ଟିକା ପାଇଁ ବୀମା କବଚ

**ବ୍ରସେଲ୍ସ,୩୦।୧୦**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କରୋନା ଭାକ୍ସିନର ଏକ ବୀମା ଯୋଜନା ପ୍ରସ୍ତୁତ କରାଯାଉଛି। ଏହି ସ୍କିମ ପାଇଁ ଅନ୍ୟ କେତେକ ପକ୍ଷଙ୍କ ସହ ମିଶି ଡବ୍ଲ୍ୟୁଏଚ୍‌ଓ ଏକ ପାଣ୍ଠି ଗଠନ କରିବ। ବୀମା ଯୋଜନାରେ ୯୨ ସ୍ୱଳ୍ପ ଆୟକାରୀ ବା ଗରିବ ରାଷ୍ଟ୍ରକୁ ସାମିଲ କରାଯିବ। ଉକ୍ତ ଦେଶଗୁଡ଼ିକର ଲୋକେ କୋଭିଡ୍-୧୯ ଭାକ୍ସିନ ନେବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ସେମାନଙ୍କୁ ବୀମା ଅନୁଯାୟୀ କ୍ଷତିପୂରଣ ମିଳିବ। କରେନା ଭାକ୍ସିନ ଆସିବାରେ ହେଉଥିବା ବିଳମ୍ବ ଯୋଗୁ ସମ୍ଭାବ୍ୟ ନିଅଣ୍ଟିଆ ସ୍ଥିତିକୁ ଦୃଷ୍ଟିରେ ରଖି ଏପରି ଯୋଜନା ପ୍ରସ୍ତୁତ କରାଯାଉଛି। ଏହାକୁ କରୋନା ଟିକା ପ୍ରସ୍ତୁତକାରୀଙ୍କ ପାଇଁ ସୁରକ୍ଷା କବଚ ବୋଲି କୁହାଯାଉଛି।

୨୦୦୯ରେ ଏଚ୍‌୧ଏନ୍‌୧ ସ୍ୱାଇନ୍ ଫ୍ଲୁ ଦେଖାଦେଇଥିବା ବେଳେ ଏହି ମହାମାରୀର ଭାକ୍ସିନ ଆସିବାରେ ବିଳମ୍ବ ହୋଇଥିଲା। ସେତେବେଳେ ଭାକ୍ସିନକୁ ନେଇ କୌଣସି ସ୍ପଷ୍ଟ ଉତ୍ତରଦାୟିତ୍ୱ ନ ଥିବାରୁ ଅନେକ ସ୍ୱଳ୍ପ ଆୟକାରୀ ଦେଶରେ ଟିକା ପ୍ରଦାନ ପ୍ରକ୍ରିୟା ଧିମେଇ ଯାଇଥିଲା। ସେହି ବିଳମ୍ବର ପୁନରାବୃତ୍ତିକୁ ଏଡ଼ାଇବା ଲାଗି ଡବ୍ଲ୍ୟୁଏଚ୍‌ଓ ଏହି ପଦକ୍ଷେପ ନେବାକୁ ଯାଉଛି। ନୂଆ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ସେହି ଆଶଙ୍କାକୁ ଦୂର କରିବା, ଯାହା ଅନ୍ତର୍ଜାତୀୟ ସ୍ତରରେ ଭାକ୍ସିନକୁ ସାମ୍ନାକୁ ଆଣିବାରେ ପ୍ରତିବନ୍ଧକ ସାଜିଥାଏ। କରୋନା ଭାକ୍ସିନ ବୀମା ଯୋଜନା ☞ପୃଷ୍ଠା-୪




- ୯୨ ଗରିବ ଦେଶ ପାଇଁ କରୋନା ଭାକ୍ସିନ ଇନ୍‌ସ୍ୟୁରାନ୍ସ
- ପାର୍ଶ୍ୱ ପ୍ରତିକ୍ରିୟା ହେଲେ ରୋଗୀଙ୍କୁ ମିଳିବ କ୍ଷତିପୂରଣ
- ଡବ୍ଲ୍ୟୁଏଚ୍‌ଓର ଏହି ଯୋଜନାରେ ରହି ନ ପାରେ ଭାରତ

# ଏଥର ହେବନି ବାଲିଯାତ୍ରା

**କଟକ ଅଫିସ,୩୦।୧୦:** ଚଳିତବର୍ଷ କଟକ ବାଲିଯାତ୍ରା ହେବନାହିଁ। କରୋନା ସଂକ୍ରମଣ ଓ ଜନ ସମାଗମକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଶୀତଦିନରେ ସଂକ୍ରମଣ ଅଧିକ ବ୍ୟାପିବା ସମ୍ଭାବନା ଥିବାରୁ ଚଳିତବର୍ଷ ବାଲିଯାତ୍ରା ସମ୍ଭବ ନୁହେଁ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବାଲିଯାତ୍ରା ହେଲେ ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକେ ଆସିବେ। ଫଳରେ କରୋନା ସ୍ଥିତି କଟକ ସହରରେ ସୁଧୁରୁଥିବା ବେଳେ ବିଗିଡିଯିବ। ଆସନ୍ତା ନଭେମ୍ବରରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍ ☞ପୃଷ୍ଠା-୪

- ଧବଳେଶ୍ୱରଙ୍କ ବଡ଼ଓଷା ପାଳନ ଉପରେ କଟକଣା
- ବନ୍ଦ ହୋଇପାରେ ବୋଇତ ବନ୍ଦାଣ ଉତ୍ସବ




# 'କେବଳ ବିବାହ ପାଇଁ ଧର୍ମାନ୍ତରୀକରଣ ଗ୍ରହଣୀୟ ନୁହେଁ'

**ନୂଆଦିଲ୍ଲୀ,୩୦।୧୦**

କେବଳ ବିବାହ ପାଇଁ ଧର୍ମାନ୍ତରୀକରଣ ଗ୍ରହଣୀୟ ନୁହେଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଏକ ମାମଲାର ବିଚାର ବେଳେ କହିଛନ୍ତି। ଏଥିସହିତ ଅଦାଲତ ଏକ ଦମ୍ପତିଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ରିପୋର୍ଟ ଅନୁଯାୟୀ ମହିଳା ଜଣକ ମୁସଲମାନ ହୋଇଥିବାବେଳେ ସେ ବିବାହର ମାସେ ପୂର୍ବରୁ ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ। ଏହି ଦମ୍ପତି ପୋଲିସ ସୁରକ୍ଷା ପାଇଁ ରିଟ୍ ପିଟିଶନ ଦାଏର କରିଥିଲେ। ଆବେଦନର ବିଚାର କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମହେଶ ଚନ୍ଦ୍ର ତ୍ରିପାଠୀ କହିଥିଲେ, କେବଳ ବିବାହ ଉଦ୍ଦେଶ୍ୟରେ ଧର୍ମାନ୍ତରୀକରଣ କରାଯାଇଥିବା ସ୍ପଷ୍ଟ ହେଉଛି। ଏଭଳି ଧର୍ମାନ୍ତରୀକରଣ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ପୂର୍ବରୁ ୨୦୧୪ରେ ଏକ ମାମଲାର ବିଚାର କରି ରାୟ ଦେଇଥିବା ଜଷ୍ଟିସ୍ ତ୍ରିପାଠୀ ସୂଚାଇବା ସହ ପିଟିଶନକୁ ଖାରଜ କରିଦେଇଥିଲେ। ଧର୍ମ ଦ୍ୱାରା ଅନୁପ୍ରାଣିତ ନ ହୋଇ ବିବାହକୁ ଏଡାଇବା କିମ୍ବା ଧର୍ମ ଉପରେ ବିଶ୍ୱାସ ନ ଥାଇ କୌଣସି ସୁବିଧା ପାଇବା ପାଇଁ ହେଉଥିବା ଧର୍ମାନ୍ତରୀକରଣ ପ୍ରାମାଣିକ ନୁହେଁ। ଧର୍ମାନ୍ତରୀକରଣ ପାଇଁ ହୃଦୟରେ ପରିବର୍ତ୍ତନ ଆସିବା ଆବଶ୍ୟକ।

**ଆଜିର ସମ୍ପାଦକୀୟ**
ବାବୁ ଓ ବଜେଟ



## ଗାଁ ମୁଖିଆଙ୍କ ସ୍ୱାମୀଙ୍କୁ ଜାଳିଦେଲେ

**ଅମେଠି:** ଉତ୍ତରପ୍ରଦେଶର ଅମେଠିରେ ରାଜନୈତିକ ଶତ୍ରୁତାରୁ ଜଣେ ଦଳିତ ଗାଁ ମୁଖିଆଙ୍କ ସ୍ୱାମୀଙ୍କୁ କେତେଜଣ ଦୁର୍ବୃତ୍ତ ଜାଳିଦେଇଛନ୍ତି। ଗୁରୁବାର ରାତିରେ ବନ୍ଦୋୟା ଗାଁ ବାହାରେ ଅର୍ଜୁନ (୫୦) ନାମକ ବ୍ୟକ୍ତି ଜଳୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି।

# ତେଜୁଛି ମାକ୍ରଁ ବିରୋଧୀ ବିକ୍ଷୋଭ

ନୂଆଦିଲ୍ଲୀ/ପ୍ୟାରିସ୍,୩୦।୧୦

ତଥାକଥିତ ଇସ୍‌ଲାମ ବିରୋଧୀ ଆଭିମୁଖ୍ୟକୁ ନେଇ ଫ୍ରାନ୍ସକୁ ନିନ୍ଦିତ ହେବାକୁ ପଡ଼ିଛି। ବିଶେଷକରି ମୁସଲମାନ ବହୁଳ ରାଷ୍ଟ୍ରଗୁଡ଼ିକରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କୁ କଡ଼ା ବିରୋଧ କରାଯାଇଛି। ଏପରି କି ଭାରତର ବିଭିନ୍ନ ରାଜ୍ୟରେ ମଧ୍ୟ ମାକ୍ରଁଙ୍କ କୁଶପୁତ୍ତଳିକା ଦାହ ସହ ରାସ୍ତାରେ ଫଟୋ ଛପାଯିବା ଭଳି ଘଟଣା ସାମ୍ନାକୁ ଆସିଛି।

ଫ୍ରାନ୍ସର ବ୍ୟଙ୍ଗ ପତ୍ରିକା ଶାର୍ଲି ଏବ୍‌ଦୋରେ ପ୍ରୋଫେଟ୍ ମହମ୍ମଦଙ୍କ କାର୍ଟୁନ ଓ ପରେ ତୁର୍କୀ ରାଷ୍ଟ୍ରପତି ରେସେପ ତୈୟପ ଏର୍ଡୋଗାନଙ୍କ ବ୍ୟଙ୍ଗଚିତ୍ର ପ୍ରକାଶ ପାଇବା ପରେ ମୁସଲମାନ ସମ୍ପ୍ରଦାୟ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଶୁକ୍ରବାର ମୁମ୍ବାଇସ୍ଥିତ ମହମ୍ମଦ ଅଲି ରୋଡ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରଁଙ୍କ ପୋଷ୍ଟର ଛପାଯାଇଥିଲା। ଉକ୍ତ ଫଟୋ ଉପରେ ଲୋକେ ଚାଲି ଚାଲି ଯାଉଥିବାବେଳେ ଯାନବାହନଗୁଡ଼ିକ ମଧ୍ୟ ତା' ଉପରେ ଦେଇ ଯାତାୟାତ କରୁଥିଲା। ପୋଲିସ ଏହାକୁ ହଟାଇବା ବେଳକୁ ଏହି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇସାରିଥିଲା। କେତେଜଣ ବ୍ୟକ୍ତି ହାତରେ ପ୍ଲାକାର୍ଡ ଧରିଥିଲେ। ସେଥିରେ ମାକ୍ରଁଙ୍କ ଫଟୋରେ ଚପଲ ମାଡ଼ର ଚିହ୍ନ ଦେଖିବାକୁ ମିଳିଥିଲା। ଏହାକୁ ନେଇ ମହାରାଷ୍ଟ୍ରରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଭାଜପା ଶାସକ ଶିବସେନାକୁ ଟାର୍ଗେଟ କରିଛି। ଭାଜପା ନେତା କିରିଟ ସୋମୈୟା କହିଛନ୍ତି, ଶିବସେନା ଇସ୍‌ଲାମିକ୍ ଆତଙ୍କବାଦକୁ ସମର୍ଥନ କରୁଛି। ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି।

ମଧ୍ୟପ୍ରଦେଶର ଭୋପାଳ, ଉତ୍ତରପ୍ରଦେଶର ଆଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି, ପଞ୍ଜାବର ଲୁଧିଆନା ଓ ଜମ୍ମୁ-କଶ୍ମୀରର ଶ୍ରୀନଗର ସମେତ ଦେଶର ଆଉ କେତେକ ସ୍ଥାନରେ ମଧ୍ୟ ଅନୁରୂପ ବିକ୍ଷୋଭ ଦେଖିବାକୁ ମିଳିଛି। ରାଜ୍ୟରେ ଶାନ୍ତି ଭଙ୍ଗକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଚେତାବନୀ ଦେବା ପରେ ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସୋସିଆଲ ମିଡିଆରେ ହ୍ୟାଶଟ୍ୟାଗ୍ ବୟକଟ ଫ୍ରେଞ୍ଚ ପ୍ରଡକ୍ଟସ୍ ଟ୍ରେଣ୍ଡ କରୁଛି।

ସୂଚନାଯୋଗ୍ୟ, ଫ୍ରାନ୍ସର ନିସ୍ ସହରସ୍ଥିତ ନୋର୍ତେ ଡେମ୍ ଚର୍ଚ୍ଚରେ ଗୁରୁବାର ଜଣେ ଆତଙ୍କବାଦୀ ଛୁରାମାଡ଼ କରି ୨ ଜଣଙ୍କୁ ହତ୍ୟା କରିବା ପରେ ଜଣେ ମହିଳାଙ୍କ ମୁଣ୍ଡ କାଟି ଦେଇଥିଲେ। ଏହାକୁ ମାକ୍ରଁ 'ଇସ୍‌ଲାମିକ୍ ଆତଙ୍କବାଦୀ ଆକ୍ରମଣ' ଭାବେ ଅଭିହିତ କରିବା ସହ ଏପରି କାଣ୍ଡକୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି କହିଥିଲେ। ଘଟଣାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିନ୍ଦା କରିଥିଲେ। ଏହା ସହ ମାକ୍ରଁଙ୍କ ଇସ୍‌ଲାମିକ୍ ଆତଙ୍କବାଦ ବିରୋଧୀ ଲଢ଼େଇକୁ ଭାରତ ସମର୍ଥନ କରୁଥିବା ମୋଦି କରିଥିଲେ। ଏହାର ଦିନକ ପରେ ଭାରତରେ ଏପରି ମାକ୍ରଁ ବିରୋଧୀ ବିକ୍ଷୋଭ ଦେଖିବାକୁ ମିଳିଛି।



ମୁମ୍ବାଇ ରାସ୍ତାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ପୋଷ୍ଟରକୁ ଜଣେ ମହିଳା ମାଡୁଛନ୍ତି।



ଶ୍ରୀନଗରରେ ମାକ୍ରଁଙ୍କ ଫଟୋ ଧରି ବିକ୍ଷୋଭ କରୁଛନ୍ତି ବ୍ୟବସାୟୀ।

## ସଂକ୍ଷେପରେ

### ଇଭିଏମ୍‌ରୁ ଚିହ୍ନ ହଟାଇବା ଲାଗି ସୁପ୍ରିମକୋର୍ଟରେ ଆବେଦନ

**ନୂଆଦିଲ୍ଲୀ,୩୦।୧୦(ପି.ଟି.):** ବାଲଟ ପେପର ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରୁ ଦଳୀୟ ଚିହ୍ନ ହଟାଇ ତାହା ପରିବର୍ତ୍ତେ ପ୍ରାର୍ଥୀଙ୍କ ନାମ, ବୟସ, ଶିକ୍ଷାଗତ ଯୋଗ୍ୟତା ଓ ଫଟୋ ଲଗାଇବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ଲାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ଇଭିଏମ୍‌ରେ ଦଳୀୟ ଚିହ୍ନର ବ୍ୟବହାରକୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବା ପାଇଁ ଆବେଦନକାରୀ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ କୋର୍ଟଙ୍କୁ ଅନୁରୋଧ କରିଛନ୍ତି। ରାଜନୀତିରୁ ଦୁର୍ନୀତି ଓ ଅପରାଧୀକରଣର ମୂଳୋତ୍ପାଟନ କରିବାକୁ ହେଲେ ଇଭିଏମ୍ ଏବଂ ବାଲଟ ପେପରରେ ଦଳୀୟ ଚିହ୍ନ ପରିବର୍ତ୍ତେ ପ୍ରାର୍ଥୀଙ୍କ ନାମ, ଯୋଗ୍ୟତା ଇତ୍ୟାଦି ରହିବା ସବୁଠୁ ଭଲ ସମାଧାନ ବୋଲି ଆବେଦନକାରୀ କହିଛନ୍ତି। ଏହା ହେଲେ ଭୋଟରମାନେ ବିଜ୍ଞ, ପରିଶ୍ରମୀ ଓ ସଚ୍ଚୋଟ ପ୍ରାର୍ଥୀଙ୍କୁ ବାଛିପାରିବେ। ସେହିପରି ଦଳୀୟ ଚିହ୍ନ ନ ରହିଲେ ଟିକେଟ ବଣ୍ଟନରେ ନେତାଙ୍କ ଏକଚ୍ଛତ୍ରବାଦିତା ମଧ୍ୟ ନିୟନ୍ତ୍ରଣ ହୋଇପାରିବ। ସେମାନେ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଉପଯୁକ୍ତ ବ୍ୟକ୍ତିଙ୍କୁ ଟିକେଟ ଦେବାକୁ ବାଧ ହେବେ। ନିର୍ବାଚନୀ ସଂସ୍କାର ପାଇଁ କାର୍ଯ୍ୟ କରୁଥିବା ସଂଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍)ର ସର୍ଭେ ଅନୁଯାୟୀ ୫୩୯ ନିର୍ବାଚିତ ଏମ୍‌ପିଙ୍କ ମଧ୍ୟରୁ ୨୩୩ ଜଣ ଅର୍ଥାତ୍ ୪୩ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। ୨୦୧୪ ନିର୍ବାଚନରେ ୫୪୨ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରୁ ୧୮୫ ଜଣ ଅର୍ଥାତ୍ ୩୪ ପ୍ରତିଶତଙ୍କ ନାମରେ ଅପରାଧ ମାମଲା ଥିବା ଜଣାପଡ଼ିଥିଲା। ଇଭିଏମ୍‌ରେ ଦଳୀୟ ଚିହ୍ନର ବ୍ୟବହାର ଯୋଗୁ ଏଭଳି ସ୍ଥିତି ଦେଖାଦେଉଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି।

### ପାହାଡ଼ ଉପରୁ ଅଟୋ ଖସି ୭ ମୃତ

**ରାଜମହେନ୍ଦ୍ରୀ,୩୦।୧୦(ଆଇଏଏନ୍ଏସ୍):** ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର ଏକ ପାହାଡ଼ ଉପରୁ ଅଟୋରିକ୍ସା ଖସିପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି। ୧୬ ଜଣ ଯାତ୍ରୀ ଏକ ବିବାହୋତ୍ସବରେ ଯୋଗଦେଇ ଶୁକ୍ରବାର ଅପରାହ୍ଣରେ ମାଲବାହୀ ଅଟୋରିକ୍ସାରେ ଫେରୁଥିବାବେଳେ ଥଙ୍କିକୋଣ୍ଡା ଗ୍ରାମ ବାହାରେ ଥିବା ମନ୍ଦିର ନିକଟରେ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

### ବେଙ୍ଗାଲୁରୁ ଫାର୍ମକୁ କ୍ଷତିପୂରଣ ଦେବା ପାଇଁ ଇସ୍ରୋକୁ ନିର୍ଦ୍ଦେଶ

**ୱାଶିଂଟନ,୩୦।୧୦:** ଡେଭାସ ମଲ୍ଟିମିଡିଆ ନାମକ ବେଙ୍ଗାଲୁରୁର ଏକ ଷ୍ଟାର୍ଟଅପ୍‌କୁ ୧.୨ ବିଲିୟନ ଡଲାର କ୍ଷତିପୂରଣ ଦେବା ଲାଗି ଆମେରିକାର ଏକ ଅଦାଲତ ଇସ୍ରୋର ବ୍ୟବସାୟିକ ଶାଖା ଆଣ୍ଟ୍ରିକ୍ସ କର୍ପୋରେଶନକୁ ନିର୍ଦ୍ଦେଶ ଦେଇଛି। ୨୦୦୫ରେ ଉକ୍ତ ଷ୍ଟାର୍ଟଅପ୍ର ଏକ ସାଟେଲାଇଟ୍ ଚୁକ୍ତିନାମାକୁ ଆଣ୍ଟ୍ରିକ୍ସ କର୍ପୋରେଶନ ବାତିଲ କରିଥିଲା। ୨୦୦୫ ଜାନୁୟାରୀରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଆଣ୍ଟ୍ରିକ୍ସ ଦୁଇଟି ସାଟେଲାଇଟ୍ ନିର୍ମାଣ କରିବା ସହ ଏହାକୁ ଲଞ୍ଚ କରିବା ଓ ପରିଚାଳନା କରିବା ପାଇଁ ରାଜି ହୋଇଥଲା। ଏଥିସହିତ ଡେଭାସ୍‌କୁ ୭୦ ମେଗାହର୍ଜ ଏସ୍-ବ୍ୟାଣ୍ଡ ସ୍ପେକ୍ଟ୍ରମ୍ ଉପଲବ୍ଧ ହୋଇଥାନ୍ତା, ଯାହାକୁ ସେ ହାଇବ୍ରିଡ୍ ସାଟେଲାଇଟ ପ୍ରଦାନ କରିବା ଓ ଭାରତରେ ଯୋଗାଯୋଗ ସେବା ଯୋଗାଇବାରେ ବ୍ୟବହାର କରିଥାନ୍ତା। ତେବେ ୨୦୧୧ ଫେବୃୟାରୀରେ ଆଣ୍ଟ୍ରିକ୍ସ ଏହି ଚୁକ୍ତିନାମାକୁ ରଦ୍ଦ କରିଦେଇଥିଲା। ଫଳରେ ଡେଭାସ ଭାରତର ବିଭିନ୍ନ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଟ୍ରିବ୍ୟୁନାଲକୁ ଯିବା ଲାଗି ସୁପ୍ରିମକୋର୍ଟ ଉକ୍ତ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଡେଭାସ ଆମେରିକା ୱାଶିଂଟନ ଡିଷ୍ଟ୍ରିକ୍ଟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଡେଭାସ ମଲ୍ଟିମିଡିଆ କର୍ପୋରେଶନକୁ ୫୬୨.୫ ନିୟୁତ ଡଲାର କ୍ଷତିପୂରଣ ଓ ସୁଧ ସମେତ ମୋଟ ୧.୨ ବିଲିୟନ ଡଲାର ପ୍ରଦାନ କରିବାକୁ ବିଚାରପତି ଥୋମାସ୍ ଏସ୍ ଜିଲ୍ଲୀ ଆଣ୍ଟ୍ରିକ୍ସ କର୍ପୋରେଶନକୁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି।

## ଫାରୁକ୍‌ଙ୍କୁ ନମାଜ ପାଠ ପାଇଁ ଛଡ଼ାଗଲାନାହିଁ



ଶ୍ରୀନଗର,୩୦।୧୦(ପି.ଟି.)

ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ମିଲାଦ-ଉନ୍-ନବୀ ଅବସରରେ ଶୁକ୍ରବାର ହଜରତବଲ୍ ଦରଗାରେ ନମାଜ ପାଠ କରିବାକୁ ଚାହୁଁଥିବାବେଳେ ଜମ୍ମୁ-କଶ୍ମୀର କର୍ତ୍ତୃପକ୍ଷ ତାଙ୍କୁ ଘରୁ ବାହାରିବାକୁ ଦେଇନାହାନ୍ତି। ପ୍ରାର୍ଥନା କରିବା ମୌଳିକ ଅଧିକାରର ଉଲ୍ଲଂଘନକୁ ଜମ୍ମୁ-କଶ୍ମୀର ଏନ୍‌ସି ନିନ୍ଦା କରିଛି। ଶ୍ରୀନଗର ଏମ୍‌ପି ଫାରୁକ୍‌ଙ୍କୁ ହଜରତବଲ୍‌ରେ ନମାଜ ପାଠ ପାଇଁ ଛଡ଼ା ନ ଯିବା ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ମୌଳିକ ଅଧିକାରକୁ ସଙ୍କୁଚିତ କରିବାର ଅତ୍ୟନ୍ତ ହୀନ ମାନସିକତା ବୋଲି ପିପୁଲ୍ସ ଆଲିଆନ୍ସ ଫର୍ ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି) ପକ୍ଷରୁ କୁହାଯାଇଛି।

## ୩ ଭାଜପା କର୍ମୀଙ୍କ ହତ୍ୟା ପଛରେ ଲଶ୍କର

**ଶ୍ରୀନଗର, ୩୦।୧୦:** ଜମ୍ମୁ-କଶ୍ମୀରର ଗୁଲ୍‌ଗାମ୍ ଜିଲା ୱାଇକେପୋରାରେ ଗୁରୁବାର ରାତିରେ ୩ ଭାଜପା କର୍ମୀଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଏହା ପଛରେ ପାକ୍ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର ହାତ ଥିବା ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ଭାଜପା କର୍ମୀ ଫିଦା ହୁସେନ୍, ଉମର ହାଜମ୍ ଓ ରଶିଦ୍ ବେଗ୍‌ଙ୍କ ହତ୍ୟା ପାଇଁ ଲଶ୍କର ସହଯୋଗୀ ଦ ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍ଏଫ୍) ନିଜକୁ ଦାୟୀ କରିଛି।

## ଗତ ମାସରେ ଟ୍ୟୁନିସିଆରୁ ଆସିଥିଲେ ଆତଙ୍କବାଦୀ

ପ୍ୟାରିସ୍,୩୦।୧୦(ଆଇଏଏନ୍ଏସ୍)



**ନିସ୍ ଆକ୍ରମଣକାରୀ ଇବ୍ରାହିମ୍ ଔଇସାଓଉଇଙ୍କ ଅବସ୍ଥା ସଙ୍କଟାପନ୍ନ**

ଫ୍ରାନ୍ସର ନିସ୍ସ୍ଥିତ ନୋର୍ତେ ଡେମ୍ ଚର୍ଚ୍ଚରେ ଛୁରାମାଡ଼ କରି ୩ ଜଣଙ୍କ ଜୀବନ ନେଇଥିବା ଆତଙ୍କବାଦୀ ଜଣେ ଟ୍ୟୁନିସିଆ ନାଗରିକ। ୨୧ ବର୍ଷୀୟ ଇବ୍ରାହିମ୍ ଔଇସାଓଉଇ ଆକ୍ରମଣ ବେଳେ ପୋଲିସର ଗୁଳିମାଡ଼ରେ ଗୁରୁତର ଅଛନ୍ତି। ତାଙ୍କୁ ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମିଳିଥିବା ସୂଚନାନୁସାରେ ଇବ୍ରାହିମ ଗତମାସରେ ଏକ ଶରଣାର୍ଥୀ ବୋଟ୍‌ରେ ୟୁରୋପକୁ ଆସିଥିଲେ। ଲାମ୍ପେଦୁସା ଦ୍ୱୀପରେ ପହଞ୍ଚିବା ପରେ ତାଙ୍କୁ ଏକ ଇଟାଲୀୟ ରେଡ୍‌କ୍ରସ ଦସ୍ତାବିଜ ଜାରି କରାଯାଇଥିଲା। ତାଙ୍କ ନିକଟରୁ ଏକ କୋରାନ, ଦୁଇଟି ଫୋନ ଓ ୧୨ ଇଞ୍ଚର ଗୋଟିଏ ଛୁରି ଜବତ ହୋଇଛି।

## 'ଫରାସୀଙ୍କୁ ହତ୍ୟା କରିପାରିବେ ମୁସଲମାନ'

**ମହାଥିର ମହମ୍ମଦଙ୍କ ବିବାଦୀୟ ପୋଷ୍ଟ ହଟାଇଲା ଟୁଇଟର**

**କୁଆଲାଲମ୍ପୁର,୩୦।୧୦:** ନିସ୍ ଆକ୍ରମଣର କିଛି ସମୟ ପରେ ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ ଟୁଇଟର୍‌ରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଲକ୍ଷ ଲକ୍ଷ ଫରାସୀଙ୍କୁ ହତ୍ୟା କରିବା ଅଧିକାର ମୁସଲମାନମାନଙ୍କର ରହିଛି। ଏହାକୁ ନେଇ ଫ୍ରାନ୍ସ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଟୁଇଟର୍ ଉକ୍ତ ପୋଷ୍ଟକୁ ଡିଲିଟ୍ କରିଦେଇଛି। ହିଂସାକୁ



ମହିମାମଣ୍ଡିତ କରୁଥିବା ଏହି ଟୁଇଟ୍ ଆମର ନିୟମଗୁଡ଼ିକୁ ଉଲ୍ଲଂଘନ କରୁଛି ବୋଲି ଟୁଇଟର ପକ୍ଷରୁ କୁହାଯାଇଛି। ମହାଥିରଙ୍କ ଟୁଇଟର ଆକାଉଣ୍ଟକୁ ତୁରନ୍ତ ସସ୍‌ପେଣ୍ଡ କରାଯାଉ ବୋଲି ଫ୍ରାନ୍ସର ଜୁନିୟର ଡିଜିଟାଲ ଆଫେୟାର୍ସ ମନ୍ତ୍ରୀ ସେଡ୍ରିକ୍ ଓ ଦାବି କରିଛନ୍ତି।

## ତୁର୍କୀ, ଗ୍ରୀସ୍‌ରେ ଭୂକମ୍ପ ପରେ ସୁନାମି


ତୁର୍କୀର ଇଜ୍‌ମିର୍‌ରେ ଭଗ୍ନାବଶେଷ ଉପରେ ଠିଆ ହୋଇଛନ୍ତି ଜଣେ ବ୍ୟକ୍ତି।

ଇସ୍ତାନବୁଲ/ଏଥେନ୍ସ,୩୦।୧୦

**୬ ମୃତ, ଶତାଧିକ ଆହତ ବହୁ ବିଲ୍ଡିଂ ଧୂଳିସାତ୍**

ଗ୍ରୀସ୍ ଓ ତୁର୍କୀରେ ଶୁକ୍ରବାର ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ବହୁ ବିଲ୍ଡିଂ ଧୂଳିସାତ୍ ହୋଇଯାଇଛି। ଭୂମିକମ୍ପ ପରେ ସୁନାମି ଆସିବାରୁ ତୁର୍କୀର ଇଜ୍‌ମିର୍ ରିସର୍ଟ ସହରର ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଛି। ପୂର୍ବ ଏଜିଆନ୍ ସି'ରେ ଥିବା ସାମୋସ୍ ଦ୍ୱୀପରେ ବ୍ୟାପକ କ୍ଷୟକ୍ଷତି ହୋଇଛି।

ଆମେରିକାର ଭୂତାତ୍ତ୍ୱିକ ସର୍ଭେ ରିପୋର୍ଟ ଅନୁଯାୟୀ ୭.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଏଜିଆନ୍ ସି'ରେ ଏହାର କେନ୍ଦ୍ରସ୍ଥଳ ଯାହା ଗ୍ରୀକ୍ ସହର କାର୍ଲୋଭାସିଠାରୁ ୧୪ କିଲୋମିଟର ଦୂରରେ ଅବସ୍ଥିତ। ତେବେ ତୁର୍କୀ ସରକାରଙ୍କ ବିପର୍ଯ୍ୟୟ ସଂସ୍ଥା ରିପୋର୍ଟ ଅନୁଯାୟୀ ଭୂକମ୍ପର ତୀବ୍ରତା ୬.୬ ହୋଇଥିବାବେଳେ ଏହା ୬.୭ ବୋଲି ଗ୍ରୀସ୍‌ର ସିସ୍‌ମୋଲୋଜିକାଲ ଏଜେନ୍ସି କହିଛି। ଏଜିଆନ୍ ସି ଉପକୂଳରେ ଥିବା ତୁର୍କୀର ଇଜ୍‌ମିର୍‌ରେ ବହୁ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିବା ଦେଖାଯାଇଛି। ଭଗ୍ନାବଶେଷ ରାସ୍ତା ଉପରେ ଜମା ହୋଇରହିଥିବାବେଳେ ଏହା ତଳେ ବହୁ ଲୋକ ରହିଯାଇଥିବା ଆଶଙ୍କା କରାଯାଉଛି।

## ଷ୍ଟାର ପ୍ରଚାରକ ତାଲିକାରୁ କମଲନାଥ ବାଦ୍

ନୂଆଦିଲ୍ଲୀ, ୩୦।୧୦

ଷ୍ଟାର ପ୍ରଚାରକ ତାଲିକାରୁ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା କମଲନାଥଙ୍କୁ ନିର୍ବାଚନ ଆୟୋଗ ବାଦ୍ ଦେଇଛନ୍ତି। ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଏଭଳି ପଦକ୍ଷେପ ନିଆଯାଇଛି। ୨୮ ବିଧାନସଭା ଆସନ ଲାଗି ୩ରେ ଉପନିର୍ବାଚନ କରାଯାଉଥିବାବେଳେ କମଲନାଥ ପ୍ରଚାର ବେଳେ ଇସିଙ୍କ ଗାଇଡ୍‌ଲାଇନ୍ ମାନି ନ ଥିବା କୁହାଯାଇଛି। ସେ ଏହାକୁ ଅମାନ୍ୟ କରି ପ୍ରଚାର କଲେ, ତାଙ୍କର ଗସ୍ତ, ରହିବା ଖର୍ଚ୍ଚ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ନିଜେ ବହନ କରିବେ। ପ୍ରକାଶଥାଉ କି, କମଲନାଥ ଭାଜପାର ମହିଳା ପ୍ରାର୍ଥୀ ଇମର୍ତ୍ତୀ ଦେବୀଙ୍କୁ 'ଆଇଟମ୍' ବୋଲି କହିବା ପରେ ବିବାଦ ଉପୁଜିଥିଲା।



## ମଇଦାନରେ ୪୯୫ କୋଟିପତି

**ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ପାଟନା, ୩୦।୧୦

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୩ରେ ହେବାକୁ ଥିବାବେଳେ ଏହି ପର୍ଯ୍ୟାୟରେ ମଇଦାନକୁ ଓହ୍ଲାଇଥିବା ୧,୪୬୩ ପ୍ରାର୍ଥୀଙ୍କ ମଧ୍ୟରୁ ୩୪% ଅର୍ଥାତ୍ ୪୯୫ ପ୍ରାର୍ଥୀ କୋଟିପତି ବୋଲି ଜଣାପଡ଼ିଛି। ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ଆର୍‌ଜେଡିର ୪୬, ଭାଜପାର ୩୯, ଏଲ୍‌ଜେପିର ୩୮, କଂଗ୍ରେସର ୨୦, ଜେଏପି-ଏଲ୍'ର ୨୫, ଆର୍‌ଏଲ୍‌ଏସ୍‌ପି'ର ୨୪, ଭିଆଇପିର ୪ ଓ ୧୪୪ ସ୍ୱାଧୀନ ପ୍ରାର୍ଥୀ କୋଟିପତି।

ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ସଞ୍ଜୀବ ସିଂ ସବୁଠାରୁ ଧନୀ ପ୍ରାର୍ଥୀ ହୋଇଥିବାବେଳେ ବୈଶାଳୀରୁ ସେ ନିର୍ବାଚନ ଲଢ଼ୁଛନ୍ତି। ତାଙ୍କ ପାଖରେ ୫୬ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏଡିଆର୍ ରିପୋର୍ଟ ମୁତାବକ ୧୧୮ ପ୍ରାର୍ଥୀଙ୍କ ପାଖରେ ୫ କୋଟିରୁ ଅଧିକ ସମ୍ପତ୍ତି ରହିଛି। ସେହିଭଳି ୧୮୫ ପ୍ରାର୍ଥୀଙ୍କ ପାଖରେ ୨ କୋଟିରୁ ୫ କୋଟି ମଧ୍ୟରେ ସମ୍ପତ୍ତି ଅଛି। ପ୍ରକାଶଥାଉ କି, ୧୭ ରାଜ୍ୟର ୯୪ ଆସନ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୧,୩୧୫ ପୁରୁଷ, ୧୪୭ ମହିଳା ଓ ଜଣେ କିନ୍ନର ପ୍ରାର୍ଥୀ ଅଛନ୍ତି।

## ୧୮% ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

**ଗୁଜରାଟ ଉପନିର୍ବାଚନ**

ଗାନ୍ଧୀନଗର, ୩୦।୧୦

ଗୁଜରାଟର ୮ ବିଧାନସଭା ଆସନ ଲାଗି ୩ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ମଇଦାନରେ ଥିବା ୮୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୪ଜଣ ଅର୍ଥାତ୍ ୧୮% ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ୭ ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଛି। ଦଳୀୟ ଭିତ୍ତିରେ ଦେଖିବାକୁ ଗଲେ, ଭାରତୀୟ ଟ୍ରାଇବାଲ ପାର୍ଟିର ୨ ଜଣରୁ ଜଣେ, ଭାଜପାର ୮ ଜଣରୁ ୩, କଂଗ୍ରେସର ୮ ଜଣରୁ ୨, ସ୍ୱାଧୀନ ପ୍ରାର୍ଥୀଙ୍କ କ୍ଷେତ୍ରରେ ୫୩ରୁ ୮ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବା ଏଡିଆର୍ ଦର୍ଶାଇଛି।

## କୋଭିଡ୍ ଟିକା ପରିଚାଳନା ଲାଗି କମିଟି ଗଠନ କର

**ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ**

ନୂଆଦିଲ୍ଲୀ,୩୦।୧୦(ପି.ଟି.)

କୋଭିଡ୍-୧୯ ଟିକା ଯେପରି ସୁବିଧାରେ ଉପଯୁକ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ସମନ୍ୱୟ ରଖିବା ଓ ଟିକାକରଣର ତଦାରଖ ଲାଗି କମିଟି ଗଠନ କରିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଟିକାକରଣ ଅଭିଯାନ ବେଳେ ନିୟମିତ ସ୍ୱାସ୍ଥ୍ୟସେବା ଯେପରି ବାଧାପ୍ରାପ୍ତ ନ ହୁଏ, ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସୋସିଆଲ ମିଡିଆରେ ଟିକାକୁ ନେଇ ଯେପରି କୌଣସି ଗୁଜବ ପ୍ରଚାର ନ ହୁଏ, ତାହା ଉପରେ ମଧ୍ୟ କେନ୍ଦ୍ର ଜୋର୍ ଦେଇଛି।

ଟିକା ଆସିବା ପରେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଦାନ କରାଯିବ ଓ ବର୍ଷକ ମଧ୍ୟରେ ବିଭିନ୍ନ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯିବ। ଏଥିପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ କମିଟି ଗଠନ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷ୍ଟିଅରିଂ କମିଟି (ଏସ୍‌ଏସ୍‌ସି), ଅତିରିକ୍ତ ମୁଖ୍ୟ ସଚିବ କିମ୍ବା ପ୍ରମୁଖ ସ୍ୱାସ୍ଥ୍ୟ ସଚିବଙ୍କ ନେତୃତ୍ୱରେ ରାଜ୍ୟ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଏବଂ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ଟାସ୍କଫୋର୍ସ (ଡିଟିଏଫ୍) ଗଠନ କରିବାକୁ ଗଠନ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ପ୍ରସ୍ତାବ ଦେଇଛନ୍ତି।

## ଆରୋଗ୍ୟ ବନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୦।୧୦(ପିଆଇବି)


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅରୋଗ୍ୟ ବନ ଉଦ୍‌ଘାଟନ କରିବା ପରେ ବୁଲି ଦେଖୁଛନ୍ତି।

- ଆରୋଗ୍ୟ କୁଟୀର, ଏକତା ମଲ୍, ଶିଶୁ ପୋଷଣ ଉଦ୍ୟାନ ଉଦ୍‌ଘାଟିତ
- ଷ୍ଟାଚ୍ୟୁ ଅଫ୍ ୟୁନିଟି ଲାଗି ଏକତା କ୍ରୁଜ୍‌ସେବାର ଶୁଭାରମ୍ଭ
- ସର୍ଦ୍ଦାର ପଟେଲ ପ୍ରାଣୀ ଉଦ୍ୟାନ ଲୋକାର୍ପିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟ ଗସ୍ତରେ ଯାଇ ଶୁକ୍ରବାର କେଓ୍ୱଡିଆଠାରେ ବିଭିନ୍ନ ସମନ୍ୱିତ ବିକାଶ ପରିଯୋଜନାର ଉଦ୍‌ଘାଟନ କରିଛନ୍ତି। ଆରୋଗ୍ୟ ବନ, ଆରୋଗ୍ୟ କୁଟୀରର ସେ ଶୁଭ ଉଦ୍‌ଘାଟନ କରିବା ସହ ଏକତା ମଲ୍ ଓ ଶିଶୁ ପୋଷଣ ଉଦ୍ୟାନକୁ ମଧ୍ୟ ସେ ଲୋକାର୍ପିତ କରିଛନ୍ତି। ପ୍ରାୟ ୧୭ ଏକର ଜାଗା ପରିମିତ ଆରୋଗ୍ୟ ବନରେ ୩୮୦ ପ୍ରକାର ଭିନ୍ନ ଭିନ୍ନ ୫ ଲକ୍ଷ ବୃକ୍ଷ ରହିଛି। ଆରୋଗ୍ୟ କୁଟୀରରେ ବିଭିନ୍ନ ପ୍ରକାର ପୁରୁଣାକାଳର ଚିକିତ୍ସା ବ୍ୟବସ୍ଥା ରହିଛି। ଏହାକୁ ଶାନ୍ତିଗିରି ୱେଲ୍‌ନେସ୍ ସେଣ୍ଟର ଭାବେ ନାମିତ କରାଯାଇଛି। ଆୟୁର୍ବେଦ, ସିଦ୍ଧ ଓ ପଞ୍ଚକର୍ମ ସହ ଏହା ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହୋଇପାରିବ।

ଏକତା ମଲ୍‌ରେ ଭାରତର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଓ ପାରମ୍ପରିକ ବସ୍ତୁ ରହିଛି। ଏହା ଏକତାର ପ୍ରତୀକ ଭାବେ ରହି ୩,୫୦୦ ବର୍ଗଫୁଟ ମଧ୍ୟରେ ରହିଛି। ଏଠାରେ ୨୦ ଏମ୍ପୋରିୟମ ରହିଛି। ମାତ୍ର ୧୧୦ଦିନରେ ଏହାକୁ ନିର୍ମାଣ କରାଯାଇଛି। ସେଠାରେ ସେହିଭଳି ୩୫,୦୦୦ ବର୍ଗଫୁଟରେ ଶିଶୁ ପୋଷଣ ଉଦ୍ୟାନ ନିର୍ମାଣ କରାଯାଇଛି। ଏହାର ଚାରିପଟେ ଏକ ନ୍ୟୁଟ୍ରି ଟ୍ରେନ୍ ବୁଲୁଥିବାର ଦେଖିବାକୁ ମିଳିଛି। ଏହା ଶିଶୁ ପୋଷଣ ନେଇ ସଚେତନତାର ବାର୍ତ୍ତା ପ୍ରଦାନ କରୁଛି।

ସେଠାରେ ମୋଦି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରାଣୀ ଉଦ୍ୟାନ ସହ ମୋଟ ୧୭ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ୪ ନୂଆ ପ୍ରକଳ୍ପ ଲାଗି ଶିଳାନ୍ୟାସ କରିଛନ୍ତି। ନାଭିଗେଶନ ଚ୍ୟାନେଲ, ନୂଆ ଗୋରା ସେତୁ, ଏକତା କ୍ରୁଜ୍ ସେବା, ବସ୍ ବେ ଟର୍ମିନସ୍ ଆଦି ଏହି ପ୍ରକଳ୍ପରେ ସାମିଲ ଅଛି। ଜାହାଜରେ ଯାତ୍ରାକରିବା ସହ ଷ୍ଟାଚ୍ୟୁ ଅଫ୍ ୟୁନିଟିର ମଜା ଏଥିରେ ନିଆଯାଇପାରିବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୫୬,୦୪,୬୧୫ | ୧୧,୮୯,୬୧୦ | ୩,୩୦,୮୮,୪୬୩ |
| ଭାରତ | ୮୦,୯୪,୬୩୬ | ୧,୨୧,୨୧୧ | ୭୩,୭୬,୯୬୧ |
| ଓଡ଼ିଶା | ୨,୮୮,୬୪୬ | ୧୩୦୮(+୫୩) | ୨,୭୩,୮୩୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






## ଲଘୁଚାପ: ଓଡ଼ିଶାରେ ପ୍ରଭାବ ନାହିଁ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୩୧ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବ। ଓଡ଼ିଶାରେ ଏହାର କୌଣସି ପ୍ରଭାବ ରହିବ ନାହିଁ। ତାହା ୪୮ ଘଣ୍ଟା ମଧ୍ୟରେ ବାଂଲାଦେଶ ଉପକୂଳ ଆଡ଼କୁ ମୁହାଁଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୪ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ରାତ୍ରିର ତାପମାତ୍ରା ତଳକୁ ଖସିବ। ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ପାହାଡ଼ିଆ ଜିଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ତଳକୁ ଖସିବା ଆରମ୍ଭ କରିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ର ୧୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇ ଥିବାବେଳେ ଅନୁଗୋଳରେ ୧୩.୮, ଦାରିଙ୍ଗିବାଡ଼ିରେ ୧୪, ଭବାନୀପାଟଣାରେ ୧୫.୫, କୋରାପୁଟରେ ୧୫ ଏବଂ ଫୁଲବାଣୀରେ ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।






## ବାଲେଶ୍ୱର, ତିର୍ତ୍ତୋଲ ଉପନିର୍ବାଚନ ପାଇଁ ଛୁଟି ଘୋଷଣା



**ଭୁବନେଶ୍ୱର,୩୦।୧୦(ବ୍ୟୁରୋ):** ନଭେମ୍ବର ୩ ତାରିଖରେ ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଭୋଟ ଗ୍ରହଣ ଦିନ ଅର୍ଥାତ୍ ୩ ତାରିଖରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନ ଇତ୍ୟାଦି ବନ୍ଦ ରହିବ। ସମ୍ପୃକ୍ତ ଅନୁଷ୍ଠାନ ଓ କାର୍ଯ୍ୟାଳୟର କର୍ମଚାରୀଙ୍କ ନିମନ୍ତେ ଉକ୍ତ ଦିବସକୁ ଭାରତର ନିର୍ବାଚନ ଆୟୋଗ ସବୈତନିକ ଛୁଟି ଘୋଷଣା କରିଛନ୍ତି। ଏହାଛଡ଼ା ଉଭୟ ନିର୍ବାଚନମଣ୍ଡଳୀରେ ଉପ ନିର୍ବାଚନ କାର୍ଯ୍ୟରେ ୩ ଦିନରୁ ଊର୍ଦ୍ଧ୍ୱ ନିୟୋଜିତ କର୍ମଚାରୀମାନଙ୍କୁ ଗୋଟିଏ ଦିନ ସ୍ୱତନ୍ତ୍ର ଆକସ୍ମିକ ଛୁଟି ସେହି ବର୍ଷ ନେବାକୁ ଅନୁମତି ଦିଆଯାଇଛି। ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ସମ୍ପୃକ୍ତ କର୍ମଚାରୀମାନେ ସେମାନଙ୍କ ଉପରିସ୍ଥ ଅଧିକାରୀଙ୍କୁ ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ପ୍ରମାଣପତ୍ର ଦେଖାଇ ଉକ୍ତ ସ୍ୱତନ୍ତ୍ର ଛୁଟି ନେଇପାରିବେ। ସେହିପରି ବାଲେଶ୍ୱର ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଯେଉଁ ମତଦାତାମାନେ ବାହାରେ ଚାକିରି କରୁଛନ୍ତି ସେମାନେ ମଧ ଭୋଟ ଦେବା ପାଇଁ ଭୋଟ ଗ୍ରହଣ ଦିନ ଛୁଟି ନେଇପାରିବେ। ଏଥିନିମନ୍ତେ ସମ୍ପୃକ୍ତ କର୍ମଚାରୀମାନେ ନିର୍ବାଚନମଣ୍ଡଳୀର ଭୋଟର ବୋଲି ପ୍ରମାଣପତ୍ର ଦେବା ପରେ ଉପରିସ୍ଥ ଅଧିକାରୀଙ୍କଠାରୁ ଅନୁମତି ନେଇପାରିବେ। ଲୋକ ପ୍ରତିନିଧି ୧୯୫୧ର ଧାରା ୧୩୫(ଖ) ଅନୁସାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକଙ୍କର ମତଦାନ କରିବାର ମୌଳିକ ଅଧିକାର ରହିଛି।

# ନୀରବ ବିଦ୍ରୋହ ଭାରି ପଡ଼ିବ

ତିର୍ତ୍ତୋଲ, ୩୦।୧୦ (ସ୍ୱ.ପ୍ର.)

୨୦୧୯ ନିର୍ବାଚନରେ ତିର୍ତ୍ତୋଲ ବିଧାନସଭା ଆସନରୁ ବିଜୟୀ ହୋଇଥିବା ବିଜେଡି ନେତା ବିଷ୍ଣୁଚରଣ ଦାସଙ୍କ ପରଲୋକ ପରେ ଏବେ ଚାଲିଛି ସେଠାରେ ଉପନିର୍ବାଚନ ପ୍ରକ୍ରିୟା। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକ୍ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ିର ୬୧ ପଞ୍ଚାୟତ ନେତାଙ୍କ ଛାଉଣି ହୋଇଯାଇଛି। ପ୍ରଚାର, ଶୋଭାଯାତ୍ରା, ବୈଠକ ସାଙ୍ଗକୁ ଭୋଜିଭାତର ଆସର ଜମୁଛି। ଗାଁଗଣ୍ଡାରେ ନିର୍ବାଚନୀ ମାହୋଲ ସରଗରମ ଥିବାବେଳେ ଭାଜପା ନିର୍ବାଚନ ରଣାଙ୍ଗନରେ ପଛରେ ପଡ଼ିଥିବା ଦଳର ତିର୍ତ୍ତୋଲ ପଞ୍ଚାୟତ ପୂର୍ବତନ ପ୍ରଭାରୀ ଚୌଧୁରୀ ବିଜୟ କୁମାର ସୂତାର କହିଛନ୍ତି। ସେ କହିଛନ୍ତି, କର୍ମୀଙ୍କ ସହ ଆଲୋଚନା ନ କରି ତିର୍ତ୍ତୋଲରେ ଦଳୀୟ ପ୍ରାର୍ଥୀ ଭାବେ ଭାଜପା ରାଜକିଶୋର ବେହେରାଙ୍କ ଉପରେ ଭରସା କରିଛି। ଦଳରେ ବହୁ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମୀଙ୍କ ମହଲରେ ଏନେଇ ଅସନ୍ତୋଷ ଦେଖାଦେଇଛି। ବହୁ ସ୍ଥାନରେ କର୍ମୀ ରାଜକିଶୋରଙ୍କୁ ସହଯୋଗ କରିବା ବଦଳରେ ନୀରବ ରହିବାକୁ ପସନ୍ଦ କରୁଛନ୍ତି। ଏହି ନୀରବ ବିଦ୍ରୋହ ଦଳ ପାଇଁ ଭାରି ପଡ଼ିବ ବୋଲି ସୂତାର କହିଛନ୍ତି। ସେହିପରି ଗତ ନିର୍ବାଚନର ଦଳୀୟ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ଭାଜପା ଅଣଦେଖା କରି ରାଜକିଶୋରଙ୍କୁ ପ୍ରାର୍ଥୀ କରିଛି। ରମାକାନ୍ତ ୨୦୧୯ ବିଧାନସଭା ନିର୍ବାଚନରେ ୫୩,୫୮୧ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉପନିର୍ବାଚନ ସମୟରେ ଭାଜପା ଅନ୍ୟାୟ କରିଥିବା କହି ରମାକାନ୍ତ ତାଙ୍କ ସମର୍ଥକଙ୍କ ସହ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ଏହା ଭାଜପା ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଦଳର ଅନ୍ୟ କର୍ମୀମାନେ ମତପ୍ରକାଶ କରିଛନ୍ତି। ରଘୁନାଥପୁରସ୍ଥିତ ଶାଳିଜଙ୍ଗା ଗ୍ରାମର ହେମନ୍ତ ବିଶ୍ୱାଳ କହିଛନ୍ତି ଯେ, ବିଜେଡି ପ୍ରାର୍ଥୀ ବିଜୟଶଙ୍କର ଦାସଙ୍କ ପାଇଁ


ବିଜୟଶଙ୍କର ଦାସ


ରାଜକିଶୋର ବେହେରା


ହିମାଂଶୁ ଭୂଷଣ ମଲ୍ଲିକ

ଦଳର ବହୁ ରାଜ୍ୟସ୍ତରୀୟ ନେତା ପ୍ରଚାର ଜୋରଦାର ଚଳାଇଛନ୍ତି। ଏ କ୍ଷେତ୍ରରେ ଭାଜପାରେ ସେଭଳି ଆଗ୍ରହ ଦେଖିବାକୁ ମିଳୁନାହିଁ। ଶାସକ ଦଳ ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ମନ୍ତ୍ରୀ ଅରୁଣ ସାହୁ, ମନ୍ତ୍ରୀ ରଘୁନନ୍ଦନ ଦାସ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ବହୁ ବିଧାୟକ, ପୂର୍ବତନ ବିଧାୟକ ଏବଂ ଦଳୀୟ ସଂଗଠନ ଦାୟିତ୍ୱରେ ଥିବା ନେତାମାନେ ପ୍ରାର୍ଥୀ ବିଜୟଙ୍କ ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି। ରଘୁନାଥପୁରର କିଛି ଅଞ୍ଚଳ, ଯାହାକି ଦିନେ ଭାଜପାର ଭୋଟ ବାକ୍ସ ଥିଲା, ସେଠାରେ ବିଜେଡି ତା'ର ସଙ୍ଗଠନ ମଜଭୁତ କରୁଥିବାବେଳେ ଭାଜପା ନେତାଙ୍କ ଦେଖା ମିଳୁ ନ ଥିବା ହେମନ୍ତ ବିଶ୍ୱାଳ କହିଛନ୍ତି। ତିର୍ତ୍ତୋଲରେ ଭାଜପା ପକ୍ଷରୁ ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ, ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ଅଲେଖ ଜେନା, ସୁରମା ପାଢ଼ୀଙ୍କ ସମେତ ଦଳର କେତେଜଣ ପୁରୁଖା କର୍ମୀ ପ୍ରାରମ୍ଭରୁ ପ୍ରଚାର କରୁଥିବା ନଜରକୁ ଆସିଛି। ବାହାଘର ବେଳେ ବାଇଗଣ ରୁଆ ଭଳି ନିର୍ବାଚନ ପ୍ରଚାର ଶେଷ ହେବାର ଦିନେ ଦୁଇଦିନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରଚାରରେ ସାମିଲ ହୋଇଛନ୍ତି। ଯଦି ସେମାନେ ସପ୍ତାହେ ପୂର୍ବରୁ ଏଠାରେ ପ୍ରଚାରକୁ ଓହ୍ଲାଇଥାନ୍ତେ ତାହାହେଲେ ପ୍ରାର୍ଥୀଙ୍କୁ ଅଧିକ ଫାଇଦା ହୋଇଥାନ୍ତା। ସେହିପରି ଦଳ କନ୍ଦଳ ଓ ଅସନ୍ତୋଷ କିଛିମାତ୍ରାରେ ଥମିପାରିଥାନ୍ତା ବୋଲି ରଘୁନାଥପୁର ବ୍ଲକ ଶଙ୍ଖପୁର ବାସିନ୍ଦା ସରୋଜ କୁମାର ପାତ୍ର କହିଛନ୍ତି। ଏନେଇ ଭାଜପା ପ୍ରାର୍ଥୀ ରାଜକିଶୋର ବେହେରା କହିଛନ୍ତି, ତିର୍ତ୍ତୋଲରେ ଦଳ ପ୍ରତି ଲୋକଙ୍କ ଯଥେଷ୍ଟ ଭଲପାଇବା ରହିଛି। ଅନ୍ୟ ଦଳର ଷ୍ଟାର କ୍ୟାମ୍ପେନର କି ହେଭିୱେଟ୍ ନେତାଙ୍କ ପ୍ରଚାର ଭାଜପା ପ୍ରତି ଥିବା ଲୋକଙ୍କ ଭରସା ଓ ବିଶ୍ୱାସକୁ ଦୋହଲାଇ ପାରିବ ନାହିଁ। ନିର୍ବାଚନରେ ହାରଜିତ୍ ଲାଗି ରହିଛି, ଆମେ ହାରିବୁ କି ଜିତୁବୁ


ସରୋଜ କୁମାର ପାତ୍ର

ସେ କଥା ଭୋଟର ବିଚାର କରିବେ। କିନ୍ତୁ ସବୁବେଳେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଷ୍ଣୁ ଦାସଙ୍କ ପୁଅ ବିଜୟ ଶଙ୍କର ଦାସଙ୍କୁ ପ୍ରାର୍ଥୀ କରିବା ପଛରେ ଅନୁକମ୍ପା ଭୋଟ ଏକ ବଡ଼ କାରଣ ବୋଲି କୁହାଯାଉଛି। ବିଜୟଙ୍କ ବଳ ବଢ଼ାଇବା ପାଇଁ ଶାସକ ଦଳ ପକ୍ଷରୁ ୩ ବ୍ଲକ୍‌ରେ ୩୦ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା ମନ୍ତ୍ରୀଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ରାଲି କରି ନିର୍ବାଚନ ପ୍ରଚାରକୁ ଜୋରଦାର କରିଥିବାବେଳେ ବିଜେଡି ନେତାମାନେ ବାରମ୍ବାର ବିଷ୍ଣୁ ଦାସଙ୍କ ବିଷୟରେ କହି ସେ ଛାଡ଼ିଯାଇଥିବା ବିକାଶ କାର୍ଯ୍ୟକୁ ତାଙ୍କ ପୁଅ ବିଜୟ ପୂରା କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ଏଭଳି ଉପାୟରେ ସେମାନେ ଭୋଟରଙ୍କୁ ଭାବପ୍ରବଣତାରେ ବାନ୍ଧି ରଖିବାକୁ ଚେଷ୍ଟା କରୁଥିବା ନଜରକୁ ଆସୁଛି। ଏନେଇ ରାମକୁମାରପୁର ବାସିନ୍ଦା ବନବୀର ଜେନା କହିଛନ୍ତି, ସମସ୍ୟା ତ ଅନେକ ଅଛି, ହେଲେ ବର୍ତ୍ତମାନ ସୁଦ୍ଧା ଗାଁକୁ ଅଧିକାଂଶ ବିଜେଡି କର୍ମୀ ହିଁ ଆସିଛନ୍ତି।


ବନବୀର ଜେନା

ଗାଁର ଥିବା ସମସ୍ୟା ଆଗାମୀ ଦିନରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ବିଷ୍ଣୁ ଦାସଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ବିଜୟ ପ୍ରଥମ ଥର ପ୍ରାର୍ଥୀ ହୋଇଛନ୍ତି। ତେଣୁ ତାଙ୍କୁ ଭୋଟ ଦେବେ ବୋଲି ସେ କହିଛନ୍ତି। ସେହିପରି ପ୍ରାର୍ଥୀଙ୍କୁ ନୁହେଁ, ବରଂ ନବୀନ ବାବୁଙ୍କୁ ଭୋଟ ଦେଉଛୁ ବୋଲି ଶଙ୍ଖପୁର ଗ୍ରାମର ମଞ୍ଜୁଳତା ଜେନା କହିଛନ୍ତି। ଅପରପକ୍ଷରେ ଟିକେଟ ବଣ୍ଟନକୁ ନେଇ ବିଜେଡିରେ ଥିବା କନ୍ଦଳ ତୁଟାଇବାରେ ରାଜ୍ୟସ୍ତରୀୟ ନେତାମାନେ ଜୋରଦାର ଉଦ୍ୟମ କରୁଛନ୍ତି। ଫଳରେ ପୁରୁଖା ନେତ୍ରୀ ରାଜଶ୍ରୀ ମଲ୍ଲିକ ଏବେ ବିଜୟଙ୍କ ସହ ପ୍ରଚାରରେ ଯୋଗଦେଇ ଭୋଟ ମାଗୁଥିବା ଦେଖିବାକୁ ମିଳୁଛି। ରାଜଶ୍ରୀ ୨୦୧୪ରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ୨୦୧୯ରେ ତାଙ୍କୁ ଦଳ ଜଗତ୍‌ସିଂହପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରି ସଫଳ ହୋଇଥିଲା। ଏବେ ଉପନିର୍ବାଚନ ସମୟରେ ରାଜଶ୍ରୀଙ୍କ ଅନୁଗତଙ୍କୁ ଟିକେଟ ନ ମିଳିବାରୁ ଦଳୀୟ କନ୍ଦଳ ଦେଖିବାକୁ ମିଳିଥିଲା। ରାଜଶ୍ରୀଙ୍କ ସମର୍ଥକମାନେ ବିଦ୍ରୋହୀ ପାଲଟିଥିଲେ। ଏବେ ଏହି ସ୍ଥିତିରେ ସୁଧାର ଆସିଥିବା ପ୍ରଚାର କାର୍ଯ୍ୟରେ ରାଜଶ୍ରୀଙ୍କ ସକ୍ରିୟତାରୁ ଅନୁମାନ କରାଯାଉଛି। ବିଜେଡି ପ୍ରାର୍ଥୀ ବିଜୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ଭଲପାଇବାକୁ ବଜାୟ ରଖିବା ଭଳି କାମ କରିବି। ପ୍ରାର୍ଥୀ ହେବା ପାଇଁ


ମଞ୍ଜୁଳତା ଜେନା


ଶୁଭଶ୍ରୀ ଜେନା

ଦଳରେ ଅନେକ ଆଶାୟୀ ଥିଲେ, ଆଶାୟୀ ରହିବା ବି ସ୍ୱାଭାବିକ। ହାର ହେଉ କି ଜିତ୍ ଦଳ ପକ୍ଷରୁ ମିଳିଥିବା ଏହି ଦାୟିତ୍ୱକୁ ଆଗାମୀ ଦିନରେ ମୁଁ ସଫଳ କରିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

ଯୁବ ଇଞ୍ଜିନିୟର ହିମାଂଶୁ ଭୂଷଣ ମଲ୍ଲିକ୍‌ଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ଦଳ ନୂଆମୁହଁ ଉପରେ ଭରସା କରିଥିବାବେଳେ ପୁରୁଖା ନେତା ଚିରଞ୍ଜୀବ ବିଶ୍ୱାଳ ଓ ତାଙ୍କ ଭାଇ ରଞ୍ଜୀବ ବିଶ୍ୱାଳ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ବାପି ସର୍ଖେଲ, ଏଆଇସିସି ମୁଖପାତ୍ର ରାଗିନୀ ନାୟକ, ବରିଷ୍ଠ ନେତା ଗଣେଶ୍ୱର ବେହେରା, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ପ୍ରଚାର ମଙ୍ଗ ଧରିଛନ୍ତି। ଇତିମଧ୍ୟରେ ପିସିସି ସଭାପତି ଓ ପ୍ରଭାରୀ ଏ. ଚେଲ୍ଲାକୁମାର ମଧ୍ୟ ହିମାଂଶୁଙ୍କ ପାଇଁ ପ୍ରଚାର କରିଛନ୍ତି। କିନ୍ତୁ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ରାଜକିଶୋର ହିମାଂଶୁଙ୍କ ଚିନ୍ତା ବଢ଼ାଇଛନ୍ତି। ଏକାଧିକ ଦଳୀୟ ସଙ୍ଗଠକ ରାଜକିଶୋରଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଅବଶ୍ୟ ପୁରୁଖା ନେତାମାନେ ବିଭିନ୍ନ ସ୍ଥାନରେ ନିଜ ପୁରୁଣା ସଙ୍ଗଠନକୁ ପୁନର୍ଜୀବନ ଦେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଏହି ବାଣ କାମ ଦେଇ ନ ପାରେ ବୋଲି ଶଙ୍ଖପୁର ଗ୍ରାମର ଶୁଭଶ୍ରୀ ଜେନା କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ହିମାଂଶୁ କହିଛନ୍ତି, ଲୋକଙ୍କ ନିକଟରେ ଆମେ ଥିଲୁ, ଅଛୁ ଓ ରହିବୁ। ନିର୍ବାଚନ ସମୟରେ ବହୁ ନେତା ମନ୍ତ୍ରୀ ଏଠାରେ ଡେରା ପକାଇଛନ୍ତି। କିନ୍ତୁ ସେମାନେ ନିର୍ବାଚନ ପରେ ଚାଲିଯିବେ, ଜନସାଧାରଣ ଏ କଥା ଭଲରେ ଜାଣିଛନ୍ତି। ତେଣୁ ସେମାନେ ନିଜ ପ୍ରାର୍ଥୀ ନିଜେ ବାଛିବେ ବୋଲି କହିଛନ୍ତି।

## ମହୁମାଛି ଆକ୍ରମଣରେ ୫ ଛାତ୍ର ଆହତ

ବାରିପଦା ଅଫିସ/ବାଙ୍ଗିରିପୋଷି, ୩୦।୧୦(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସ୍ଥିତ ଦ୍ୱାରଶୁଣି ଘାଟି ଅଞ୍ଚଳକୁ ସେଲ୍‌ଫି ନେବାକୁ ଯାଇଥିବା ୫ ଛାତ୍ର ଶୁକ୍ରବାର ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ବାଙ୍ଗିରିପୋଷି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ୬ ଜଣ ଛାତ୍ର ବାଙ୍ଗିରିପୋଷି ଘାଟି ଅଞ୍ଚଳରେ ଥିବା ଗୁମ୍ଫା ମଧ୍ୟରେ ପ୍ରବେଶ କରି ସେଲ୍‌ଫି ନେଉଥିଲେ। ଏହି ସମୟରେ ସେଠାରେ ଥିବା ପାହାଡ଼ିଆ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଜଣେ ଛାତ୍ର ସେଠାରୁ ଦୌଡ଼ି ପଳାଇ ଆସିଥିବା ବେଳେ ଅନ୍ୟମାନେ ମହୁମାଛି ଆକ୍ରମଣରେ ଆହତ ହୋଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା।

### ଗୁମ୍ଫାରେ ପଶି ସେଲ୍‌ଫି ନେବା କାଳ ହେଲା


ଗୁରୁତର ଜଣେ ଛାତ୍ରଙ୍କୁ ଦମକଳ ବାହିନୀ ଉଦ୍ଧାର କରି ଡାକ୍ତରଖାନା ନେଉଛି।

## ଦୁର୍ଘଟଣାରେ ଅଜା, ନାତି ମୃତ

ଆନନ୍ଦପୁର,୩୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ବରପଦା ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ଅଜା, ନାତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହରିପୁର ଗ୍ରାମର କୀର୍ତ୍ତନ ନାଥ ଓ ତାଙ୍କ ନାତି କେଶବ ପାଗଳ। ପୂର୍ବାହ୍ଣରେ ଉଭୟ ବାଇକ୍ ଯୋଗେ କେନ୍ଦୁଝରରୁ ଘରକୁ ଫେରୁଥିବା ବେଳେ ଏକ ଚାଉଳ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଅଜା, ନାତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ରାମଚନ୍ଦ୍ରପୁର ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବ୍ରହ୍ମପୁରରେ ଆଇପିଏଲ୍ ବେଟିଂ ର୍‌ୟାକେଟ୍ ଠାବ

ବ୍ରହ୍ମପୁର ଅଫିସ,୩୦।୧୦

### ଦୁଇ ଗିରଫ, ୩୩ ଲକ୍ଷ ୬୧ହଜାର ଜବତ

ବ୍ରହ୍ମପୁର ସହରରେ ଦୀର୍ଘଦିନ ଧରି ଚାଲିଥିବା ଏକ ବଡ଼ ଧରଣର ଆଇପିଏଲ୍ ବେଟିଂ କାରବାର ପୋଲିସ ଠାବ କରିଛି। ପୋଲିସ ଏହି ର୍‌ୟାକେଟ୍ ଚଳାଉଥିବା ଦୁଇଜଣ ମୁଖ୍ୟଙ୍କୁ ଶୁକ୍ରବାର ଗିରଫ କରିବା ସହ ଅନ୍‌ଲାଇନ୍ କ୍ରିକେଟ ବେଟିଂର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଗଣେଶନଗର ତୃତୀୟ ଲାଇନର ଆର୍. ଲାଲି ଆଚାରୀ (୫୦) ଓ ଗାନ୍ଧୀନଗର ସାଇ କମ୍ପ୍ଲେକ୍ସର କେ.ପ୍ରଶାନ୍ତ କୁମାର ସୁବୁଦ୍ଧି (୪୩)। ଏ ନେଇ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏମାନଙ୍କ ନିକଟରୁ ୩୩ ଲକ୍ଷ ୬୧ ହଜାର ୨୦୦ ଟଙ୍କା, ୪ ମୋବାଇଲ୍ ଫୋନ୍ ଏବଂ ୩ ଏଟିଏମ୍ କାର୍ଡ ଜବତ ହୋଇଛି। ଏହି ର୍‌ୟାକେଟର ଆହୁରି କେତେଜଣ ସଦସ୍ୟ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଆଇପିଏଲ୍ ହେବା ଦିନଠାରୁ ଅନ୍‌ଲାଇନ୍ ବେଟିଂ ଆରମ୍ଭ ହୋଇଯାଇଥିଲା। ବ୍ରହ୍ମପୁର ପୋଲିସ ଏହି ର୍‌ୟାକେଟ୍ ଉପରେ ପ୍ରଥମରୁ ହିଁ ନଜର ରଖିଥିଲା। ଗୋଷାଣୀନୂଆଗାଁ ଥାନା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଏହି କାରବାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। କିନ୍ତୁ ଅନ୍‌ଲାଇନ୍‌ରେ ଏହି କାରବାର ହେଉଥିବାରୁ ପୋଲିସକୁ ତଦନ୍ତରେ ସମୟ ଲାଗିଥିଲା। ବ୍ରହ୍ମପୁରରୁ ଲାଲି ଓ ପ୍ରଶାନ୍ତ ବେଟିଂ କାରବାର ଅପରେଟ୍ କରି ଜିଲା ସହିତ ବିଭିନ୍ନ ଅଞ୍ଚଳରେ ତାଙ୍କର ଏଜେଣ୍ଟ ରଖିଥିଲେ। ସେହି ଏଜେଣ୍ଟଙ୍କ ମାଧ୍ୟମରେ ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରକାର ୱେବ୍‌ସାଇଟ୍‌ରେ କ୍ରିକେଟ୍ ମ୍ୟାଚରେ ଟଙ୍କା ଲଗାଉଥିଲେ। ଏମିତିକି ହାର୍ ଜିତ ସହିତ ପ୍ରତ୍ୟେକ ବଲରେ ମଧ ଟଙ୍କା ଲାଗୁଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଦୀର୍ଘଦିନ ହେଲା ଏହି ଦୁଇଜଣ ମୁଖିଆ ଏଭଳି କାରବାର ଜାରି ରଖିଥିଲେ। କୋଲକାତା, ମୁମ୍ବାଇ, ଦିଲ୍ଲୀ ଏବଂ ଦୁବାଇ ପର୍ଯ୍ୟନ୍ତ ଏମାନଙ୍କର ଲିଙ୍କ୍ ରହିଥିବା ନେଇ ଡିଆଇଜି ଭୋଇ ସୂଚନା ଦେଇଛନ୍ତି। ତେବେ ଏମାନଙ୍କ ଲିଙ୍କରେ ଆଉ କେଉଁ କେଉଁମାନେ ରହିଛନ୍ତି ସେମାନଙ୍କୁ ଖୋଜି ବାହାର କରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ ଗୋଷାଣୀନୂଆଗାଁ ଥାନାରେ ନମ୍ବର ୧୪୧/୨୦ରେ ଏକ ମାମଲା ରୁଜୁକରି ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁର ଏସ୍‌ପିଙ୍କ ନେତୃତ୍ୱରେ ଏଏସ୍‌ପି ପ୍ରଭାତ ରାଉତରାୟ, ଗୋଷାଣୀନୂଆଗାଁ ଥାନା ଅଧିକାରୀ ସୁମିତ କୁମାର ସୋରେନ୍, ଟାଉନ୍ ଥାନା ଅଧିକାରୀ ସୁରେଶ କୁମାର ତ୍ରିପାଠୀ ରାକେଟକୁ ଠାବ କରିଥିଲେ।


ଡିଆଇଜିଙ୍କ ଖବରଦାତା ସମ୍ମିଳନୀ।

### ମୁମ୍ବାଇ, ଦୁବାଇ ପର୍ଯ୍ୟନ୍ତ ଲିଙ୍କ୍

**ଆଜିର ମନ୍ତବ୍ୟ**

" ଭାରତର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରହିବା ଆବଶ୍ୟକ।
**-ଋଷି କୁମାର ଶୁକ୍ଳା, ସିବିଆଇ ନିର୍ଦ୍ଦେଶକ**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରଜ୍ଞା ପାରମିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଏଥର ହେବନି ...

ଗାଇଡ୍‌ଲାଇନ ଜାରି କରାଯିବ। ତାହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। କରୋନା ସ୍ଥିତିରେ ଏଭଳି ଏକ ବିରାଟ ଆୟୋଜନ କରିବା ସମ୍ଭବ ନୁହେଁ ବୋଲି ଚୟନୀ କହିଛନ୍ତି।

୮ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ବାଲିଯାତ୍ରାକୁ ଲୋକମାନେ ଉପଭୋଗ କରିଥାନ୍ତି। ଏଠାରେ ଶତାଧିକ ଷ୍ଟଲ ଓ ଦୋକି ପଡିଥାଏ। ୮ ଦିନ ମଧ୍ୟରେ ବହୁ କୋଟି ଟଙ୍କା ବ୍ୟବସାୟ ହୋଇଥାଏ। ହେଲେ କରୋନା ଯୋଗୁ ବାଲିଯାତ୍ରା ବନ୍ଦ ହେଲେ କୋଟି କୋଟି ଟଙ୍କାର କ୍ଷତି ହେବ। ସେହିପରି ସାଧବପୁଅଙ୍କ ନୌବାଣିଜ୍ୟ ଗାଥାକୁ ମନପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ମହାନଦୀ ଶଯ୍ୟାରେ ସାମୂହିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାତ୍ର ଚଳିତବର୍ଷ କରୋନା ଯୋଗୁ ଏହି କାର୍ଯ୍ୟକ୍ରମ ବନ୍ଦ ହେବ।

ଅନ୍ୟପକ୍ଷରେ କଟକ ଜିଲା ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କ ବଡଓଷା ପାଳନ ନେଇ କଟକଣା ଜାରି କରାଯାଇଛି। ବର୍ତ୍ତମାନ ମନ୍ଦିର ବନ୍ଦ ଥିବାବେଳେ ସାଧାରଣ ଭକ୍ତଙ୍କ ଦର୍ଶନ ପାଇଁ ବାରଣ କରାଯାଇଛି। ମନ୍ଦିରରେ କେବଳ ପରମ୍ପରା ଅନୁଯାୟୀ ଧବଳେଶ୍ୱରଙ୍କ ନୀତି କରାଯିବ।

## ପ୍ରଥମ ପୃଷ୍ଠାରୁ...

## ରାଜଧାନୀର ୫୦ ପ୍ରତିଶତଙ୍କ ...

ଅବସ୍ଥାରେ ଅଛନ୍ତି। ସେଥିପ୍ରତି ସେମାନେ ଅଧିକ ଯତ୍ନବାନ ହୋଇ ସାମାଜିକ ଦୂରତ୍ୱ ଓ ମାସ୍କ ଆଦି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଡାକ୍ତର ପତି ସୂଚନା ଦେଇଛନ୍ତି। ଆଇସିଏମ୍‌ଆର୍‌ଙ୍କ ନିର୍ଦ୍ଦେଶ ପରେ ସେରୋ ସର୍ଭେ ବା ସେରୋଲୋଜିକାଲ ଟେଷ୍ଟ ଆରମ୍ଭ କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ପ୍ରଥମେ ପୁରୀ ରଥଯାତ୍ରା ସମୟରେ ଏହି ସର୍ଭେ କରାଯାଇଥିଲା। ବଡ଼କଥା ହେଲା, ସେରୋ ସର୍ଭେ ଆମକୁ ଭବିଷ୍ୟତ ଜଣାଇଦିଏ। ଆଗକୁ କେମିତି କରୋନା ମୁକାବିଲା କରିବା, ତାହା ମଧ୍ୟ ବେଶ୍ ଭଲ ଭାବେ ଜଣାପଡ଼ିଯାଏ। କିନ୍ତୁ ଆମେ ଏବେ ବି ସତର୍କତା ଜାରି ରଖିବା। ଟିକିଏ ଅବହେଳା ହିଁ ଆପଣଙ୍କ ସହ ଅନ୍ୟଙ୍କୁ ଅସୁବିଧାକୁ ଟାଣି ଆଣିବ। ତେବେ ଆଣ୍ଟିବଡି ତିଆରି ହୋଇ ନ ଥିବା ୫୦ ପ୍ରତିଶତ ଲୋକଙ୍କୁ ସଂକ୍ରମଣ ଆଶଙ୍କା ରହିଥିବାରୁ ସତର୍କତା ଜରୁରି ବୋଲି ଡା. ପତି ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟ ସରକାରଙ୍କ କୋଭିଡ୍ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଲେ, ସାରା ବିଶ୍ୱରେ ଓଡ଼ିଶାର କରୋନା ଲଢ଼େଇକୁ ମଡେଲ ବୋଲି କୁହାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାକୁ ପ୍ରଶଂସା କରିଛି। କିନ୍ତୁ ଆଗାମୀ ଦିନରେ ଲୋକଙ୍କୁ ସତର୍କ ରହିବାକୁ ହେବ। ଶୀତଋତୁ ଆରମ୍ଭ ହୋଇଥିବାରୁ ଏହି ସମୟରେ ଲୋକଙ୍କୁ ସତର୍କତା ପ୍ରତି ବିଶେଷ ଭାବେ ଧ୍ୟାନ ଦେବାକୁ ପଡିବ। ସବୁବେଳେ ମାସ୍କ ପିନ୍ଧିବା। ହାତକୁ ଭଲ ଭାବେ ଧୋଇବା। ସବୁଠି ସାମାଜିକ ଦୂରତ୍ୱ ବଜାୟ ରଖିବା। ଶରୀରରେ କୌଣସି ପ୍ରକାର ଲକ୍ଷଣ ଦେଖିଲେ, ଡାକ୍ତରଖାନାକୁ ଯାଇ ନମୁନା ପରୀକ୍ଷା କରାଇବା। ଅସୁସ୍ଥ ଲାଗୁଥିଲେ ଲୁଚାଇ ରଖିବା ନାହିଁ। ସାମାନ୍ୟ କାଶ ଓ ଥଣ୍ଡାରୁ ମୁକ୍ତ ରହିବା ଲାଗି ନିଜର ଯତ୍ନ ନେବା। କୋଭିଡ୍ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ୪ରୁ ୬ ସପ୍ତାହ ମଧ୍ୟରେ ଡାକ୍ତରଙ୍କ ପାଖକୁ ଯାଇ ତାଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କରିବା ଦରକାର। ଟିକା କେବେ ଆସିବ ଜଣାନାହିଁ। ତେଣୁ ପ୍ରତିଷେଧ ନୁହେଁ, ପ୍ରତିରୋଧକୁ ଏକମାତ୍ର ଅସ୍ତ୍ର କରନ୍ତୁ। ଭୁବନେଶ୍ୱରବାସୀ ଗତ ୮ ମାସ ମଧ୍ୟରେ ଅନେକ ତ୍ୟାଗ କରିଛନ୍ତି ଓ ଧୈର୍ଯ୍ୟ ରଖିଛନ୍ତି। ସହରର ୧୧ ଲକ୍ଷ ବାସିନ୍ଦାଙ୍କ ମଧ୍ୟରୁ ମାତ୍ର ସାଢ଼େ ୩ ଲକ୍ଷ ନମୁନା ପରୀକ୍ଷା ହୋଇଛି। ଭୁବନେଶ୍ୱରରେ ୩ କୋଭିଡ୍ କେୟାର ସେଣ୍ଟର, ୭ ହସ୍ପିଟାଲ, ୧୭୩୮ ବେଡ୍, ୫୦୯ ଆଇସିୟୁ ଓ ୨୧୬ ଭେଣ୍ଟିଲେଟରର ବ୍ୟବସ୍ଥା ହୋଇଛି। କୋଭିଡ୍ ମୁକାବିଲା ଲାଗି ଡାକ୍ତର, ନର୍ସ, ବିଏମ୍‌ସି କର୍ମଚାରୀ, ସରକାରୀ ଓ ଘରୋଇ କର୍ମଚାରୀଙ୍କ ସମେତ ୫ହଜାର କୋଭିଡ୍ ଯୋଦ୍ଧା ସମର୍ପିତ ଅଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

## ନଭେମ୍ବରରେ ଖୋଲିବ ...

ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସ୍କୁଲ ଖୋଲିବା ନେଇ ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟଭାବେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପୂଜାଛୁଟି ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ନଭେମ୍ବରରେ କୋଭିଡ ଗାଇଡଲାଇନ ଆସିଲେ ଏନେଇ ସ୍ପଷ୍ଟ ହେବ। ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାକୁ କାର୍ଯ୍ୟକାରୀ କରାଯିବ ବୋଲି ସମୀର କହିଛନ୍ତି। ସୂଚନାଯୋଗ୍ୟ ଯେ, କୋଭିଡ-୧୯ ମହାମାରୀ ଯୋଗୁ ଦୀର୍ଘଦିନ ହେବ ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରହିଛି। ଏଥିଯୋଗୁ ପିଲାମାନଙ୍କ ପାଠପଢା ମଧ୍ୟ ବ୍ୟାହତ ହୋଇଛି। ସ୍କୁଲ କେବେ ଖାଲିବ ଓ ପିଲାମାନେ ପୂର୍ବଭଳି ପାଠ ପଢିବେ ସେ ନେଇ ଅଭିଭାବକମାନେ ଚିନ୍ତାରେ ଅଛନ୍ତି।


# classifieds Everyday
**0674-2580101, 2549302**




### SALE

NH side gharabari plot Hanspal, Pahal, Balianta. Bank loan available. 9337259012 D-18755

Litigation free plot main road side in Bhubaneswar, Nakhara, Balianta flat 2BHK simplex, duplex available anyone to purchase please contact- 8249742867, 9853821712 D-70006

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**Plot sale near AIIMS Hospital Bhubaneswar with 30' Road. 9439206202** D-69190

**30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191

ଖୋର୍ଦ୍ଧା New ବାଇପାସ୍ ପାଖରେ yellowzone plot Rev ରୋଡ୍‌କୁ ଲାଗି 350/- କିଣି ଘର କରନ୍ତୁ। 9938066403, 9438315973 D-69193

**FOR SALE AT PURI G+3 Building 5200sqft. built-up on 2400sqft. plot having 5-AC & 6 N-AC full furnished rooms + dining, kitchen, reception & parking. For details and to avail early bird discount and special discount for Charitable trust. 9777386474** D-18760

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Independent 1st floor 3BHK Udaygirivihar Patrapada near NH, Bhubaneswar. 9437306118 D-69573

**Rent for 2200 sqft. commercial space, Unit-9, prime location. Contact- 9437057789, 7853958839** D-69928

2320sqft. Go-down for Rent, Talasahi, Shikarpur, Cuttack @20/-per sqft (Three month advance) Contact Saroj- 8895331410, 9437552432 D-18753

**Godown space available near Puri bypass area 18000/-, open space 15000/-. 9938125254** D-18598




Herbal full body massage by smart / expert therapist. Contact: 8338067247. D-69798

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Get refreshment body massage by expert therapist contact for 7205084157. D-69799

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

Monalisa massage club : All types body massage with hiprofile smart lady rooms service available 9708545108. D-18733

Newly open full body massage SPA in Bhubaneswar. Contact: 7205858838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

Refreshing your mind & body with best therapy at Lotus Spa. 8018234866 D-69571




ଘରେରହି ବ୍ୟବସାୟ କରନ୍ତୁ। କମ ପୁଞ୍ଜିନିବେଶ କରି ଅଧିକ ଆୟ କରନ୍ତୁ। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ: Lee-on Homes Pvt. Ltd. Ph: 9437096909, 0674-2951640 D-69636




୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

### LOST

I, Raghunandan Mittal, S/o- Srinibas Mittal, R/o- Goshala, Burla, Sambalpur would like to inform the general public that I have lost my original Sale Deeds No.327, dt.11.02.1999 & 84/2003, GPA No. 41621001856, dt.01.10.2010, registered at SRO, Sambalpur and ROR (Patta) bearing Khata No.330/124 of Mouza-Sansinghari. If any one finds, kindly contact me at 9437541773. D-18764

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### NOTICE
**ନୋଟିସ୍**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ଏମ୍/ଏସ୍ ନିଉ ମାଏନ୍‌ସନ୍ ହସ୍ପିଟାଲିଟି ଏକ ଗୋଟି ରେଷ୍ଟୁରାଣ୍ଟ ଖୋଲିବା ନିମନ୍ତେ ଶ୍ରୀଯୁକ୍ତ ଇ.ରାମ ପ୍ରସାଦ ପାତ୍ର, ବୟସ-୪୨ବର୍ଷ, ପି.ଇ ଲକ୍ଷ୍ମୀ ନାରାୟଣ ପାତ୍ର, ବାସସ୍ଥାନ- ପ୍ଲଟ୍ ନଂ-୨୬, ଜିଲ୍ଲା କେନ୍ଦ୍ର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ନଗର, ଜିଲ୍ଲା- ଖୋର୍ଦ୍ଧାଙ୍କ ସ୍ୱତ୍ୱାଧିକାରରେ ଥିବା ପ୍ଲଟ୍ ନଂ-୭୬, ଜିଲ୍ଲା କେନ୍ଦ୍ର, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ନଗର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା- ୭୫୧୦୧୬ ଉପରେ ତାଙ୍କର ନିର୍ମାଣାଧୀନ ପ୍ରାସାଦ, କାର୍ପେଟ୍ ଏରିଆ ୩୦୦୦ ବର୍ଗଫୁଟକୁ ୧୦ବର୍ଷ ନିମନ୍ତେ ଶ୍ରୀଯୁକ୍ତ ଇ.ରାମ ପ୍ରସାଦ ପାତ୍ରଙ୍କ ଠାରୁ ଲିଖିତ ରେଜିଷ୍ଟ୍ରି ରାଜିନାମାରେ/ଚୁକ୍ତିନାମାରେ ଚୁକ୍ତିବଦ୍ଧ ହୋଇଅଛୁ। ସେହି ଚୁକ୍ତିନାମା/ ରାଜିନାମା ନମ୍ବର ୧୧୩୧୯୦୯୮୨୨ ତା.୦୫।୧୨।୨୦୧୯ ଅନୁସାରେ ପ୍ରଥମ ପକ୍ଷ ଶ୍ରୀଯୁକ୍ତ ଇ.ରାମ ପ୍ରସାଦ ପାତ୍ର କେତେଗୁଡ଼ିଏ କାର୍ଯ୍ୟ ଉକ୍ତ ପ୍ରାସାଦ ନିମନ୍ତେ ସମ୍ପାଦନ କରିବା କଥା ଏବଂ ଆମ୍ଭେ ମଧ୍ୟ କେତେଗୁଡ଼ିଏ କାର୍ଯ୍ୟ ସମ୍ପାଦନ କରିବା କଥା ଯାହାଫଳରେ ଉକ୍ତ ପ୍ରାସାଦ ସମ୍ପୂର୍ଣ୍ଣ ଭାବେ ଆଇନ୍ ଅନୁସାରେ ବାଣିଜ୍ୟିକ ଭାବେ କାର୍ଯ୍ୟକ୍ଷମ ହେବାକଥା। ମାତ୍ର ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ଆମ୍ଭର ପକ୍ଷରୁ କାର୍ଯ୍ୟ ସମ୍ପାଦନ କରି ଯଦିଓ ପ୍ରଥମ ପକ୍ଷଙ୍କ ଅନୁରୋଧରେ ନିଜେ ଖର୍ଚ୍ଚାନ୍ତ ହୋଇ କେତେ ଗୁଡ଼ିଏ କାର୍ଯ୍ୟ, ଯାହାକି ଚୁକ୍ତିନାମା ଅନୁସାରେ ପ୍ରଥମପକ୍ଷ ସମ୍ପାଦନ କରିବାକଥା ; ଉକ୍ତ କାର୍ଯ୍ୟ ସମ୍ପାଦନ କରିଛୁ ଏବଂ ଯଦିଓ ପ୍ରଥମ ପକ୍ଷ ଚୁକ୍ତିନାମାରେ ଦର୍ଶାଯାଇଥିବା ସମସ୍ତ ଜମା ଟଙ୍କା ନେଇଯାଇ ଆମ୍ଭଙ୍କୁ ଉକ୍ତ ସମଗ୍ର ପ୍ରାସାଦର advance possession ଦେଇ ଆମ୍ଭଦ୍ୱାରା ଅନ୍ୟ କେତେଗୁଡ଼ିଏ କାର୍ଯ୍ୟର ସମ୍ପାଦନା ଉପର ବର୍ଣ୍ଣିତ ଅନୁସାରେ କରାଇ ନେଇଛନ୍ତି, ତଥାପି ସମଗ୍ର ପ୍ରାସାଦକୁ ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ଏଯାବତ୍ କରାଇପାରିନାହାନ୍ତି, ଯାହାଫଳରେ ଆମ୍ଭେ ଆମ୍ଭର ଭୋଜନାଳୟ ବ୍ୟବସାୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆରମ୍ଭ ନକରିପାରି ପ୍ରତି ମାସରେ ପ୍ରଚୁର ଆର୍ଥିକ କ୍ଷତି ସହି ଆସୁଛୁ। ଅଧିକନ୍ତୁ ଶ୍ରୀଯୁକ୍ତ ଇ.ରାମ ପ୍ରସାଦ ପାତ୍ର ଦ୍ୱିତୀୟ ଏବଂ ତୃତୀୟ ମହଲା ନିମନ୍ତେ ଆମ୍ଭ ପାଖରୁ ମଧ୍ୟ ଅଗ୍ରିମ ଜମା ନେଇଛନ୍ତି। ଏହି ପରିସ୍ଥିତିର ସୁଯୋଗ ନେଇ କେତେକ ଖଳ ପ୍ରବୃତ୍ତିର ଲୋକ ପ୍ରଥମ ପକ୍ଷଙ୍କୁ ପ୍ରତାରଣା ଓ ବିଭିନ୍ନ ପ୍ରଲୋଭନ ଦେଖାଇ, ଉକ୍ତ ସମଗ୍ର ପ୍ରାସାଦ ଉପରେ ବା ଆଂଶିକ ଅଂଶ ଉପରେ ନିଜ ନାମରେ ଚୁକ୍ତିନାମା କରାଇନେବା ନିମନ୍ତେ ମସୁଧା ଚଳାଇଛନ୍ତି। ଯେହେତୁ ଆମ୍ଭ ଦୁଇପକ୍ଷଙ୍କ ମଧ୍ୟରେ ଉପରୋକ୍ତ ଚୁକ୍ତିନାମା ଆଇନ୍ ଅନୁସାରେ ବଳବତ୍ତର ରହିଅଛି, ତେଣୁ କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଯଦି ଉପରୋକ୍ତ ସମ୍ପତ୍ତି ଉପରେ ଶ୍ରୀଯୁକ୍ତ ଇ.ରାମ ପ୍ରସାଦ ପାତ୍ରଙ୍କ ସହିତ କୌଣସି ପ୍ରକାର ଚୁକ୍ତିନାମାରେ ଆବଦ୍ଧ ହୁଅନ୍ତି ତେବେ ଆମ୍ଭେ କୌଣସି ପରିସ୍ଥିତି ପାଇଁ ଦାୟୀ ରହିବୁ ନାହିଁ ।

ସ୍ୱାକ୍ଷର/-
ଏମ୍/ଏସ୍ ନିଉ ମାଏନ୍‌ସନ୍ ହସ୍ପିଟାଲିଟି
ଧ-୧୮୭୬୫


## ମହୁଲ ଫୁଲ କ୍ରୟରେ ...

କରିବା ବେଳେ ସିଏଜି ଏହାର ପର୍ଦ୍ଦାଫାଶ କରିଛନ୍ତି। ରାଜ୍ୟର ୨୦ ଜିଲାରେ ମହୁଲି ଫୁଲ ସଂଗ୍ରହ, ମହୁଲ ମଦ ଉତ୍ପାଦନ ଓ ବିକ୍ରି କରାଯାଏ। ସେହି ଜିଲାଗୁଡିକ ହେଲା ଅନୁଗୋଳ, ବରଗଡ଼, ଗଞ୍ଜାମ, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼। ମହୁଲ ଫୁଲ ଆଦିବାସୀମାନଙ୍କ ଜୀବିକାର କଥା ହୋଇଥିବାରୁ ୨୦୦୦ରୁ ଏହାକୁ କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ଭାବେ ରାଜ୍ୟ ସରକାର ସ୍ୱୀକୃତି ଦେଇଛନ୍ତି। ମହୁଲି ମଦ ତିଆରି କରିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ମହୁଲ ଫୁଲ ସଂଗ୍ରହ କରାଯାଇଥାଏ। ମହୁଲ ଫୁଲର ସର୍ବନିମ୍ନ କ୍ରୟ ଓ ବିକ୍ରୟ ମୂଲ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ୨୦୦୬ରୁ ୨୦୦୯ ମଧ୍ୟରେ ରାଜ୍ୟରେ ଘଟିଥିବା ମଦମୃତ୍ୟୁ ଘଟଣା ପରେ ଚୋରା ମହୁଲି ମଦ ଉତ୍ପାଦନ ଓ ବିକ୍ରୟ ଉପରେ ନିୟନ୍ତ୍ରଣକୁ ସୁନିଶ୍ଚିତ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ମହୁଲ ଫୁଲର କ୍ରୟ, ମଦର ଉତ୍ପାଦନ ଓ ବିକ୍ରିକୁ ନେଇ ସିଏଜି ୮ଟି ଜିଲା ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ର ଅବକାରୀ କାର୍ଯ୍ୟାଳୟର ନଥିପତ୍ର ଯାଞ୍ଚ କରିଥିଲେ। ସର୍ତ୍ତାବଳୀର ଉଲ୍ଲଂଘନ କରିଥିଲେ ମଧ୍ୟ ଲାଇସେନ୍ସଧାରୀଙ୍କ ବିରୋଧରେ ବିଭାଗୀୟ ଅଧିକାରୀମାନେ ଜରିମାନାକୁ କୋହଳ କରିଥିଲେ। ୨୦୧୫-୧୬ରୁ ୨୦୧୭-୧୮ ମଧ୍ୟରେ ୭ ଜିଲାର ୨୮ ମହୁଲି ବ୍ୟବସାୟୀଙ୍କ ବିରୋଧରେ ଅନିୟମିତତା ରିପୋର୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଜରିମାନା ମାତ୍ର ୧ ହଜାରରୁ ୫୦ ହଜାର ମଧ୍ୟରେ ସୀମିତ ରହିଥିଲା। ଲାଇସେନ୍ସର ବାରମ୍ବାର ଉଲ୍ଲଂଘନ କରାଯାଇଥିଲେ ମଧ୍ୟ କୌଣସି ଜରିମାନା ଆଦାୟ କରାଯାଇ ନ ଥିଲା। ୨୦୧୧ରେ ହାଇକୋର୍ଟ ଜାରି କରିଥିବା ନିର୍ଦ୍ଦେଶାବଳୀର ମଧ୍ୟ ପାଳନ ହୋଇନାହିଁ। ମହୁଲି ମଦର ମାନ ନିର୍ଦ୍ଧାରଣ ପାଇଁ ମଦ ପାଉଚ ଉପରେ କୋଡ ନମ୍ବର, ଅବକାରୀ ଅଧିକାରୀଙ୍କ ଅନୁମୋଦିତ ଚିହ୍ନ, ପରିମାଣ, ମାଦକୀୟ ଶକ୍ତି, ଉତ୍ପାଦନ ତାରିଖ ଏବଂ ଉତ୍ପାଦକଙ୍କ ନାମ ଲେଖିବାକୁ ବାଧ୍ୟତାମୂଳକ ଥିଲେ ମଧ୍ୟ ତାହାକୁ ମଦ ବ୍ୟବସାୟୀମାନେ ଅଣଦେଖା କରିଥିଲେ। ଜିଲା ଅବକାରୀ କାର୍ଯ୍ୟାଳୟ ସେମାନଙ୍କ ବିରୋଧରେ କୌଣସ ଫୌଜଦାରି ମକଦ୍ଦମା କରି ନ ଥିଲେ। ଏପରି କି ବ୍ୟବହାର ଅବଧି ପରେ ମଧ୍ୟ ମଦ ବିକ୍ରି ହେଉଥିବା ସିଏଜି ଅଡିଟ ବେଳେ ଜାଣିବାକୁ ପାଇଥିଲେ। ମହୁଲି ମଦରେ ମହୁଲ ଫୁଲ ବ୍ୟତୀତ ଅନ୍ୟ କୌଣସି ଜିନିଷ ବ୍ୟବହାରକୁ ନିଷେଧ କରାଯାଇଥିବା ବେଳେ କେନ୍ଦୁଝର ଜିଲାର ୪୦ ଅସାଧୁ ବ୍ୟବସାୟୀ ମଦ ତିଆରି ବେଳେ ନିମ୍ବ, ସହଜ, ବାଖର ଓ ଭେଣ୍ଡି ପ୍ରଭୃତି ଗଛର ପତ୍ର ମିଶାଉଥିଲେ। ଗୁଡ ଓ ଅନ୍ୟାନ୍ୟ ପଦାର୍ଥ ମିଶାଇବା ଅଭିଯୋଗରେ ୪୦ ଜଣ ବ୍ୟବସାୟୀଙ୍କ ଉପରେ ୨୦ ଲକ୍ଷ ଜରିମାନା କରାଯାଇ ନ ଥିବା ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି। ମହୁଲି ମଦ ପ୍ୟାକେଟରେ କୌଣସି ଦର ଲେଖା ଯାଉ ନ ଥିଲା ; ଯଦ୍ଦ୍ୱାରା ଆଦିବାସୀମାନେ ଶୋଷଣ ଏବଂ ଅପମିଶ୍ରଣର ଶିକାର ହେଉଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ନିରୀକ୍ଷଣ ଅଧିକାରୀମାନେ ମହୁଲି ମଦରେ କେତେ ପରିମାଣ ପୋଟାସିୟମ ଫେରୋସାଇନାଇଡ୍ ରହିଛି ତାହାର ପରୀକ୍ଷା କରିନାହାନ୍ତି। ଫଳରେ ମହୁଲିମଦର ଗୁଣବତ୍ତା ନେଇ ପ୍ରଶ୍ନ ଉଠାଇଛନ୍ତି ସିଏଜି। କେବଳ ସେତିକି ନୁହେଁ, ଫୁଲ ସଂଗ୍ରହ କରି ନିଜର ପରିବାର ଚଳାଉଥିବା ଆଦିବାସୀମାନଙ୍କ ପେଟକୁ ଲାତ ମରାଯାଇଛି। ମହୁଲି ଫୁଲର ସର୍ବନିମ୍ନ ବିକ୍ରୟ ମୂଲ୍ୟ କୁଇଣ୍ଟାଲ ପିଛା ୨ ହଜାରରୁ ୪୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଦୋକାନୀମାନେ ଏହାକୁ ବେଖାତିର କରି ସଂଗ୍ରହକାରୀମାନଙ୍କଠାରୁ ୧୨୦୦ରୁ ୧୮୦୦ ମଧ୍ୟରେ କ୍ରୟ କରିଛନ୍ତି। ଫଳରେ ସଂଗ୍ରହକାରୀ ୬.୬୩ କୋଟି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତିରାଜ ବିଭାଗ ଆଦିବାସୀମାନଙ୍କୁ ସେମାନଙ୍କର ସର୍ବନିମ୍ନ କ୍ରୟ ମୂଲ୍ୟ ଯୋଗାଇବାରେ ବିଫଳ ହୋଇଥିବା ରିପୋର୍ଟରେ କୁହାଯାଇଛି।

## ଟିକା ପାଇଁ ବୀମା ...

କୋଭାକ୍ସ ଭାକ୍ସିନ ଫାସିଲିଟିର ପ୍ରମୋଟରମାନଙ୍କ ଦ୍ୱାରା ପ୍ରଣୟନ କରାଯାଉଛି। ଡବ୍ଲ୍ୟୁଏଚ୍‌ଓ ଏବଂ ବିଲ୍ ଆଣ୍ଡ ମେଲିଣ୍ଡା ଫାଉଣ୍ଡେଶନ ଦ୍ୱାରା ପ୍ରତିଷ୍ଠିତ ବୈଶ୍ୱିକ ଟିକା ପ୍ରସ୍ତୁତକାରୀ ମେଣ୍ଟ 'ଗାଭି'ର ମିଳିତ ସହଭାଗିତାରେ ଏହି ବୀମା ଯୋଜନା କରାଯାଉଛି। ଏନେଇ ଗୁରୁବାର କୋଭାକ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ବିଶ୍ୱରେ ଅନ୍ୟୁନ ୨ ବିଲିୟନ ପ୍ରଭାବୀ ଟିକା ବଣ୍ଟନ ପାଇଁ କୋଭାକ୍ସ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଭାକ୍ସିନ ବୀମା ଯୋଜନାକୁ ୯୨ ସ୍ୱଳ୍ପ ଆୟକାରୀ ଦେଶରେ ଲାଗୁ କରାଯିବ। ବିଶେଷକରି ଆଫ୍ରିକା ଓ ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡ଼ିକରେ ଏହି ସୁବିଧା ଉପଲବ୍ଧ ହେବ। ଫଳରେ ଏହି ଦେଶଗୁଡ଼ିକରେ କୋଭାକ୍ସ ଦ୍ୱାରା ଆବଣ୍ଟିତ ଟିକା ନେବା ପରେ ରୋଗୀଙ୍କଠାରେ କୌଣସି ସାଇଡ୍-ଇଫେକ୍ଟ ଦେଖାଦେଇ ସ୍ୱାସ୍ଥ୍ୟ ବିଗିଡ଼ିଲେ ସେମାନଙ୍କଠାରୁ ସମ୍ପୃକ୍ତ ରାଷ୍ଟ୍ରର ସରକାରମାନେ କ୍ଷତିପୂରଣଜନିତ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ତେବେ ଅନେକ ମଧ୍ୟମ ଆୟକାରୀ ଦେଶ ଯଥା- ଦକ୍ଷିଣ ଆଫ୍ରିକା, ଲେବାନନ, ଗାବୋନ, ଇରାନ ଓ ଲାଟିନ ଆମେରିକାକୁ ଏହି ସୁରକ୍ଷାଗତ ସୁବିଧା ଦିଆଯିବ ନାହିଁ। ଏହି ଦୃଷ୍ଟିରୁ ବିଚାରକଲେ ଭାରତକୁ ଉକ୍ତ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନ ପାରେ। କ୍ଷତିପୂରଣ ଯୋଜନା ଅନୁସାରେ କୋଭାକ୍ସ ଭାକ୍ସିନ ବ୍ୟବହାର କରିବାକୁ ଥିବା ଦେଶଗୁଡ଼ିକ ଟିକା ପ୍ରସ୍ତୁତକାରୀଙ୍କୁ ୨୦୨୨ ଜୁଲାଇ ପର୍ଯ୍ୟନ୍ତ ଅର୍ଥଦଣ୍ଡରୁ ଅବ୍ୟାହତି ଦେବେ। କୋଭାକ୍ସ ଆହୁରି କହିଛି ଯେ, ଯେଉଁ ଦେଶଗୁଡ଼ିକ ସେମାନଙ୍କୁ ଉତ୍ତରଦାୟିତ୍ୱ ସୁରକ୍ଷା ଦେବେ ନାହିଁ ସେହି ରାଷ୍ଟ୍ରରେ ଭାକ୍ସିନ ବଣ୍ଟନ କରାଯିବ ନାହିଁ। କୋଭାକ୍ସ ଏହାର ରିପୋର୍ଟରେ ସ୍ପଷ୍ଟ କରିଛି ଯେ, କୋଭାକ୍ସ ଫାସିଲିଟି ଏକ ବ୍ୟବସ୍ଥା ବିକଶିତ କରୁଛି, ଯେଉଁଥିରେ ୯୨ ଦେଶର କେହି ଟିକା ନେବା ପରେ ସିରିୟସ୍ ଆଡଭର୍ସ ଇଭେଣ୍ଟସ୍ (ଏସ୍‌ଏଇ) ଦ୍ୱାରା ଆକ୍ରାନ୍ତ ହେଲେ ତାଙ୍କୁ କ୍ଷତିପୂରଣ ଦିଆଯିବ। ତେବେ ଏହି ୯୨ ରାଷ୍ଟ୍ରକୁ ଚୟନ କରିବାରେ କେଉଁ ମାନଦଣ୍ଡ ଆପଣାଯାଇଛି ତାହା ଏଥିରେ କୁହାଯାଇନାହିଁ। ନିୟାମକ ଅନୁମୋଦନ ପାଇଥିବା ଭାକ୍ସିନର ନକାରାତ୍ମକ ପ୍ରତିକ୍ରିୟା ପ୍ରାୟତଃ ନ ଥାଏ। ଏହାସତ୍ତ୍ୱେ କରୋନା ସଂକ୍ରମଣ ଯୋଗୁ ଜନସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢୁଥିବାରୁ ଏହାର ଟିକା ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ବୀମା ଯୋଜନା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ କୌଣସି କୋଭିଡ୍ ଟିକା ବାହାରି ନାହିଁ। କିନ୍ତୁ ଆସନ୍ତା ଡିସେମ୍ବରରେ ଚାଇନାର ଉହାନ ସହରରେ କରୋନା ଉତ୍ପତ୍ତିକୁ ବର୍ଷେ ପୂରୁଥିବାବେଳେ ଏହି ଅବଧି ସୁଦ୍ଧା ଏହା ବିକଶିତ ହୋଇଯିବ ବୋଲି ଡବ୍ଲ୍ୟୁଏଚ୍‌ଓ ଆକଳନ କରିଛି। କୌଣସି ଭାକ୍ସିନ ସମ୍ପୂର୍ଣ୍ଣ ଭାବେ ବିକଶିତ ହେବା ପାଇଁ ବର୍ଷ ବର୍ଷ ଲାଗିଥାଏ। ଏକଥା ପୂର୍ବ ଅନୁଭୂତିରୁ ଜଣାଯାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ନିଜ ରାଶିରେ ରହିଥିବାରୁ ମନ ପ୍ରଫୁଲ୍ଲ ରହିବ। କିନ୍ତୁ ସାମୟିକ ଅସ୍ଥିରତା କାରଣରୁ ସୁବିଧା ଥିଲେ ମଧ୍ୟ ଅଶ୍ୱିନୀର କାମ ସହଜରେ ହାସଲ ହୋଇ ନ ପାରେ। ଜମିଜମା, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ କିଛି ବିଫଳତାକୁ ନେଇ ଚିନ୍ତିତ ରହିବେ। ପଡୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ।

**ବୃଷ** ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ । ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** ଉପସ୍ଥିତ ବୁଦ୍ଧି ଓ କୌଶଳରେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି। ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସାଭାଜନ ହେବେ । ସହକର୍ମୀ ମାନଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ ।

**କର୍କଟ** ଆଦୌ ପଢୁ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ପାରିବାରିକ ଜୀବନରେ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା** ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି । ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ। ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା** ଭୁଲ୍ ବୁଝାମଣାରୁ ଆକସ୍ମିକ ଭାବରେ ପାରିବାରିକ କଳହର ସମ୍ଭାବନା ରହିଛି। ଯାତ୍ରା କାଳରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସୀ ହେବେ । ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବାର ଆଶା ରହିଛି ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। କୌଣସି ନୂତନ କାମରେ ବନ୍ଧୁମାନେ ସହଯୋଗର ହାତ ବଢାଇବେ। ପରିସ୍ଥିତିରେ ପଡି ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପଡୋଶୀମାନେ କାନ୍ଥବାଡରେ ଲୁଗାଛାଟି କଳହ କରିବାର ଉପକ୍ରମ କରିପାରନ୍ତି।

**ମକର** ଆପଣ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** ପ୍ରତ୍ୟେକ କାମରେ କିଛିନା କିଛି ଅସୁବିଧା ରହିଥିବାର ଉପଲବ୍ଧ କରିବେ । କଳହ, ପ୍ରତିହିଂସା, ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି । ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଅପରାହ୍ନେ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବିଭିନ୍ନ ଦିଗରୁ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି କୁମାରପୂର୍ଣ୍ଣିମା, କାର୍ତ୍ତିକେୟ ଜନ୍ମ, କୁମାରୋତ୍ସବ, ଶ୍ରୀସୁଦର୍ଶନଦେବଙ୍କ ଆଶ୍ରମ ବିଜେ, ଜହ୍ନିଓଷା ସମାପ୍ତି, ଅକ୍ଟୋବର ୩୧ ତାରିଖ ଶନିବାର, ରାଷ୍ଟ୍ରୀୟ ଏକତା ଦିବସ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ମହର୍ଷୀ ବାଲ୍ମୀକି, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ, ରାଶିନକ୍ଷତ୍ର- ଅଶ୍ୱିନୀ/ମେଷ, ମେଷରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୫୧ମି.ଗତେ ଘ.୦୬.୩୬ମି. ମଧ୍ୟେ, ଘ. ୦୭.୧୧ମି. ଗତେ ଘ.୦୯.୩୭ମି. ମଧ୍ୟେ, ଘ.୧୧.୫୨ମି.ଗତେ ଘ.୦୨.୫୩ମି.ମଧ୍ୟେ, ଘ.୦୩.୩୮ମି.ଗତେ ଘ.୦୫.୦୯ମି. ମଧ୍ୟେ, ରାତ୍ରି ଘ.୦୨.୨୮ମି. ଗତେ ଘ.୦୩.୧୯ମି. ମଧ୍ୟେ ଅମୃତବେଳା।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଦେବଗଡ଼,(ଡ଼ି.ଏନ୍.ଏ.): ଦେବଗଡ ଜିଲାରେ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ସଞ୍ଚୟ ରଥକୁ ଡେପୁଟୀ କଲେକ୍ଟର ସିପ୍ରା ସେଠୀ ଉଦ୍‌ଘାଟନ କରିଛନ୍ତି। ରଥ ବାବୁ ସାହି, କଚେରୀ ସାହି, ମ୍ୟୁନସିପାଲିଟି ସାହି, ଭିତିରିଆ ସାହି, ମୁଖ୍ୟ ବଜାର, ପୁରୁଣାଗଡ଼, ବଣିଆଁ ସାହି, ଭୂୟାଁସାହି ଦେଇ ସହର ପରିକ୍ରମା କରିଥିଲା। ରଥ ପରିକ୍ରମା ବେଳେ ବିଭିନ୍ନ ସାହି ଛକରେ ମାସ୍କ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ଯଶୋବନ୍ତ ଦେହୁରୀଙ୍କ ସମେତ ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟର ନନ୍ଦିନୀ ନାଏକ, କ୍ଷିରେଶ୍ୱର ସାହୁ, ପ୍ରମୋଦ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ନାଗବାଚା ପୂଜାକୁ ନେଇ ଗଣ୍ଡଗୋଳ

**ଅତାବିରା,୩୦।୧୦(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ନାଇକେନପାଲି ଗ୍ରାମର ନାଗବାଚା ପୂଜାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ପକ୍ଷ ପୋଲିସରେ ଏତଲା ଦେବା ପରେ ୨ଟି ପୃଥକ ମାମଲା (ନଂ.୨୫୭/୨୦, ନଂ.୨୫୮/୨୦) ରୁଜୁ ହୋଇଛି । ପ୍ରକାଶ ଯେ, ଗତ ଶନିବାର ଉକ୍ତ ଗ୍ରାମରେ କୋଭିଡ୍ ଗାଇଡ୍ ଲାଇନକୁ ମାନି ନାଗବାଚା ପୂଜା ହୋଇଥିଲା ଏବଂ ପୂଜାର ଆୟବ୍ୟୟକୁ ନେଇ ଏକ ବୈଠକ ବସିଥିଲା। ବୈଠକକୁ ନ ଆସି ଗ୍ରାମର ଗୋଟିଏ ଗୋଷ୍ଠୀ ପୋଲିସରେ ଏତଲା ଦେଇଥିଲେ। ଏହା ଜାଣିବା ପରେ ଗ୍ରାମର ଅନ୍ୟ ଗୋଷ୍ଠୀ ଗୋଡ଼ଭଗା ଫାଣ୍ଡିକୁ ପହଞ୍ଚିଥିଲେ ଏବଂ ସେମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ହୋଇଥିବା କହିଥିଲେ। ଏହା ସହିତ ଅପର ଗୋଷ୍ଠୀଙ୍କ ବିରୋଧରେ ଅନ୍ୟ ଏକ ଏତଲା ଦେଇଥିଲେ। ଉଭୟ ଏତଲାକୁ ଭିତ୍ତି କରି ୭ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ କରୁଛି ।

### ଦୋକାନରେ ନିଆଁ ଲାଗି ଗ୍ୟାସ୍ ସିଲିଣ୍ଡର ଫାଟିଲା

**ଅମରପାଲି, ୩୦।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୋକାନରେ ନିଆଁ ଲାଗି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିଛି। ଏଥିରେ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ କାହାର କୌଣସି କ୍ଷତି ହୋଇନାହିଁ। ନିକଟସ୍ଥ ଚମ୍ପାମାଳ ଗ୍ରାମର ପୀତାମ୍ବର ଥନାପତି ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଚା, ବିସ୍କୁଟ ଦୋକାନ କରିଥିଲେ। ସବୁଦିନ ପରି ରାତି ସାଢ଼େ ୯ଟାରେ ଦୋକାନ ବନ୍ଦ କରି ସେ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କୌଣସି କାରଣରୁ ନିଆଁ ଲାଗି ବିସ୍ଫୋରଣ ଘଟିଥିଲା। ଖବର ପାଇ ବୀରମହାରାଜପୁର ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କଲାବେଳକୁ ସବୁ କିଛି ସରି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

### ଅସହାୟ ମହିଳା ଉଦ୍ଧାର

**ବରଗଡ଼ ଅଫିସ୍,୩୦।୧୦:** ବରଗଡ଼ ଜିଲା ସୋହେଲା ଅଞ୍ଚଳରୁ ଶୁକ୍ରବାର ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇଛି। ବରଗଡ଼ର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଉକ୍ତ ମହିଳାଙ୍କୁ ଉଦ୍ଧାର କରିଥିଲେ । ସେ ଜଣେ ମାନସିକ ରୋଗୀ ହୋଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ ଘା' ହୋଇଥିବା ଦେଖିବାକୁ ମିଳିଥିଲା। ସ୍ୱେଚ୍ଛାସେବୀମାନେ ମହିଳାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ ।

### ସୋସିଆଲ ମିଡିଆରେ ଯୁବତୀଙ୍କ ଫଟୋ ଭାଇରାଲ, ଯୁବକ ଗିରଫ

**ଲହୁଣୀପଡା, ୩୦।୧୦ (ଡି.ଏନ.ଏ.):** ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ନିଜ ଫଟୋ ସହ ଯୋଡି ଫେସ୍‌ବୁକରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ବାବୁ ନୂଆଗାଁ ଗ୍ରାମର ଦୀପକ କିଷାନ(୨୮)। ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୧୬/୨୦) ରୁଜୁ କରି ଦୀପକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ଯୁବତୀ ଜଣକ ସ୍ଥାନୀୟ ଏକ କଲେଜରେ ପଢୁଛନ୍ତି। ଦୀପକ ତାଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ଏପରି କାଣ୍ଡ ଘଟାଇବା ଅଭିଯୋଗ ହୋଇଥିଲା।

### ଗୋପବନ୍ଧୁ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ଅମରପାଲି, ୩୦।୧୦ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଶୁକ୍ରବାର ଗୋପବନ୍ଧୁ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ମନୋରଞ୍ଜନ ଦାଶ, ଉପସଭାପତି ସୁଶୀଲ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସଞ୍ଜୟ ମିଶ୍ର, ସମ୍ପାଦକ ବାଙ୍କବିହାରୀ ମହାକୁର ଓ ପରିଚାଳନା ସମ୍ପାଦକ ତଥା ସଂଯୋଜକ ଭାବେ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ଚୟନ କରାଯାଇଛି। ଡ. ହିମାଂଶୁ ଶେଖର ପାଢ଼ୀ, ଘନଶ୍ୟାମ ତ୍ରିପାଠୀ ଓ ଯଜ୍ଞେଶ୍ୱର ବିଶିଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଅନୁଷ୍ଠିତ କର୍ମକର୍ତ୍ତା ଚୟନରେ ଶାଶ୍ୱତ ତ୍ରିପାଠୀ ମୁଖ୍ୟଅତିଥି ଓ ବଟକୃଷ୍ଣ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

# କୃଷି ବିଲ୍ ବିରୋଧରେ ଗର୍ଜିଲେ ଚାଷୀ

**ବରଗଡ଼ ଅଫିସ୍/ପଦ୍ମପୁର, ୩୦।୧୦(ଡି.ଏନ.ଏ.)**



ସମାବେଶରେ ସମବେତ ଚାଷୀମାନେ ।

ନୂତନ କୃଷି ବିଲ୍‌କୁ ନେଇ ସାରାଦେଶରେ ଅସନ୍ତୋଷ ଦେଖାଯାଇଛି। ଏହା ବିରୋଧରେ ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ଜାରି ରହିଛି। ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲାରେ ମଧ୍ୟ କୃଷି ବିଲ୍ ପ୍ରତିବାଦରେ ଆନ୍ଦୋଳନ ତେଜିଛି। ଏହି କ୍ରମରେ ଶୁକ୍ରବାର ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆହ୍ୱାନରେ ବରଗଡ଼ ଜିଲା ପଦ୍ମପୁରରେ କୃଷକ ଚେତାବନୀ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଜିଲା ତଥା ଜିଲା ବାହାର ବହୁସଂଖ୍ୟକ ଚାଷୀ ଯୋଗଦେଇ କୃଷି ବିଲ୍‌କୁ ବିରୋଧ କରିବା ସହିତ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ ।

ଶୁକ୍ରବାର ସକାଳେ ଚାଷୀମାନେ ପଦ୍ମପୁର ଗୋରୁ ମାର୍କେଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପଦ୍ମପୁର ସହର ପରିକ୍ରମା କରିବା ସହିତ ପୁଣି ସେଠାକୁ ଫେରିଥିଲେ। ଏହାପରେ ସେଠାରେ ବିକ୍ଷୋଭ ସଭା ହୋଇଥିଲା। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ସ୍ଥାୟୀ ସଭାପତି ବାଞ୍ଛାନିଧି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନର ଆବାହକ ଲିଙ୍ଗରାଜ କହିଥିଲେ, ନୂତନ କୃଷି ବିଲ୍ ଦ୍ୱାରା ପୁଞ୍ଜିପତି, କମ୍ପାନୀ ଗୁଡ଼ିକ ଲାଭ ଉଠାଇବେ। ନୂତନ ଆଇନ ବ୍ୟବସ୍ଥା ସତ୍ତ୍ୱେ ବର୍ତ୍ତମାନର ମଣ୍ଡି ବ୍ୟବସ୍ଥା ତଥା ସର୍ବନିମ୍ନ ସହାୟକ ଦର(ଏମ୍ଏସ୍‌ପି) ବଳବତ୍ତର ରହିବ ବୋଲି ସରକାର ଦାବି କରୁଛନ୍ତି। ତଥାପି ମଣ୍ଡି ବାହାରେ ଘରୋଇ କମ୍ପାନୀ, ସଂସ୍ଥାମାନେ ଟିକସମୁକ୍ତ ବିକ୍ରିବଟା କରିବା ତଥା ଏମ୍ଏସ୍‌ପିରେ କିଣିବା ଆଇନଗତ ବାଧ୍ୟବାଧକତା ନ ରହିବା ଯୋଗୁ ମଣ୍ଡି ବ୍ୟବସ୍ଥା ଆପେ ଭୁଶୁଡ଼ି ପଡ଼ିବ ଏବଂ ଏମ୍ଏସ୍‌ପି ଘୋଷଣାର କିଛି ଅର୍ଥ ରହିବ ନାହିଁ ବୋଲି ଲିଙ୍ଗରାଜ କହିଥିଲେ ।

ଚାଷୀନେତା ଅଶୋକ ପ୍ରଧାନ ମଧ୍ୟ କୃଷି ବିଲ୍‌କୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ବିଲ୍ ଦ୍ୱାରା କୃଷିକ୍ଷେତ୍ରରେ ବଡ଼ ବଡ଼ କମ୍ପାନୀମାନଙ୍କର ପ୍ରବେଶ ସହିତ ଚାଷୀଙ୍କ ଉପରେ ଦୌରାତ୍ମ୍ୟ ବଢ଼ି ଚାଲିବ ବୋଲି ସେ କହିଥିଲେ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ, ୧୯୫୫ରେ ସଂଶୋଧନ କରି ଧାନ, ଗହମ, ଆଳୁ, ପିଆଜ, ଡାଲି, ଖାଇବା ତେଲକୁ ମହଜୁଦ କରି ରଖିବାର ସୀମାକୁ କଟକଣାମୁକ୍ତ କରାଯାଇଛି। ଫଳରେ ବଡ଼ ବଡ଼ କମ୍ପାନୀ ଗୁଡ଼ିକ ସେସବୁ ସାମଗ୍ରୀ ମହଜୁଦ ରଖି ଠିକଣା ସମୟରେ ମନଇଚ୍ଛା ଚଢ଼ାଦରରେ ବିକ୍ରି କରିବେ ଏବଂ ଖାଉଟିମାନେ ଶୋଷିତ ହେବେ । ଆଇନରେ ଏଭଳି ସଂଶୋଧନ ଆଣି ସରକାର ସେଭଳି କମ୍ପାନୀମାନଙ୍କୁ କଳାବଜାରରେ ବିକ୍ରି କରିବାର ସୁଯୋଗ ଦେଇଛନ୍ତି ବୋଲି ଉପସ୍ଥିତ ଚାଷୀନେତା ସରୋଜ ମହାନ୍ତି, ବ୍ୟୋମକେଶ ଠାକୁର, ରମେଶ ମହାପାତ୍ର, ହର ବଣିଆ, ବିଶ୍ୱନାଥ ରଣା, ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ ପ୍ରମୁଖ ଅଭିଯୋଗ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଦୀପା ବାରିକ, ଦିବସ କୁମାର ସାହୁଙ୍କୁ ମାଟିର ମହକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କୈଳାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

■ପଦ୍ମପୁରରେ ଚାଷୀ ସମାବେଶ, ବିକ୍ଷୋଭ ଶୋଭାଯାତ୍ରା
■ଆଗକୁ ଦୁର୍ବାର ଆନ୍ଦୋଳନ

# ଦିବ୍ୟାଙ୍ଗ ରାମପ୍ରସାଦଙ୍କୁ ମିଳିଲା ତିନିଚକିଆ ସ୍କୁଟି

**ବଲାଙ୍ଗୀର ଅଫିସ, ୩୦।୧୦**

ବଲାଙ୍ଗୀର ଗୁଡ଼ୁଭିପଡା ନିବାସୀ ଦିବ୍ୟାଙ୍ଗ ରାମପ୍ରସାଦ ଚୌଧୁରୀ (୪୯)ଙ୍କୁ ଶେଷରେ ଦୀର୍ଘ ଅପେକ୍ଷା ପରେ ବ୍ୟାଟେରୀ ଚାଳିତ ତିନିଚକିଆ ସ୍କୁଟି ମିଳିଛି। ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଥିପାଇଁ ସିଡିଏମ୍‌ଓ ଅଫିସକୁ ଦୌଡ଼ି ନୟାନ୍ତ ହୋଇଯାଇଥିବା ରାମପ୍ରସାଦଙ୍କ ଦୁଃଖ ଓ ସଂଘର୍ଷ କାହାଣୀକୁ ନେଇ ଧରିତ୍ରୀରେ ଗତ ସେପ୍ଟେମ୍ବର ୧୨ ରେ ଖବର ପ୍ରକାଶ ପାଇଥିଲା। ଏହାପରେ ସିଡିଏମ୍‌ଓ ଅଫିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗୁରୁବାର ରାମପ୍ରସାଦଙ୍କୁ ସିଡିଏମ୍‌ଓ ଅଫିସ ପକ୍ଷରୁ ବ୍ୟାଟେରୀ ଓ ପେଟ୍ରୋଲ ଚାଳିତ ତିନିଚକିଆ ସ୍କୁଟି ପ୍ରଦାନ କରାଯାଇଛି ।

ଦିବ୍ୟାଙ୍ଗ ରାମପ୍ରସାଦ ଠିକ୍ ଭାବେ ଚାଲିପାରନ୍ତି ନାହିଁ। ଫଳରେ ଯିବା ଆସିବା ପାଇଁ ଅସୁବିଧା ଭୋଗ କରୁଥିଲେ। ୨୦୧୮ମସିହାରେ ତତ୍କାଳୀନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ଏକ ବ୍ୟାଟେରୀ ଚାଳିତ ତିନିଚକିଆ ସ୍କୁଟି ଦେବାକୁ ରାମପ୍ରସାଦ ଅନୁରୋଧ କରିଥିଲେ। ଏମ୍‌ପି ସିଂଦେଓ ଏଥିଲାଗି ଜିଲାପାଳଙ୍କୁ ଚିଠି ଲେଖିଥିଲେ । ତେବେ ଜିଲା ପ୍ରଶାସନଠାରୁ ଏହା ନ ମିଳିବାରୁ ପରେ ସିଂଦେଓ ତାଙ୍କ ଏମ୍‌ପିଲାଡ ଫଣ୍ଡରୁ ୭୦ହଜାର ଟଙ୍କା ଅନୁଦାନ ଦେଇ ତିନି ଚକିଆ ସ୍କୁଟି କିଣି ଦେବାକୁ ସୁପାରିଶ କରିଥିଲେ । ଗତ ୨୦୧୯ ଫେବୃୟାରୀ ଓ ନଭେମ୍ବର ମାସରେ ଜିଲାପାଳ ଦେଇଥିବା ଚିଠିରେ ଏମ୍‌ପି ଲାଡ ଫଣ୍ଡରୁ ଏ ବାବଦରେ ୭୦ ହଜାର ଟଙ୍କା ସିଡିଏମ୍‌ଓ ଅଫିସକୁ ଦିଆଯାଇଥିଲା । ଏହି ଚିଠି ହେବାର ପ୍ରାୟ ୧୦ ମାସ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ରାମପ୍ରସାଦଙ୍କୁ ଉକ୍ତ ଗାଡି ମିଳି ନ ଥିଲା । ତେବେ ଏମ୍‌ପି ଲାଡଫଣ୍ଡରୁ ଅନୁଦାନ ମଞ୍ଜୁର ହୋଇଥିବା ଜାଣିଲା ପରେ ଦିବ୍ୟାଙ୍ଗ ରାମପ୍ରସାଦ ସିଡିଏମ୍‌ଓ ଅଫିସକୁ ଦୀର୍ଘ ୧୦ମାସ ଧରି ଦୌଡିଥିଲେ ମଧ୍ୟ ତାଙ୍କ କଥାକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥିଲା । ଧରିତ୍ରୀରେ ଖବର ପରିବେଷଣ ପରେ ସିଡିଏମ୍‌ଓ ଅଫିସରେ ଫାଇଲ କାମ ଆଗକୁ ବଢ଼ିଥିଲା। ଏବେ ସ୍କୁଟି ପାଇବା ପରେ ରାମପ୍ରସାଦ ଓ ତାଙ୍କ ପରିବାର ଖୁସି ପ୍ରକାଶ କରିବା ସହ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି ।



ତିନିଚକିଆ ସ୍କୁଟି ସହ ରାମପ୍ରସାଦ।

**ଧରିତ୍ରୀ ପ୍ରଭାବ**

# କୃଷି ଆଇନକୁ କଂଗ୍ରେସର ବିରୋଧ, ହସ୍ତାକ୍ଷର ଅଭିଯାନ

**ଖଡିଆଳ, ୩୦।୧୦ (ଡି.ଏନ.ଏ)**

ନୂଆପଡା ଜିଲା ଖଡିଆଳ କଂଗ୍ରେସ କମିଟି ତରଫରୁ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ବିରୋଧରେ ଜିଲାରେ କିଷାନ ମଜଦୁର ବଞ୍ଚାଅ ହସ୍ତାକ୍ଷର ଅଭିଯାନ ଆୟୋଜନ କରାଯାଇଥିଲା । ଗୁରୁବାର ଦଳ ତରଫରୁ ଖଡିଆଳ ବ୍ଲକ ଚନାବେଡା, ସାନମହେଶ୍ୱର, ବରଗାଁ ଗ୍ରାମରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଶ୍ୟାମସୁନ୍ଦର କୁଳଦୀପ, ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ହୀରାଧର ମେହେର, ବିଭୁଦତ୍ତ ଯୋଶୀ, ସାନଜଗତ ବ୍ଲକ ଜୋନ ସଭାପତି ରଞ୍ଜିତ ଶବର, ପବନ ତ୍ରିବେଦୀ, ମିହିର ନାଏକ ପ୍ରମୁଖ ଯୋଗଦେଇଥିଲେ। ନେତୃବର୍ଗ ନୂତନ କୃଷି ଆଇନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଆଇନକୁ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ହସ୍ତାକ୍ଷର ମାଧ୍ୟମରେ ଦାବି ଜଣାଇବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ ।

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ଲୋଇସିଂହା,୩୦।୧୦(ଡି.ଏନ.ଏ)**

ରାଜ୍ୟ ସରକାର ବିଦ୍ୟୁତ୍ ୟୁନିଟ ପିଛା ୨୦ ପଇସା ବୃଦ୍ଧି କରିଛନ୍ତି। କରୋନା ମହାମାରୀ ଯୋଗୁ ରୋଜଗାର ହରାଇଥିବା ଖାଉଟୀଙ୍କ ଉପରେ ଏହା ଆର୍ଥିକ ବୋଝ ପକାଉଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ପକ୍ଷରୁ ଲୋଇସିଂହା ଓ ଆଗଲପୁର ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରପତ୍ରକୁ ଉଭୟ ବ୍ଲକର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଭାପତି ଜଗଦୀଶ ଚନ୍ଦ୍ରବିଭାର, ଆଶିଷ ପାଣ୍ଡେ, ଶଙ୍କରପ୍ରସାଦ ନାଗ, ସତ୍ୟ ସାହୁଙ୍କ ସମେତ ବହୁ କର୍ମୀ ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ। ଲକ୍‌ଡାଉନ, ଶଟଡାଉନ ମାଡରେ ଲୋକଙ୍କ ଆର୍ଥିକ ସ୍ଥିତି ଭୁଶୁଡି ପଡିଛି । ଏପରି ସମୟରେ ବିଦ୍ୟୁତ୍ ଦର ବୃଦ୍ଧି ଜନତାଙ୍କ ପ୍ରତି ବିଶ୍ୱାସଘାତକତା। ବିଗତ ୫ ବର୍ଷରେ ରାଜ୍ୟସରକାର ଦ୍ୱିତୀୟ ଥରପାଇଁ ଦର ବୃଦ୍ଧିକୁ ସେମାନେ ନିନ୍ଦା କରିଥିଲେ।



ବିଦ୍ୟୁତ୍ ଦରବୃଦ୍ଧିର ପ୍ରତିବାଦ କରି ଦାବିପତ୍ର ପ୍ରଦାନ କରାଯାଉଛି।

# ଚିକିତ୍ସା ସେବା ପାଇଁ ଭିନ୍ନକ୍ଷମ ହିତାଧିକାରୀ ଚିହ୍ନଟ

**ସୁନ୍ଦରଗଡ, ୩୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଏଆରସି) ଭିନ୍ନକ୍ଷମଙ୍କ ଚିକିତ୍ସା ଓ ପୁନର୍ବାସ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି କେନ୍ଦ୍ରରୁ ଜିଲାରେ ଥିବା ଭିନ୍ନକ୍ଷମମାନେ କିପରି ଉପଯୁକ୍ତ ସେବା ପାଇବେ ସେ ନେଇ ପ୍ରଶାସନ ପଦକ୍ଷେପ ନେଉଛି। ଏଥିପାଇଁ ଗତ ଦୁଇ ମାସ ହେଲା ଗାଁ ଗାଁରେ ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଚାଲିଛି। ଅଙ୍ଗନୱାଡି ଓ ଆଶା କର୍ମୀମାନେ ନିଜ ନିଜ ଅଞ୍ଚଳରେ ହିତାଧିକାରୀଙ୍କୁ ଚିହ୍ନଟ କରି ବ୍ଲକକୁ ତାଲିକା ଦେବେ। ଏଥିପାଇଁ ଏକ ଫର୍ମାଟ ପ୍ରସ୍ତୁତ କରାଯାଇଛି । ବ୍ଲକସ୍ତରରେ ହିତାଧିକାରୀମାନଙ୍କର ଡାଟାବେସ ପ୍ରସ୍ତୁତ କରାଯିବା ପରେ ତାହା ଜିଲାକୁ ଆସିବ। ଫଳରେ ଏଆର୍‌ସିରୁ ସେବା ଯୋଗାଇ ଦେବା ପାଇଁ ହିତାଧିକାରୀମାନଙ୍କୁ ସିଧାସଳଖ ଯୋଗାଯୋଗ କରାଯିବ ବୋଲି ସୂଚନା ଦେଇଛନ୍ତି ସୁନ୍ଦରଗଡ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି । ହିତାଧିକାରୀ ଚିହ୍ନଟ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକସ୍ତରରେ ଏକ ସମନ୍ୱୟ କମିଟି ଗଠନ କରାଯାଇଛି । ପ୍ରତି ବ୍ଲକରେ ବିଡିଓ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି । ସୁନ୍ଦରଗଡରେ ଥିବା ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଭିନ୍ନକ୍ଷମଙ୍କ ଜୀବନ ଓ ଜୀବିକାକୁ ଏକ ନୂଆ ରୂପରେ ଆଗେଇ ନେବାରେ ସାହାଯ୍ୟ କରୁଛି। ତେଣୁ ଜିଲାର ଅଧିକରୁ ଅଧିକ ହିତାଧିକାରୀ କିଭଳି ଏହି ଅତ୍ୟାଧୁନିକ ସେବା ପାଇପାରିବେ ସେଥିପାଇଁ ଜିଲାବ୍ୟାପୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ସୁନ୍ଦରଗଡ ଜିଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି।

ସୂଚନାଯୋଗ୍ୟ, ଏହି କେନ୍ଦ୍ରରେ ଗରିବ ହିତାଧିକାରୀମାନଙ୍କୁ କୃତ୍ରିମ ଅଙ୍ଗରୋପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି। ତେବେ କୃତ୍ରିମ ଅଙ୍ଗରୋପଣ ସେବା ନେବାକୁ ଚାହୁଁଥିବା କୌଣସି ବ୍ୟକ୍ତିଙ୍କର ବାର୍ଷିକ ଆୟ ୨ ଲକ୍ଷ ୪୦ ହଜାର ଟଙ୍କାରୁ ଅଧିକ ହୋଇଥିଲେ ଏଥିପାଇଁ ତାଙ୍କୁ ସରକାରଙ୍କ ନିର୍ଦ୍ଧାରିତ ଦେୟ ହିସାବରେ ଅର୍ଥ ଦେବାକୁ ପଡିବ। ସେହିପରି ଭିନ୍ନକ୍ଷମ ପ୍ରମାଣପତ୍ର, ରାସନକାର୍ଡ, ବିପିଏଲ କାର୍ଡ ଏବଂ ଭିନ୍ନକ୍ଷମ ଭତ୍ତାଧାରୀମାନେ ମଧ୍ୟ ଏହି ସେବା ମାଗଣାରେ ପାଇପାରିବେ। ଏହି କେନ୍ଦ୍ରରେ ସମସ୍ତଙ୍କ ପାଇଁ ମାଗଣାରେ ରୋବୋଟିକ୍ସ ଫିଜିଓଥେରାପି ସେବା ଯୋଗାଇ ଦିଆଯାଉଛି । ଭିନ୍ନକ୍ଷମମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେବା ଲକ୍ଷ୍ୟରେ ସୁନ୍ଦରଗଡ ଜିଲା ପ୍ରଶାସନ ଉଦ୍ୟମରେ ପ୍ରତିଷ୍ଠା ହୋଇଛି ରାଜ୍ୟର ଏହି ଦ୍ୱିତୀୟ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର। ଜିଲା ଖଣିଜ ପ୍ରତିଷ୍ଠାନର (ଡିଏମଏଫ) ଆର୍ଥିକ ସହାୟତାକ୍ରମେ ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏହି କେନ୍ଦ୍ର ଖୋଲାଯାଇଛି। ଜିଲାର ଭିନ୍ନକ୍ଷମ ହିତାଧିକାରୀମାନେ ଏହି ସେବା ପାଇବା ପାଇଁ ସ୍ଥାନୀୟ ଆଶା କିମ୍ବା ଅଙ୍ଗନୱାଡି କର୍ମୀଙ୍କ ସହ ଯୋଗାଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଆମ ଗାଁ ଆମ ବିକାଶ କାର୍ଯ୍ୟରେ ପାତରଅନ୍ତର ଅଭିଯୋଗ

**ନାକଟିଦେଉଳ, ୩୦।୧୦(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଅନ୍ତର୍ଗତ ଯୁରାପାଲି ଗ୍ରାମରେ ଆମ ଗାଁ ଆମ ବିକାଶ କାର୍ଯ୍ୟରେ ପାତରଅନ୍ତର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ପ୍ରଧାନପଡ଼ାରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା। ଏଥିପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଫାଇଲ ଖୋଲାଯାଇ ପ୍ରକ୍ରିୟା ଆଗକୁ ବଢିଥିଲା। ତେବେ ଗ୍ରାମର କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଏହି କାମକୁ ପ୍ରଧାନପଡ଼ାରୁ ତଳସାହିକୁ ସ୍ଥାନାନ୍ତରିତ କରିଛନ୍ତି। ଏହା ବିରୋଧରେ ପ୍ରଧାନପଡ଼ାର ଜନସାଧାରଣ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ବିଡିଓ ଏହା ଉପରେ ନୀରବଦ୍ରଷ୍ଟା ସାଜିଥିବା ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ବର୍ତ୍ତମାନ ତଳସାହିରେ ଏହି କାର୍ଯ୍ୟ ଆଗେଇ ଚାଲିଛି। ପ୍ରଧାନପଡ଼ାର ଲୋକେ ଏ ନେଇ ବିଡିଓଙ୍କୁ ଅଭିଯୋଗ କରି ବିଫଳ ହେବା ପରେ ଜିଲାପାଳଙ୍କୁ ଡାକପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବିବେକାନନ୍ଦ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଅଭିଯୋଗ ଉପରେ ତଦନ୍ତ କରାଯାଉଛି ବୋଲି କହିଛନ୍ତି। ଅପରପକ୍ଷରେ ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯୁରାପାଲି ଗ୍ରାମର ପ୍ରଧାନପଡ଼ାରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

# ବୁଲିଲା ମିତବ୍ୟୟିତା ସଚେତନତା ରଥ




ସଞ୍ଚୟ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

**ସୁନ୍ଦରଗଡ, ୩୦।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ କୌଶଲ୍ୟା ଭିତ୍ରିଆଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଞ୍ଚୟ ରଥ ସୁନ୍ଦରଗଡ ସହରର ସମସ୍ତ ମାର୍କେଟ, ଫୁଗୁଆପଡା, ଭୋଜପୁର, କରମଡିହି, ଭଗପାଲି ମାଲିଡିହି, ସବଡେଗା, ବାଲିଶଙ୍କରା, କିଞ୍ଜିରିକେଲଶ, ବନ୍ଧବାହାଲ ତଥା ଅନ୍ୟାନ୍ୟ ପଞ୍ଚାୟତ ପରିକ୍ରମା କରି ଜିଲା ସଦର ମହକୁମାରେ ପହଞ୍ଚିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସର୍ବସାଧାରଣଙ୍କ ସଚେତନତା ପାଇଁ ସଞ୍ଚୟ ଓ ମିତବ୍ୟୟିତା ସମ୍ବନ୍ଧୀୟ ଲିଫଲେଟ ସାଙ୍ଗକୁ ମାସ୍କ ବଣ୍ଟନ କରାଯାଇଥିଲା ।

**ଆବଶ୍ୟକ**
ଘର କାମ ପାଇଁ ଝିଅ ପିଲା ଦରକାର । ରହିବା, ଖାଇବା ମାଗଣା ।
ଦରମା: କାମ ଦେଖି ଦିଆଯିବ ।
7016330321, 6371887781

**WANTED**
RECEPTIONIST for a UNISEX BEAUTY SALOON at Paradip. Candidate having minimum one year experience. Both Male & Female can contact.
Mobile No.
9938389945, 6371325588

**WANTED**
Covid-19 ଯୋଗୁଁ Jobless ଥିବା Candidatesଙ୍କୁ ଏକ MNC ତାର Cuttack Branch ରେ ସ୍ଥାୟୀ ନିଯୁକ୍ତି ଦେଉଛି ।
Qualification : +2/Above
Age : 18-30yrs
Monthly : Rs 9000/- to Rs.20000/-
Contact-7978772624

**WANTED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। Salary: 9000/- to 27,000/. Qualification- 7th to 10th & above.
Contact:8144204606

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ ।
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍ଇନ୍ କରନ୍ତୁ http://cgrs.ibps.in/

**ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୧-୨୨ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-X)**

ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୦/ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି ।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-।) |
| ୦୨ | ଏଗ୍ରିକଲ୍‌ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍ ।) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ ।) |
| ୦୪ | ଲ' ଅଫିସର୍ (ସ୍କେଲ୍ ।) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ ।) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ ।) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୨।୧୧।୨୦୨୦–୨୩।୧୧।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୨।୧୧।୨୦୨୦–୨୩।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୨୬।୧୨।୨୦୨୦ ଓ ୨୭।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୪।୦୧।୨୦୨୧ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ତା୦୧।୧୧।୨୦୨୦ରିଖର ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୨୮।୧୦।୨୦୨୦ — ନିର୍ଦ୍ଦେଶକ

> ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ- ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ୍ୟ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ-ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ। **-ଶ୍ରୀଅରବିନ୍ଦ**

# ଭୟାନକ ଷ୍ଟାଗ୍‌ଫ୍ଲେସନ

ଡ. ସନ୍ତୋଷ କୁମାର ମହାପାତ୍ର

କରୋନା ସଂକ୍ରମଣର ପ୍ରଭାବ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଲାଣି। ବର୍ତ୍ତମାନ ବାଂଲାଦେଶର ମୁଣ୍ଡପିଛା ଜିଡିପିଠାରୁ ଭାରତର ମୁଣ୍ଡପିଛା ଜିଡିପି କମ୍ ହେବାକୁ ଯାଉଛି ବୋଲି ଆଲୋଚନା ହେଉଛି। କିନ୍ତୁ ଚିନ୍ତାର ବିଷୟ ଯେ, ଭାରତୀୟ ଅର୍ଥନୀତିରେ କେବଳ ଜିଡିପି ହ୍ରାସ ହୋଇନାହିଁ ବରଂ ଅର୍ଥନୀତି ଭୟଙ୍କର ବିପର୍ଯ୍ୟୟ ଆଡକୁ ଗତି କରୁଛି। ଭୟାନକ ଷ୍ଟାଗ୍‌ଫ୍ଲେସନ ବା ରିସେସନ-ମୁଦ୍ରାସ୍ଫୀତି (recession- infla-tion) ସମ୍ମୁଖୀନ ହୋଇଛି। ସାଧାରଣତଃ ମୁଦ୍ରାସ୍ଫୀତି ସହିତ ଅଧିକ ଅଭିବୃଦ୍ଧି, ନିଯୁକ୍ତି ଜଡିତ ରହିଛି। କିନ୍ତୁ ଷ୍ଟାଗଫ୍ଲେସନ ହେଉଛି ଅର୍ଥନୀତିର ସ୍ଥାଣୁତା ଏବଂ ମୁଦ୍ରାସ୍ଫୀତିର ମିଶ୍ରଣ। ଗୋଟିଏ ପଟେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଲା ବେଳେ ଅପରପଟେ ଆର୍ଥିକ ଅଭିବୃଦ୍ଧି ହ୍ରାସ ଘଟେ, ବେରୋଜଗାରୀ ବୃଦ୍ଧି ପାଏ। ଏହା ଆର୍ଥିକ ନୀତି ପ୍ରଣୟନ ପାଇଁ ଏକ ଦ୍ୱନ୍ଦ୍ୱ ଉପସ୍ଥାପନ କରେ। କାରଣ ମୁଦ୍ରାସ୍ଫୀତି ହ୍ରାସ ପାଇଁ ସୁଧହାର ବୃଦ୍ଧି ତଥା ଅନ୍ୟ ଯେଉଁ ପଦକ୍ଷେପ ନିଆଯାଏ ତାହା ବେଳେ ବେଳେ ଅଭିବୃଦ୍ଧିର ପରିପନ୍ଥୀ ହୋଇଥାଏ। ୧୯୭୦ ଦଶକରେ ପ୍ରଥମେ ଷ୍ଟାଗଫ୍ଲେସନ ବିଷୟରେ ଆଲୋଚନା ହୋଇଥିଲା, ଯେତେବେଳେ ତୈଳ ସଙ୍କଟ ଯୋଗୁ ଅନେକ ବିକଶିତ ରାଷ୍ଟ୍ର ମୁଦ୍ରାସ୍ଫୀତି ଓ ଉଚ୍ଚ ବେରୋଜଗାରୀ ସମସ୍ୟା ଅନୁଭବ କରିଥିଲେ। ଷ୍ଟାଗଫ୍ଲେସନ ପ୍ରସଙ୍ଗ ପ୍ରଥମେ ଗ୍ରେଟବ୍ରିଟେନରେ ଆର୍ଥିକସମସ୍ୟା ସମୟରେ ୧୯୬୦ ଦଶକରେ ହାଉସ ଅଫ କମନ୍ସରେ ରାଜନେତା ଲେନ ମେକଲୋଡ (Iain macleod)ଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା।

ଭାରତରେ କେବଳ ଜିଡିପି ଏପ୍ରିଲ-ଜୁନ ୨୦୨୦ ତ୍ରୟମାସରେ ୨୩.୯ପ୍ରତିଶତ ହ୍ରାସ ହୋଇନାହିଁ ବରଂ ଚଳିତ ଆର୍ଥିକବର୍ଷରେ ଭାରତର ଜିଡିପି ୯.୫ପ୍ରତିଶତ ହ୍ରାସ ପାଇବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ଚିନ୍ତାର ବିଷୟ ହେଉଛି ଆଇଏମ୍ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଆକଳନ ଅନୁସାରେ, ୨୦୨୦ରେ ଚାଇନାର ଜିଡିପି ୧.୯ପ୍ରତିଶତ ବୃଦ୍ଧି ପାଇବ, ବିଶ୍ୱ ଜିଡିପି ୪.୪ପ୍ରତିଶତ ହ୍ରାସ ପାଇବ କିନ୍ତୁ ସେତେବେଳେ ଭାରତର ଜିଡିପି ୧.୩ପ୍ରତିଶତ ହ୍ରାସ ପାଇବ। ଭାରତର ମୁଣ୍ଡପିଛା ଜିଡିପି ବାଂଲାଦେଶ ତୁଳନାରେ ହ୍ରାସ ପାଇବା ବେଳେ କେବଳ ଜିଡିପି ନୁହେଁ, ଅନ୍ୟସବୁ ସୂଚକାଙ୍କରେ ମଧ୍ୟ ଭାରତ ନିମ୍ନଗାମୀ ହୋଇଛି। ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ଇଣ୍ଡେକ୍ସ ପୂର୍ବ ବର୍ଷ ତୁଳନାରେ ଜୁଲାଇ ୨୦୨୦ରେ ୧୦.୪ପ୍ରତିଶତ ହ୍ରାସ ପାଇଛି। ସେହିପରି ଶିଳ୍ପ ଉତ୍ପାଦନ (ଆଇଆଇପି) ଜୁନ ମାସରେ ୧୫.୭ପ୍ରତିଶତ, ଜୁଲାଇରେ ୧୦.୭ପ୍ରତିଶତ ଏବଂ ଅଗଷ୍ଟରେ ୮ପ୍ରତିଶତ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଅଗଷ୍ଟରେ ଏହା ମୋଟ ୧.୪ପ୍ରତିଶତ ହ୍ରାସ ପାଇଛି। ସେହିଭଳି ଆଠଟି କୋର ସେକ୍ଟର ଯଥା ଶିଳ୍ପ-କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ, ଇସ୍ପାତ, ସିମେଣ୍ଟ, ବିଦ୍ୟୁତ ଏବଂ ସାରର ମିଳିତ ସୂଚକାଙ୍କ (ଶିଳ୍ପ ଉତ୍ପାଦନ ସୂଚକାଙ୍କରେ ୪୦.୨୭ପ୍ରତିଶତ) ଜୁଲାଇରେ ୯.୬ପ୍ରତିଶତ ହ୍ରାସ ଘଟିଛି। ଏପ୍ରିଲରେ ୩୭.୯ପ୍ରତିଶତ, ମେ ମାସରେ ୨୨ପ୍ରତିଶତ ଏବଂ ଜୁନ ୨୦୨୦ରେ ୧୨.୯ପ୍ରତିଶତ ହ୍ରାସ ପାଇଥିଲା।

ସେହିପରି ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଦ୍ୱାରା ମପାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି କ୍ରମାଗତ ନଅ ମାସ ପାଇଁ ଆରବିଆଇ ଦ୍ୱାରା ଧାର୍ଯ୍ୟ ୬ପ୍ରତିଶତର ଉପର ବ୍ୟାଣ୍ଡ୍ ଉପରେ ରହିଛି। ଏହା ଜୁନ ମାସରେ ୬.୨୩ପ୍ରତିଶତ ଥିଲା। ଜୁଲାଇ ୨୦୨୦ରେ ୬.୭୩ପ୍ରତିଶତକୁ ଏବଂ ଅଗଷ୍ଟରେ ୬.୬୯ପ୍ରତିଶତକୁ ବୃଦ୍ଧି ପାଇଥିଲା। ପୁନଶ୍ଚ ସେପ୍ଟେମ୍ବର ୨୦୨୦ରେ ୭.୩୪ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଗତ ଆଠ ମାସରେ ସର୍ବାଧିକ। ଜୁଲାଇ ୨୦୨୦ରେ ଭାରତର ଉପଭୋକ୍ତା ମୁଦ୍ରାସ୍ଫୀତି (ଜୁଲାଇରେ ୬.୭୩ପ୍ରତିଶତ) ଅନ୍ୟ ଦେଶ ତୁଳନାରେ ବହୁତ ଅଧିକ। ଏହା ସେହି ସମୟରେ ଆମେରିକାରେ ୧.୦ପ୍ରତିଶତ, ଦକ୍ଷିଣ କୋରିଆ ୦.୩ପ୍ରତିଶତ, ମେକ୍ସିକୋ ୩.୬୨ପ୍ରତିଶତ, ଇଣ୍ଡୋନେସିଆ ୧.୩୨ପ୍ରତିଶତ ରହିଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇ ଚାଲିଛି। ଯୋଗାଣ ବ୍ୟାହତ ହେତୁ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଜୁନ ୨୦୨୦ରେ ଏହା ୮.୭ପ୍ରତିଶତ, ଜୁଲାଇରେ ୯.୬୨ପ୍ରତିଶତ ଏବଂ ଅଗଷ୍ଟରେ ୯.୧ପ୍ରତିଶତ ଥିଲା। ପୁନଶ୍ଚ ସେପ୍ଟେମ୍ବର ୨୦୨୦ରେ ୧୦.୬୮ପ୍ରତିଶତକୁ ବୃଦ୍ଧି ପାଇଛି। ପନିପରିବା କ୍ଷେତ୍ରରେ ଏହା ୨୦.୭୩ପ୍ରତିଶତ। ସେହିପରି କୋର ମୁଦ୍ରାସ୍ଫୀତି ଜାନୁୟାରୀ ୨୦୨୦ରେ ୪.୨ପ୍ରତିଶତ ଥିଲା, ଅଗଷ୍ଟରେ ୫.୮ପ୍ରତିଶତ ଛୁଇଁଛି।

ଏପ୍ରିଲରେ ପ୍ରାୟ ୧୨.୧୫ କୋଟି ଭାରତୀୟ ନିଯୁକ୍ତି ହରାଇଛନ୍ତି। ଆପାତତଃ ନିଯୁକ୍ତି ହରାଇଥିବା ଦିନ ମଜୁରିଆ ଏବଂ ଛୋଟ ବ୍ୟବସାୟୀଙ୍କ ସଂଖ୍ୟା ୯.୧୩ କୋଟି। ନିଯୁକ୍ତି ହରାଇଥିବା ଉଦ୍ୟୋଗୀଙ୍କ ସଂଖ୍ୟା ୧.୮୨ କୋଟି ହୋଇଥିଲାବେଳେ ବେତନଭୋଗୀ ଶ୍ରେଣୀ ମଧ୍ୟରେ ୧.୭୮ କୋଟି ନିଯୁକ୍ତି ହରାଇଥିଲେ। କେବଳ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫିତି ସମସ୍ୟା ନୁହେଁ, ଦେଶର ଋଣ ମଧ୍ୟ ଅହେତୁକ ବୃଦ୍ଧିପାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣର ତଥ୍ୟ ଅନୁଯାୟୀ ଘରୋଇ ଉତ୍ପାଦ (ଜିଡିପି) ଅନୁପାତରେ ସରକାରୀ ଋଣ ୨୦୨୦ରେ ରେକର୍ଡ ସର୍ବାଧିକ ୮୯.୩ପ୍ରତିଶତକୁ ବୃଦ୍ଧିପାଇବ। ୨୦୦୩ରେ ଏହା ସର୍ବାଧିକ ୮୪.୨ପ୍ରତିଶତ ଥିଲା। ଏହି ଅନୁପାତ ୨୦୧୯ରେ ୭୨.୩ପ୍ରତିଶତ ଏବଂ ପାଞ୍ଚ ବର୍ଷ ପୂର୍ବେ ୨୦୧୫ରେ ୬୮.୮ପ୍ରତିଶତ ଥିଲା। ପ୍ରଥମ ତ୍ରୟ ମାସରେ ଟିକସ ୩୨ପ୍ରତିଶତ ହ୍ରାସ ପାଇଛି। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୪୦୦ରୁ ଅଧିକ ଭିତ୍ତିଭୂମି ପ୍ରକଳ୍ପ ଠିକ୍ ସମୟରେ ଶେଷ ନ ହେବାରୁ ଧାର୍ଯ୍ୟ ବ୍ୟୟ ଅତ୍ୟଧିକ ଖର୍ଚ୍ଚର ସମ୍ମୁଖୀନ ହେଉଛି ଏବଂ ୪ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଅତିରିକ୍ତ ଖର୍ଚ୍ଚ ଆବଶ୍ୟକ ହେବ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଆଭାଙ୍କ ଅନୁଯାୟୀ କରୋନା ମହାମାରୀ ଭାରତରେ ୪ କୋଟିରୁ ଅଧିକ ଲୋକଙ୍କୁ ଅତ୍ୟଧିକ ଦାରିଦ୍ର୍ୟ ଭିତରକୁ ଠେଲିଦେଇଛି।

ସମସ୍ୟା ଲୋକଙ୍କ କ୍ରୟଶକ୍ତି ହ୍ରାସ ଏବଂ ସାମଗ୍ରିକ ଚାହିଦା ହ୍ରାସଜନିତ ହୋଇଥିଲାବେଳେ ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ କରିବା ଏବଂ ନଗଦ ମୁଦ୍ରା ଅଧିକ ବଜାରକୁ ଛାଡି ଯୋଗାଣ-ପାର୍ଶ୍ୱ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବାରୁ ତାହା ପ୍ରଭାବହୀନ ହୋଇଛି। ବରଂ ସଞ୍ଚୟକାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଗତ ଅକ୍ଟୋବର ୧୨ରେ ଘରୋଇ ଚାହିଦାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପ୍ରାୟ ୭୩,୦୦୦ କୋଟି ଟଙ୍କା (୯.୯୪ ବିଲିୟନ ଡଲାର) ମୂଲ୍ୟର ପ୍ୟାକେଜ୍ ଘୋଷଣା କରିଛନ୍ତି। ବିଶ୍ୱ ଆର୍ଥିକ ସେବାଗୋଷ୍ଠୀ ନେମୁରା ଅନୁଯାୟୀ, ଉକ୍ତ ପ୍ରୋତ୍ସାହନର ପ୍ରଭାବ ଅଭିବୃଦ୍ଧି ଉପରେ ବହୁତ ସୀମିତ, ଏପରି କି କାମ କରି ନ ପାରେ। ଉଲ୍ଲେଖନୀୟ ଯେ, ପୂର୍ବ ପ୍ୟାକେଜର ମୂଲ୍ୟ ପାଖାପାଖି ୨୧ ଲକ୍ଷ କୋଟି ଟଙ୍କା (୨୦,୯୭,୦୫୩ କୋଟି ଟଙ୍କା) (୨୭୭ ବିଲିୟନ ଡଲାର) କିମ୍ବା ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି)ର ୧୦ ପ୍ରତିଶତ ଥିଲା। କିନ୍ତୁ କେନ୍ଦ୍ରରୁ ସିଧାସଳଖ ସରକାରୀ ଖର୍ଚ୍ଚ ଭାରତର ଜିଡିପିର ମାତ୍ର ୧ ପ୍ରତିଶତରୁ କିଛି ଅଧିକ ଥିଲା। ଉଭୟ ମିଶି ଜିଡିପିର ପ୍ରାୟ ୧.୨ପ୍ରତିଶତ ହେବ, ଯାହା ବିଶ୍ୱରେ ପ୍ରାୟ ସର୍ବନିମ୍ନ। ବିଶ୍ୱରେ ପ୍ୟାକେଜର ମୂଲ୍ୟ ପାଖାପାଖି ୧୧୦୦୦ ବିଲିୟନ ଡଲାର।

ସରକାର ଭାବୁଛନ୍ତି ଅଧିକ ଅର୍ଥ ବ୍ୟୟକଲେ ଋଣ ବୃଦ୍ଧି ପାଇବ ଏବଂ ବିତ୍ତୀୟ ସଙ୍କଟ ଆହୁରି ଭୟଙ୍କର ହେବ। କିନ୍ତୁ ଭାରତ ହେଉଛି ଏକମାତ୍ର ଦେଶ, ଯେଉଁଠି ଜିଡିପି ଅନୁସାରେ ସରକାରୀ ବ୍ୟୟ ସର୍ବନିମ୍ନ। ଏହାକୁ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ଆବଶ୍ୟକ ଆର୍ଥିକ ପ୍ୟାକେଜ ଦେବାରେ ବିଫଳ ହୋଇ ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା ଡ. ସାନ୍ୟାଲ ଏକ ଖବର ଏଜେନ୍ସି ଦ୍ୱାରା ପଞ୍ଜୀକୃତ ୩୯ ଅର୍ଥଶାସ୍ତ୍ରୀଙ୍କ ମଧ୍ୟରୁ ୩୪ଜଣଙ୍କ ମତ ଉଦ୍ଧାର କରି କହିଛନ୍ତି ଯେ, ଆର୍ଥିକ ପ୍ୟାକେଜ ଅର୍ଥ ବ୍ୟବସ୍ଥାର ଉନ୍ନତିରେ ସହାୟକ ହୁଏନାହିଁ। ପ୍ରତ୍ୟକ୍ଷ ଭାବେ ବୁଝିବାକୁ ହେବ ଯେ, ସାଧାରଣ ଜନତାଙ୍କୁ କୌଣସି ସହାୟତା ଦେବାରେ ତାହା ସମର୍ଥ ନୁହେଁ।

ବାସ୍ତବରେ ଲୋକଙ୍କ କ୍ରୟଶକ୍ତି ହ୍ରାସ ଯୋଗୁଁ, ଚାହିଦା ଅଭାବ ହେବ ଓ କମ୍ପାନୀଗୁଡିକ ଅଧିକ ଦେବାଳିଆ ହେବେ। ପୁନଶ୍ଚ ଯେଉଁ କ୍ଷେତ୍ରରେ ଖର୍ଚ୍ଚକଲେ ଅଧିକ ହିତକାରୀ ହେବ, ସେହି କ୍ଷେତ୍ରରେ ଅଧିକ ଖର୍ଚ୍ଚ କରିବା ଉଚିତ। ଉଦାହରଣ ସ୍ୱରୂପ ସ୍ୱାସ୍ଥ୍ୟ ଭିତ୍ତିଭୂମି। କିନ୍ତୁ ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠି ଜିଡିପି ଅନୁସାରେ ସରକାରୀ ବ୍ୟୟ ସର୍ବନିମ୍ନ। ଏହାକୁ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ନିଯୁକ୍ତି ସୃଷ୍ଟି ଏବଂ ଗରିବ ଲୋକଙ୍କ ପକେଟକୁ ଟଙ୍କା ଟ୍ରାନ୍ସଫର ପାଇଁ ଅଧିକ ଅର୍ଥ ଖର୍ଚ୍ଚ ହେବା ଉଚିତ। ଏଥିପାଇଁ ଧନିକ ଉପରେ ଅଧିକ ଟିକସ ଧାର୍ଯ୍ୟ କରିବା ଆବଶ୍ୟକ। ଯଦି ଦେଶର ୯୫୩ ଧନୀ ପରିବାର ଉପରେ ୪ପ୍ରତିଶତ ଅଧିକ ଟିକସ ଧାର୍ଯ୍ୟ କରାଯାଏ ତେବେ ସରକାରଙ୍କୁ ଭାରତର ଜିଡିପିର ୧ପ୍ରତିଶତ ସହିତ ସମ୍ବଳ ମିଳିବ। କିନ୍ତୁ ଅତ୍ୟଧିକ ଧନୀଙ୍କ ଉପରେ ଅଧିକ ଟିକସ ଧାର୍ଯ୍ୟ ପାଇଁ ଏପ୍ରିଲରେ ଭାରତୀୟ ରାଜସ୍ୱ ସେବା ସଂଘ ଦ୍ୱାରା ଉପସ୍ଥାପିତ ପ୍ରସ୍ତାବକୁ ଭାରତ ସରକାର ପ୍ରତ୍ୟାଖ୍ୟାନ କରିଥିଲେ। ବରଂ ସେମାନଙ୍କୁ ଏପରି ମତ ପାଇଁ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ସୀତା ରାମନ କହୁଛନ୍ତି, ଆଜିର ସମାଧାନ ଆସନ୍ତାକାଲି ପାଇଁ ସମସ୍ୟା ସୃଷ୍ଟି କରିବା ଉଚିତ ନୁହେଁ। ସରକାର ଭବିଷ୍ୟତର ମୁଦ୍ରାସ୍ଫୀତି ବୋଝ ସାଧାରଣ ନାଗରିକଙ୍କ ଉପରେ ଲଦି ଦେବାକୁ କିମ୍ବା ସରକାରୀ ଋଣକୁ ଭୁଲ୍ ବାଟରେ ଖର୍ଚ୍ଚ କରିବାକୁ ଚାହାନ୍ତି ନାହିଁ। ଅନେକେ ଜୀବିକାର ଉତ୍ସ ହରାଇଲେଣି। ବଞ୍ଚିବାର ରାହା ଖୋଜୁଛନ୍ତି। ଏମିତି ବି ମୁଦ୍ରାସ୍ଫୀତି ଅଧିକ ରହିଛି। ଏଣୁ ଏସମୟରେ ଜୀବନ ଓ ଜୀବିକା ବଞ୍ଚାଇବା ପାଇଁ ଯାହା ଦରକାର ତାହା ସରକାର କରିବା ଉଚିତ। ବଞ୍ଚିଲେ ସିନା ଭବିଷ୍ୟତ କଥା ଚିନ୍ତା କରିବେ।

skmohapatra67@gmail.com
ମୋ-୯୪୩୭୨୦୮୭୬୨

# ବାବୁ ଓ ବଜେଟ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍-୧୯ ମହାମାରୀରେ ସାଂଘାତିକ ଭାବେ କ୍ଷତି ହୋଇଥିବା ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢାଇବା ଲାଗି ବଜେଟ୍ ୨୦୨୧-୨୨ର ଅବଗଣନା ଆରମ୍ଭ ହୋଇଯାଇଛି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆଭାସ ଦେବା ପରେ ତୃତୀୟ ଆର୍ଥିକ ପ୍ୟାକେଜ ଆସିବ ବୋଲି ଜୋରଧରିଛି। ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେଙ୍କ ନେତୃତ୍ୱରେ ବଜେଟ ପ୍ରସ୍ତୁତିରେ ସାମିଲ ବାବୁମାନେ କାମରେ ଲାଗିପଡିଛନ୍ତି। ବଜେଟ ପ୍ରସ୍ତୁତି ପାଇଁ ପ୍ରଥମ ବୈଠକ ଅର୍ଥ ସେବା ବିଭାଗର ଅଧିକାରୀମାନଙ୍କ ସହ ଏମ୍ଏସ୍ଏମ୍ଇ, ଗୃହ,ଷ୍ଟିଲ୍ ଏବଂ ଶକ୍ତି ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ୨୦୨୦-୨୧ର ପରିବର୍ତ୍ତିତ ବଜେଟ୍ ଆକଳନ (ଆର୍ଇ) ଏବଂ ୨୦୨୧-୨୦୨୨ ବଜେଟ ଆକଳନକୁ ଚୂଡାନ୍ତ ରୂପ ଦେବାକୁ ପ୍ରାୟ ୧ ମାସ ଲାଗିଯିବ। ବ୍ୟୟ ସଚିବ ଟି.ଭି. ସୋମନାଥନ ଅନ୍ୟ ବିଭାଗୀୟ ସଚିବ ଏବଂ ଅର୍ଥ ପରାମର୍ଶଦାତାମାନଙ୍କ ସହ ଆଲୋଚନା କରିସାରିବା ପରେ ନଭେମ୍ବର ୧୨ରେ ଏହା ଶେଷ କରାଯିବ। ତେବେ ଚଳିତବର୍ଷ କୋଭିଡ୍ ଯୋଗୁ ବଜେଟ୍ ପୂର୍ବରୁ ଅନୁଷ୍ଠିତ ହେବାକୁ ଥିବା ପ୍ରତ୍ୟେକ ବୈଠକରେ ଅଧିକାରୀଙ୍କ ଉପସ୍ଥିତିକୁ ନେଇ କଟକଣା ରହିପାରେ। ଏହି ବୈଠକରେ ଗୋଟିଏ ମନ୍ତ୍ରଣାଳୟ ବା ବିଭାଗରୁ ନିର୍ଦ୍ଦେଶକ ର୍ୟାଙ୍କର ଅତିବେଶିରେ ୫ ଜଣ ଅଧିକାରୀ ଉପସ୍ଥିତ ରହିପାରନ୍ତି। ରାଜସ୍ୱ ସଂଗ୍ରହ,ବିନିବେଶ, ବ୍ୟୟ, ରପ୍ତାନି ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ଉପରେ ମହାମାରୀର ପ୍ରଭାବକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାକୁ ସମାଧାନ କରିବା ଲାଗି ଏହି ବଜେଟ କାର୍ଯ୍ୟ କରିବ। ଏଥିପାଇଁ ଆଗାମୀ ବଜେଟ ମୋଦି ସରକାରଙ୍କ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ମନେହୁଏ। ଅର୍ଥବ୍ୟବସ୍ଥା ୧୦.୩% ଖସିବ ବୋଲି ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ଆକଳନ କରିଛି। ଏପରି କି ରିଜର୍ଭବ୍ୟାଙ୍କ ଅଫ୍ ଇଣ୍ଡିଆ( ଆର୍‌ବିଆଇ) ମଧ୍ୟ ମତ ରଖିଛି ଯେ, ଏହା ୯.୫% ଖସିବ। ଏଭଳି ସୂଚନା ବାସ୍ତବରେ ଅତି ଭୟାନକ। ଏହି ବଜେଟ୍ ମହାମାରୀ ଯୋଗୁ ଅଭିବୃଦ୍ଧି ହ୍ରାସ ସମ୍ବନ୍ଧିତ ତଥା ରାଜସ୍ୱ ସଂଗ୍ରହକୁ ନିୟନ୍ତ୍ରଣକୁ ନେବାରେ ରହିଥିବା ଜଟିଳ ସମସ୍ୟାର ସମ୍ମୁଖୀନ ହେବ।

### ନିଯୁକ୍ତିକୁ ଅପେକ୍ଷା

ମହାରାଷ୍ଟ୍ରରେ ୩୬ରୁ ଅଧିକ ଆଇପିଏସ୍ ଅଧିକାରୀ ନୂଆ ନିଯୁକ୍ତିକୁ ଚାହିଁ ବସିଛନ୍ତି। କିନ୍ତୁ ଏଥିରେ ହେଉଥିବା ଅହେତୁକ ବିଳମ୍ବ ବିରୋଧୀ ଭାଜପାକୁ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ସମାଲୋଚନା କରିବାର ଖୋରାକ ଯୋଗାଇଛି। ନିଯୁକ୍ତି ପାଇବାକୁ ଅପେକ୍ଷାରେ ରହିଥିବା ଅଧିକାରୀମାନଙ୍କ ତାଲିକା ମଧ୍ୟରେ ହାଇ ପ୍ରୋଫାଇଲ ପୋଲିସ ଅଧିକାରୀ ଦେବେନ ଭାରତୀଙ୍କ ସମେତ ୧୫ ଜଣ ଏସ୍‌ପି ପାହ୍ୟା ଅଧିକାରୀ ରହିଛନ୍ତି। ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଭାରତୀଙ୍କୁ ନୂଆପଦବୀରେ ଅବସ୍ଥାପିତ କରାଯାଇନାହିଁ। ତାଙ୍କୁ ବଦଳି କରାଯାଇଥିବା ସତ୍ତ୍ୱେ ବି ରିଲିଭ୍ କରାଯାଇ ନ ଥିବାରୁ ସେ ଏବେ ଏଡିଜି( ଆଣ୍ଟି ଟେରରିଜମ୍ ସ୍କ୍ୱାଡ) ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ସରକାର ନିଯୁକ୍ତି ଦେବାକୁ ମନା କରିଦେବାରୁ ପୋଲିସ ବ୍ୟବସ୍ଥାରେ ଏହା ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଜୁଲାଇରେ ମୁମ୍ବାଇ ପୋଲିସ କମିଶନର ୧୦ ଜଣ ଡିସିପି ପାହ୍ୟାର ଅଧିକାରୀଙ୍କୁ ସରକାରଙ୍କ ସହ ଆଲୋଚନା କରି ଯେତେବେଳେ ଅଦଳବଦଳ କରିଥିଲେ ସେତେବେଳେ ଠାକ୍‌ରେ ଏଥିରେ ଅଧିକ ସନ୍ତୁଷ୍ଟ ନ ଥିଲେ। ପରେ ଏହି ବଦଳିଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା। ଏହି ବିଷୟରେ ସରକାରରେ ତୀବ୍ର ମତ ପାର୍ଥକ୍ୟ ଓ ସନ୍ଦେହ ରହିଥିବା ସ୍ପଷ୍ଟ ହୋଇଛି। ଆଇପିଏସ୍‌ମାନଙ୍କ ଅପେକ୍ଷାର ଅବଧି ବଢିଚାଲିଛି। ସରକାର କହୁଛନ୍ତି,ଏହା ଶୀଘ୍ର କାର୍ଯ୍ୟକାରୀ କରାଯିବ। ଏହା ସରକାରଙ୍କ ନିଷ୍ପତ୍ତିକୁ ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ପୋଲିସ ଅଧିକାରୀମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇପାରେ।

### ଅସନ୍ତୁଷ୍ଟ ଆଇଏଏସ୍

ଯେ କୌଣସି ସରକାରରେ ଆଇଏଏସ୍ ଓ ଅନ୍ୟ ସର୍ଭିସ ବା ସେବା ମଧ୍ୟରେ ସବୁବେଳେ ଲଢ଼େଇ ହୋଇଥାଏ। ଏଭଳି ଲଢ଼େଇ ଦେଖିବାକୁ ମିଳିଛି ହରିୟାଣାରେ। ହରିୟାଣା ସିଭିଲ ସର୍ଭିସ ଅଫିସର୍ସ ଆସୋସିଏଶନର ସଭାପତି ଜଗଦୀପ ଢାଣ୍ଡାଙ୍କ ଇସ୍ତଫାକୁ ନେଇ ହରିୟାଣା ଆଇଏଏସ୍ ଅଫିସରମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଅସନ୍ତୋଷ ପ୍ରକଟ କରିଛନ୍ତି। ସେମାନେ ଅନୁଭବ କରୁଛନ୍ତି ଯେ, ମନୋହର ଖଟ୍ଟର ସରକାର ଅନ୍ୟ ସର୍ଭିସ ଦ୍ୱାରା ଆଇଏଏସ୍ କ୍ୟାଡର ପଦବୀକୁ ଛଡ଼ାଇନେବା ଲାଗି ଅନୁମତି ଦେଇଛନ୍ତି। ସୂତ୍ରରୁ ଜଣାପଡିଛି ଯେ,ରାଜ୍ୟ ପରିବହନ ବିଭାଗରେ ଏଚ୍‌ସିଏସ ଅଧିକାରୀଙ୍କ ନିଯୁକ୍ତିକୁ ନେଇ ଢାଣ୍ଡା ଅସନ୍ତୋଷ ପ୍ରକାଶ କରିବା ସହ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାର ସଦ୍ୟତମ ବଦଳିକୁ ନେଇ ବିଦ୍ୱେଷ ଶୀର୍ଷରେ ପହଞ୍ଚିଛି। ଏହି କ୍ରମରେ ଜଣେ ଆଇପିଏସ୍ ଅଧିକାରୀ ପ୍ରମୁଖ ସଚିବ ଭାବେ ନିଯୁକ୍ତ ହେଲେ ଏବଂ ଆଉ ଜଣଙ୍କୁ ରାଜ୍ୟରେ ଥିବା ଦୁଇଟି ପାୱାର ୟୁଟିଲିଟି ମଧ୍ୟରୁ ଗୋଟିକର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଗଲା। ଆଉ ଜଣେ ଆଇଏଫ୍ଏସ୍ ଅଧିକାରୀ ମଧ୍ୟ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଲେ। ପୁନଶ୍ଚ ରାଜ୍ୟ ସରକାର ଡିଏସ୍‌ପି ଏବଂ ଏନ୍‌ଫୋର୍ସମେଣ୍ଟ ଅଫିସର୍‌ମାନଙ୍କୁ ଜିଲା ପରିବହନ ଅଧିକାରୀ(ଡିଟିଓ)ମାନଙ୍କ ଲାଗି ଉଦ୍ଦିଷ୍ଟ ପଦରେ ନିଯୁକ୍ତି ଦେଇଛନ୍ତି। ଏହାଯୋଗୁ ରାଜ୍ୟ ସିଭିଲ ସର୍ଭିସ ଅଫିସର୍‌ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାହେଉ ସେମାନଙ୍କ ମଧ୍ୟରେ ଆଲୋଚନା ପରେ ଆଇଏଏସ୍ କ୍ୟାଡର ପଦବୀରେ ଅନ୍ୟ ସର୍ଭିସର ଅଧିକାରୀଙ୍କୁ ଦିଆଯାଉଥିବା ନିଯୁକ୍ତି ସମ୍ପର୍କରେ ଲେଖି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

Email: dilipcherian@gmail.com

# ଭୋକ ଓ ଭୂତାଣୁ

ଡ. କିଶୋର ମହାନ୍ତି

ଭୋକ ଓ ଭୂତାଣୁ ସମାନ୍ତରାଳ ଭାବରେ ଗତି କରି ଚାଲିଛନ୍ତି। ଯଦିଓ ଭୋକ ସର୍ବକାଳୀନ କିନ୍ତୁ ଭୂତାଣୁର ସ୍ଥିତି ସାମୟିକ। ଏହା ସତ୍ୟ ଯେ ଭୂତାଣୁ ଅପେକ୍ଷା ଭୋକ ଆହୁରି ଭୟଙ୍କର। ବିଶ୍ୱରେ ଭୋକ ଆଉ ଭୂତାଣୁ ମଣିଷ ଜୀବନକୁ ଖିନ୍‌ଭିନ୍ କରିବାରେ ଲାଗିଛନ୍ତି। ଭୋକ ଦୀର୍ଘକାଳୀନ ଥିଲାବେଳେ ଭୂତାଣୁର ଭୟଙ୍କରୀ ଓ ତା'ର ପ୍ରଭାବ ଜନଜୀବନ ଏବଂ ଜୀବନ ଜୀବିକା ଉପରେ ଏତେ ବେଶି ଯେ ଜନ ଜୀବନ ଅସ୍ତବ୍ୟସ୍ତ ତଥା ନିଜର ଭାରସାମ୍ୟ ରକ୍ଷା କରିବା ସମ୍ଭବପର ନୁହେଁ। ସାଂପ୍ରତିକ କରୋନା ମହାମାରୀରେ କେତେ ଜୀବନ ମୃତ୍ୟୁର ଦ୍ୱାର ଦେଶରେ ଉପନୀତ ତାହା ଆଜି ସୁସ୍ପଷ୍ଟ। ଏଣୁ ଏକଥା ସତ୍ୟ ଯେ ଭୋକ ଓ ଭୂତାଣୁ ମଣିଷ ଜୀବନର ପ୍ରବାହକୁ ବାଧାଦେଉଛି। ଭୂତାଣୁର ପ୍ରକ୍ରିୟା ଓ ପ୍ରତିକ୍ରିୟା ଯେଭଳି ମଣିଷର କଣ୍ଠରୋଧ କରୁଛି ତାହା ଦୁଃଖଦାୟକ। କହିବାକୁ ଗଲେ ଭୋକଠାରୁ ବଡ଼ ଭୂତାଣୁଜଗତରେ ଆଉ କିଛି ନାହିଁ। ସମାଜର ଉନ୍ନତି କ୍ଷେତ୍ରରେ ଭୋକ ହିଁ ପ୍ରଧାନ ଅନ୍ତରାୟ ଓ ବଡ଼ ଶତ୍ରୁ।

ଭାରତରେ ଭୋକର ସ୍ଥିତି ଅତି ଶୋଚନୀୟ। ଏଠାରେ ପୋଷଣର ବିକଟାଳ ରୂପ ଗରିବ ଆଫ୍ରିକା ଦେଶଠାରୁ ଖୁବ୍ ଅଧିକ। ଏଠାକାର ୫୦ ଶତାଂଶ ମହିଳାଙ୍କର ରକ୍ତହୀନତା ଅନ୍ୟତମ କାରଣ। ବିଶେଷ କରି ୭୦ଶତାଂଶ ଭାରତର ଗ୍ରାମାଞ୍ଚଳ ଲୋକମାନଙ୍କର କୁପୋଷଣ ଓ ଖାଦ୍ୟାଭାବ ଖୁବ୍ ବେଶି। ଦେଶର ଆଦିବାସୀ, ବସ୍ତିବାସୀ ମହିଳା ଓ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ପିଲାମାନେ କୁପୋଷଣର ଅଧିକ ଶିକାର ହେଉଛନ୍ତି। ପିଲାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କର ତଦନୁରୂପେ ଉଚ୍ଚତା ବୃଦ୍ଧି ପାଉନାହିଁ। ଶକ୍ତି ଓ ସାମର୍ଥ୍ୟ ହରାଇ ବସି ବିକଳାଙ୍ଗ ହୋଇଯାଉଛନ୍ତି। ପ୍ରାୟତଃ ୩୦କୋଟି ଭାରତୀୟ ଭୋକ ଓ କୁପୋଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି।

ଭାରତରେ ଖାଦ୍ୟ ବ୍ୟବସ୍ଥା ବ୍ରିଟିଶ ଶାସନ କାଳରୁ ସଙ୍କଟମୟ ପରିସ୍ଥିତି ଦେଇ ଗତି କରି ଆସୁଛି। ଓଡ଼ିଶାରେ ୧୮୬୬ରେ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅସ୍ତିତ୍ୱକୁ ଦୋହଲାଇ ଦେଇଥିଲା; କ୍ଷୁଧା ଅନାହାରରେ ଲୋକେ ପୋକ ମାଛି ପରି ମରିଶୋଇଲେ। ସେହି ଶୋଚନୀୟ ଅବସ୍ଥାରେ ଚିତ୍ର ଏତେ ଭୟଙ୍କର ଥିଲା ଯେ ଇତିହାସ ଓ ଆମ ଲେଖକମାନେ ସେମାନଙ୍କର ଉପନ୍ୟାସରେ ଏହାର ଭୟାବହତା ଚିତ୍ରଣ କରିଯାଇଛନ୍ତି। ଅର୍ଥନୀତି ଓ ସାମାଜିକ ପ୍ରଗତିର ଅନ୍ତରାୟ ଘଟିଲା। ୧୯୪୩ ରେ ବଙ୍ଗରେ ଘଟିଥିବା ଶୋଚନୀୟ ଓ ହୃଦୟ ବିଦାରକ ଦୁର୍ଭିକ୍ଷ। ୧୯୩୭ରେ ଭାରତକୁ ବର୍ମାଠାରୁ ଅଲଗା କରିଦିଆଗଲା। ସେତେବେଳେ ଭାରତକୁ ପ୍ରତିବର୍ଷ ଲକ୍ଷେଟନ୍‌ରୁ ଊର୍ଦ୍ଧ୍ୱ ଚାଉଳ ମିଳୁଥିଲା। ୧୯୪୭ରେ ଭାରତ ସ୍ୱାଧୀନତା ପାଇଲା ସତ କିନ୍ତୁ ଭୋକ ମଲାନି। ସେତେବେଳେ ବି ଭାରତକୁ ବିଭାଜିତ କରିଦିଆଗଲା। ଯାହାଫଳରେ କି ଧାନ ଓ ଗହମ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ବଙ୍ଗଳା ଓ ପଞ୍ଜାବର କେତେକ ସ୍ଥାନ ପାକିସ୍ତାନ ଅଧୀନକୁ ଚାଲିଗଲା ଏବଂ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଅନୁପ୍ରବେଶ କଲେ। ସ୍ୱାଧୀନତା ପରେ ପରେ ଭାରତ ଭୀଷଣ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଲା। ଯଦିଓ ଭାରତ କୃଷିପ୍ରଧାନ ଦେଶ, ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ଯୋଗୁ ସମସ୍ତଙ୍କୁ ଖାଦ୍ୟ ଯୋଗାଇବାରେ ଅକ୍ଷମତା ପ୍ରକାଶ ପାଇଲା। ଭୋକକୁ ରୋକିବାରେ ଆମେ ଏବେ ବି ସମ୍ପୂର୍ଣ୍ଣ ଭାବରେ ଅକ୍ଷମ।

ସଂପ୍ରତି କ୍ଷୁଧା ହେଉଛି ଭାରତ ପାଇଁ ବଡ଼ ସମସ୍ୟା। ଯେଉଁଠି ପେଟ ପାଇଁ ମୁଠାଏ ଦାନା ନାହିଁ ସେଠି ବିକାଶର ସ୍ୱପ୍ନ ଦେଖିବା ନିରର୍ଥକ। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ପୃଥିବୀରେ ୧୮୯.୨ କୋଟି ଲୋକ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସେଥିରୁ ୧୪ ପ୍ରତିଶତ ଲୋକ ଭାରତର। ୫୧.୪ ପ୍ରତିଶତ ମହିଳା ରକ୍ତହୀନତା ରୋଗ ଦ୍ୱାରା ଆକ୍ରାନ୍ତ। ୩୪.୫ ଶତାଂଶ ପାଞ୍ଚବର୍ଷରୁ କମ ପିଲାଙ୍କ ଅଭିବୃଦ୍ଧି ଘଟେନା। କୁପୋଷଣ କାରଣରୁ ଶିଶୁମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି। କିଛି ପିଲା ନିମୋନିଆ, ଡାଇରିଆ ଓ ମ୍ୟାଲେରିଆ ଦ୍ୱାରା ପୀଡ଼ିତ। ଗ୍ଲୋବାଲ ଇଣ୍ଡେକ୍ସର ୨୦୧୯ ରିପୋର୍ଟ ଅନୁସାରେ ୧୧୭ଟି ଦେଶ ଭିତରୁ ଭାରତ ୧୦୨ ସ୍ଥାନରେ ରହିଛି।

କରୋନା ଭୂତାଣୁ ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହେଉଛି। ସମସ୍ତଙ୍କୁ ଏ ମହାମାରୀରେ ଖାଦ୍ୟ ଯୋଗାଇ ଦେବା ଏତେ ଉତ୍ସାହ ଜନକ ନୁହେଁ। ଆବଶ୍ୟକ ପରିମାଣରେ ସୁବିଧାରେ ଓ ଶସ୍ତାରେ ବହୁ ପରିମାଣର ଫଳ ଓ ପନିପରିବା ମିଳୁନାହିଁ। ଏ ଅସମୟରେ ଖାଦ୍ୟବିନା କିଛି କିଛି ବି ପ୍ରାଣ ହରାଉଛନ୍ତି। ଏ ବେଳେ ଗରିବ ତଥା ଦିନ ମଜୁରିଆ ବେଶି ହଇରାଣ ହେଉଛନ୍ତି। ଅଧିକାଂଶ ଗାଁ ଗଣ୍ଡା ଲୋକମାନେ ଓଳିଏ ଖାଇଲେ ଓଳିଏ ଉପାସ ରହନ୍ତି। ଭିକାରି ତଥା ବାରବୁଲାଙ୍କର ଅବସ୍ଥା ଅତି ଶୋଚନୀୟ। ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କର ଖାଦ୍ୟର ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ବେଳେ ଲୋକମାନେ ପେଟରେ ଓଦାକନା ପକାଇ ଶୋଇ ଯିବାର ନଜିର ମଧ୍ୟ ରହିଛି। କାମଧନ୍ଦା ବନ୍ଦ, ମୂଲ ଲାଗିବା ବନ୍ଦ, ଏ ଅବସ୍ଥାରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷିବା ସହଜ ନୁହେଁ। ଜୀବନ ଓ ଜୀବିକା କ୍ଷେତ୍ରରେ କରୋନା ପାଖରେ ହାର ମାନିଛି ମଣିଷ। ଭୂତାଣୁ ଯିବାର ନା ଧରୁନି। ସେଥିପାଇଁ ମଧ୍ୟ ଟିକା ଏଯାବତ୍ ବାହାରିପାରିଲା ନାହିଁ। କିଛି କିଛି ଲୋକ ନିଜ ନିଜର ବୃତ୍ତିରେ ଯୋଗ ଦେଲେଣି। ମଜୁରିଆଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି ତଥାପି ଗୋଟାଏ ଭୟ ଓ ଆଶଙ୍କା କାବୁ କରି ଦେଇଛି। ପଦାକୁ ଗୋଡ଼ କାଢ଼ି ହେଉନାହିଁ ଏପରି ସ୍ଥଳେ, ଜୀବନ ଗତିଶୀଳ ହୋଇପାରୁନାହିଁ। ଏଣୁ ଭୋକ ଓ ଭୂତାଣୁର ସରଳାର୍ଥ ଆମ ପାଖରେ ଏବେ ଅସ୍ପଷ୍ଟ ନାହିଁ।

ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

ମଣିପୁରର ଜଣେ ବ୍ୟକ୍ତି ହର୍ବାଲ ଚା' ଚାଷ କରି ୨୦୦୦ ଗରିବ ଲୋକଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ଜୀବନ ଧାରାରେ ପରିବର୍ତ୍ତନ ଆଣିପାରିଛନ୍ତି। ଇମ୍ଫାଲ୍‌ରେ ରହୁଥିବା ୪୪ ବର୍ଷୀୟ ରାଜେଶ କିଶାମ ଏଭଳି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ମୁଖ୍ୟତଃ ଲେମନଗ୍ରାସ୍ ଟି ଉତ୍ପାଦନ କରୁଛନ୍ତି ଯାହା ସମ୍ପୂର୍ଣ୍ଣ ଭିନ୍ନ। ଯେଉଁ ଜମିରେ ଲୋକମାନେ ବେଆଇନ ଭାବେ ଗଞ୍ଜେଇ ଓ ଅଫିମ ଚାଷ କରୁଥିଲେ ସେ ସେମାନଙ୍କୁ ସେହି ଚାଷରୁ ନିବୃତ୍ତ କରୁଛନ୍ତି। ସେମାନଙ୍କୁ ନିଶା ସେବନରୁ ମୁକ୍ତ କରିବାର ପ୍ରୟାସ ଜାରି ରଖିଛନ୍ତି। ଜମିକୁ ଲିଜରେ ନେଇ ଚାଷ କରି ସେମାନଙ୍କୁ ପ୍ରାପ୍ୟ ଦେଉଛନ୍ତି। ପ୍ରଥମେ ରାଜେଶ ୧ ଏକର ଜମିରେ ଚାଷ ଆରମ୍ଭ କରି ଏବେ ୩୫୦ ଏକର ପର୍ଯ୍ୟନ୍ତ ଏହାକୁ ବଢାଇପାରିଛନ୍ତି। ମଣିପୁରର ୪ଟି ଜିଲାରେ ସେ ଏହି ଚାଷ କରୁଛନ୍ତି। ସେ ଯେଉଁଠାରେ ଫାର୍ମ କରୁଛନ୍ତି ସେଠାକାର ଗରିବ ଲୋକମାନଙ୍କୁ ହିଁ ତାଙ୍କ ଫାର୍ମରେ ନିଯୁକ୍ତି ଦେଉଛନ୍ତି। ଏଭଳି ନିଯୁକ୍ତି ପାଇଥିବା ୨,୦୦୦ ଲୋକଙ୍କୁ ଚାଷ, ପ୍ୟାକେଜିଂ ଓ ସେଲିଂ କାର୍ଯ୍ୟରେ ଲଗାଇଛନ୍ତି। ଯାହାଙ୍କ ଜମିକୁ ସେ ଲିଜ୍ ନେଉଛନ୍ତି ତାଙ୍କୁ ଫାର୍ମର ଦାୟିତ୍ୱରେ ରଖୁଛନ୍ତି। ବର୍ଷକୁ ଏଥିରୁ ସେ ୮ କୋଟି ଟଙ୍କା ରୋଜଗାର କରୁଛନ୍ତି। ୯ ବର୍ଷ ହେବ ସେ ଏହି ଚାଷ କରୁଛନ୍ତି ଓ ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଗ୍ରୋମି କମ୍ପାନୀ ଦ୍ୱାରା ଏହାର ପରିଚାଳନା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୯୫

- ଆଇଜଲ-ସିଲଚର ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଖାଲ ମଧ୍ୟକୁ ଖସିପଡ଼ିବା ଫଳରେ ୧୫ ଜଣ ପ୍ରାଣ ହରାଇଛନ୍ତି।
- ଭାରତର ସୁନାମଧନ୍ୟ ପ୍ରାଣୀ ଚିକିତ୍ସକ ପ୍ରଫେସର ଡକ୍ଟର ଏ.ଟି. ରାଓଙ୍କୁ ଓଡ଼ିଶାର 'ଶ୍ରେଷ୍ଠ ଶିକ୍ଷକ' ଭାବେ ସମ୍ମାନିତ କରାଯାଇଛି।
- ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସ୍ୱର୍ଗତ ଗୋଦାବରୀଶ ମହାପାତ୍ରଙ୍କ ଧର୍ମପତ୍ନୀ ଧନମଣୀ ମହାପାତ୍ରଙ୍କର ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଆସିବ ସେ ଦିନ କେବେ
ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ
ପୁଣି ଦୁଇ ମନ। -(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏଡ୍‌ସ ନିୟନ୍ତ୍ରଣ ସମିତି କର୍ମଚାରୀଙ୍କୁ ଅଣଦେଖା

ମହାଶୟ,

କରୋନା ମହାବିପତ୍ତି ଯେତେ ଭୟାବହ ହେଲେ ବି ମାନବ ସମାଜ କେବେ ବି ଏଡ୍‌ସର ଭୟରୁ ମୁକ୍ତ ନୁହେଁ। ଏପରି କି କରୋନା ସଂକ୍ରମିତଙ୍କର ବି ଏଡ୍‌ସ ପରୀକ୍ଷଣ ନିହାତି ଆବଶ୍ୟକ। ଲକ୍‌ଡାଉନ ସମୟରେ ଉପାନ୍ତ ଅଞ୍ଚଳରେ ଏଡ୍‌ସ ଔଷଧ ପହଞ୍ଚାଇବା ଅତ୍ୟାବଶ୍ୟକ। କରୋନା ମୁକାବିଲାରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ସହ ସେମାନଙ୍କୁ ପ୍ରୋତ୍ସାହନ ରାଶି ଏବଂ ସହାୟତା ପ୍ରଦାନ କରିଛନ୍ତି। ହେଲେ ଏଡ୍‌ସ ନିୟନ୍ତ୍ରଣରେ ଦାୟିତ୍ୱରେ ଥାଇ କରୋନା ସହ ଯୁଝିଥିବା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ)ର କାର୍ଯ୍ୟରତ କର୍ମଚାରୀ ସେଥିରୁ ବଞ୍ଚିତ। ଏମାନେ କୋଭିଡ ମୁକାବିଲା କ୍ଷେତ୍ରରେ ସମସ୍ତ କାର୍ଯ୍ୟକୁ ସମ୍ପାଦିତ କରିଛନ୍ତି। ଏଥିପାଇଁ ଏମାନଙ୍କ ମଧ୍ୟରୁ ଏବେ ଅନେକ କରୋନା ସଂକ୍ରମିତ ହୋଇଛନ୍ତି। କୋଭିଡ୍ ସମୟରେ ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତିମାନଙ୍କ ଘରକୁ ନିଜ ମୋଟର ସାଇକେଲରେ ଯାଇ ଏ.ଆର.ଟି ଔଷଧ ପ୍ରଦାନ କରିଛନ୍ତି। ଜୀବନକୁ ବାଜି ଲଗାଇ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରକୁ ଯାଇ କୋଭିଡ ସଂକ୍ରମିତ ପ୍ରବାସୀ ଏବଂ ବ୍ୟକ୍ତିଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରୁଥିଲେ। ହେଲେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ (ଏନ.ଏଚ.ଏମ.) ତରଫରୁ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଉ ଥିବା ଗୋଟିଏ ମାସର ଅଧିକ ପ୍ରୋତ୍ସାହନ ରାଶି ଓସାକର କର୍ମଚାରୀଙ୍କୁ ପ୍ରଦାନ କରାଗଲା ନାହିଁ। ଏ କ୍ଷେତ୍ରରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ।

-ସତୀଶ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଏଡ୍‌ସ କର୍ମଚାରୀ କଲ୍ୟାଣ ସଂଘ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | | 2 | | | | 4 | | | | |
| | | | | E | | | 6 | | 9 | | A | 5 | | |
| | | | 9 | D | 5 | E | B | | | | | | A | |
| | | 8 | 2 | | | 9 | A | | | | | | E | 1 |
| 0 | | C | | | 4 | | 1 | | 3 | | | 2 | | |
| | | | | | B | | 4 | 6 | 7 | | | | 9 | 8 |
| | 9 | | | | | | 3 | | | 6 | D | 4 | | |
| | | 0 | 4 | 1 | | | | 7 | | E | | B | | |
| 2 | | | | | | | E | | | 0 | | C | 3 | |
| 8 | A | | | | 7 | | | | 1 | 5 | | | | 0 |
| | | | 3 | | | | C | 8 | A | | 2 | 1 | 7 | |
| | | | | 6 | | 0 | | | | 3 | 8 | | | |
| 6 | 1 | A | 8 | C | E | | | | | D | | | | |
| E | | | 5 | | | B | | | | | C | | D | |
| | 2 | | 1 | | | | | | | | | 0 | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | A | E | 4 | 9 | 0 | 2 | 8 | 1 | 5 | 6 | B | 7 | 3 | D |
| 5 | 4 | 9 | B | 3 | 7 | 0 | E | D | 8 | A | 1 | 6 | 2 | C |
| D | B | 2 | 5 | A | 8 | 7 | C | 6 | 3 | E | 9 | 4 | 1 | 0 |
| 3 | 0 | 1 | 6 | 2 | E | 4 | A | 9 | C | 7 | D | 8 | 5 | B |
| 6 | 8 | 7 | 1 | C | D | 5 | 3 | B | 4 | 2 | 0 | A | E | 9 |
| A | 7 | D | 3 | 0 | 2 | 1 | 6 | E | 9 | C | 4 | 5 | B | 8 |
| 9 | 2 | B | 7 | E | 4 | C | 0 | 5 | A | 1 | 8 | 3 | D | 6 |
| 0 | 6 | 3 | 8 | D | 9 | B | 4 | A | E | 5 | 2 | 1 | C | 7 |
| E | C | 5 | A | 6 | 1 | D | 9 | 8 | B | 3 | 7 | 0 | 4 | 2 |
| 8 | 1 | 4 | C | 5 | B | 3 | 7 | 2 | 0 | D | 6 | 9 | A | E |
| B | 5 | A | 2 | 7 | 6 | 9 | D | 0 | 1 | 4 | E | C | 8 | 3 |
| 1 | 9 | 8 | E | B | C | 6 | 5 | 3 | 2 | 0 | A | D | 7 | 4 |
| 2 | D | C | 9 | 4 | 3 | A | B | 7 | 6 | 8 | 5 | E | 0 | 1 |
| 4 | E | 0 | D | 1 | 5 | 8 | 2 | C | 7 | 9 | 3 | B | 6 | A |
| 7 | 3 | 6 | 0 | 8 | A | E | 1 | 4 | D | B | C | 2 | 9 | 5 |

ଗତ କାଲିର ଉତ୍ତର

ଧରିତ୍ରୀ
DHARITRI
ଶନିବାର, ୩୧ ଅକ୍ଟୋବର, ୨୦୨୦



## ସଂକ୍ଷେପରେ

### ଭାରତ ନିର୍ବାଚନରୁ ଅନେକ ଶିଖୁଛୁ: ଜୁକରବର୍ଗ




ନୂଆଦିଲ୍ଲୀ, ୩୦।୧୦(ପିଆଇବି): ଭାରତର ନିର୍ବାଚନରୁ ଆମେ ନିର୍ବାଚନୀ ଅଖଣ୍ଡତା ସମ୍ପର୍କରେ ଶିକ୍ଷାଲାଭ କରୁଛି ବୋଲି ଫେସ୍‌ବୁକ ସିଇଓ ମାର୍କ ଜୁକରବର୍ଗ କହିଛନ୍ତି। ଫେସ୍‌ବୁକ ବିଭିନ୍ନ ଯାଞ୍ଚର ସମ୍ମୁଖୀନ ହେଉଥିବାବେଳେ ନଭେମ୍ବର ୩ରେ ହେବାକୁ ଥିବା ଆମେରିକା ନିର୍ବାଚନ ଏକ ଚ୍ୟାଲେଞ୍ଜ ହେବ ବୋଲି ମତ ଦେଇଛନ୍ତି। ୪ ବର୍ଷ ପୂର୍ବରୁ ଫେସ୍‌ବୁକ ଯାଞ୍ଚ ଟିମ୍‌କୁ ହ୍ୟାକିଂର ଭୟ ଘାରିଥିଲା। ଧୀରେ ଧୀରେ ଏହାର ତଦାରଖ କରାଯାଇ ସମସ୍ୟାକୁ ଏଡ଼ାଇ ଦିଆଯାଇପାରିଥିବା ସେ କହିଛନ୍ତି। ଭାରତ, ୟୁରୋପ ସଂଘ, ଇଣ୍ଡୋନେସିଆ ଓ ବିଶ୍ୱର ପ୍ରାୟ ୨୦୦ ନିର୍ବାଚନରେ ଅଖଣ୍ଡତାକୁ ଆମେ ବିଭିନ୍ନ ଉପାୟରେ ବଜାୟ ରଖୁଛୁ। ସାମାଜିକ କର୍ମୀ ଓ ବିଶେଷଜ୍ଞଙ୍କ ମତାମତ ଗ୍ରହଣ କରାଯାଇଥିବା ସେ ମତ ଦେଇଛନ୍ତି।

# ଆରମ୍ଭ ହେଲାଣି ପୁନଃ ସଂକ୍ରମଣ

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

**ରାଜ୍ୟରେ ଆଉ ୧୫୪୭ ପଜିଟିଭ୍, ୧୮୦୦ ସୁସ୍ଥ, ୧୧ ମୃତ**



ଓଡ଼ିଶାରେ କରୋନାର ପୁନଃ ସଂକ୍ରମଣ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍ଏସ୍)ର ନିର୍ଦ୍ଦେଶକ ଅଜୟ ପରିଡ଼ା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପୁନଃ ସଂକ୍ରମଣ ବହୁତ କମ୍ ରହିଛି। ଆଇଏଲ୍ଏସ୍‌ରେ କେତେଜଣ ବ୍ୟକ୍ତିଙ୍କର ନମୁନା ପରୀକ୍ଷଣ କରାଯିବାବେଳେ ୩/୪ ଜଣଙ୍କର ପୁନଃ ସଂକ୍ରମଣ ହୋଇଥିବା ଜଣାପଡିଛି। ଥରେ ପଜିଟିଭ ହେବାପରେ ପୁଣି କାହିଁକି ସେମାନେ ସଂକ୍ରମିତ ଭାବେ ଚିହ୍ନଟ ହେଉଛନ୍ତି ତା'ର ତର୍ଜମା ଚାଲିଛି ବୋଲି ସେ କହିଛନ୍ତି। ଏଥିସହ ଶୀତରେ କରୋନା ସଂକ୍ରମଣ ବଢ଼ିବା ସମ୍ଭାବନା ରହିଛି। ଶୀତ ସଂକ୍ରମଣ ବ୍ୟାପିବାରେ ସହାୟକ ହେଉଛି। ତେଣୁ ସଜାଗ ନ ରହିଲେ ପୁଣି ସଂକ୍ରମଣ ବଢ଼ିବ। ପୂଜାରେ ସଂକ୍ରମଣ ମଧ୍ୟ ବଢ଼ିବାର ଆଶଙ୍କା ଥିଲା। କିନ୍ତୁ ଲୋକଙ୍କ ସହଯୋଗ ଯୋଗୁ ନିୟନ୍ତ୍ରଣରେ ରହିପାରିଲା। ଠିକ୍ ଆଗକୁ ମଧ୍ୟ ଲୋକେ ଏପରି ସହଯୋଗ କଲେ ଓଡ଼ିଶାରୁ ସଂକ୍ରମଣର ସ୍ତର ଆହୁରି ହ୍ରାସ ପାଇବ ବୋଲି ପରିଡ଼ା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରୁ ଶେଷ ୨୪ ଘଣ୍ଟାରେ ୧୫୪୭ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୮୯୧ଜଣ ଥିବାବେଳେ ସ୍ଥାନୀୟ ସଂକ୍ରମିତ ଭାବେ ୬୫୬ ଆକ୍ରାନ୍ତ ରହିଛନ୍ତି। ତେବେ ଖୋର୍ଦ୍ଧାରୁ ସର୍ବାଧିକ ୧୫୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୯୮, ଅନୁଗୋଳ ୯୫, ଜଗତ୍‌ସିଂହପୁର ୮୯, ମୟୂରଭଞ୍ଜ ୮୮, ବଲାଙ୍ଗୀର ଓ ବାଲେଶ୍ୱରରୁ ୭୯ ଲେଖାଏ, କେନ୍ଦୁଝର ୭୧, ଯାଜପୁର ୭୦, କେନ୍ଦ୍ରାପଡ଼ା ୬୧, ନୂଆପଡ଼ା ଓ ପୁରୀରୁ ୫୯ ଲେଖାଏ, ସୁନ୍ଦରଗଡ଼ ୫୮, ଭଦ୍ରକ ୪୩, ଢେଙ୍କାନାଳ ୪୦, ଝାରସୁଗୁଡ଼ା, କଳାହାଣ୍ଡି ଓ କୋରାପୁଟରୁ ୩୭ ଲେଖାଏ, ବରଗଡ଼ ୩୫, ନୟାଗଡ଼ ୩୪, ନବରଙ୍ଗପୁର ୩୦, କନ୍ଧମାଳ ଓ ଗଞ୍ଜାମରୁ ୨୪ ଲେଖାଏ, ସମ୍ବଲପୁର ୨୩, ସୁବର୍ଣ୍ଣପୁର ୨୨, ଦେବଗଡ଼ ଓ ମାଲକାନଗିରିରୁ ୧୭ ଲେଖାଏ, ବୌଦ୍ଧ ୧୨, ରାୟଗଡ଼ା ୯, ଗଜପତି ୮ ଓ ଷ୍ଟେଟ୍ ପୁଲ୍‌ରୁ ୩୩ଜଣ ନୂଆକରି ସଂକ୍ରମିତ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୮୮,୬୪୬କୁ ବୃଦ୍ଧି ପାଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି।

ସେପଟେ ଆଉ ୧୧ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩ଜଣ ରହିଥିବାବେଳେ କଟକ ୨, ଅନୁଗୋଳ, ଗଞ୍ଜାମ, ଝାରସୁଗୁଡା, କନ୍ଧମାଳ, ନୂଆପଡ଼ା ଓ ରାୟଗଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୩୦୮କୁ ବୃଦ୍ଧିପାଇଛି। ସେହିପରି ୧୮୦୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୩୩ ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୨,୭୩,୮୩୮ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନଭେମ୍ବରର ସବୁ ଶନିବାର ସରକାରୀ ଅଫିସ ଛୁଟି

**ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)**

ରାଜ୍ୟ ସରକାର ଆସନ୍ତା ମାସରେ ମଧ୍ୟ ସବୁ ଶନିବାର ସରକାରୀ ଅଫିସ ବନ୍ଦ ରହିବ ବୋଲି ଘୋଷଣା କରିଛନ୍ତି। ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଭୁବନେଶ୍ୱର ଏବଂ କଟକର ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଏହାର ଅଧସ୍ତନ ବିଭାଗ ୫୦ ପ୍ରତିଶତ ଅଧିକାରୀଙ୍କୁ ନେଇ ଚାଲିବ। ଏଥିରେ ଗ୍ରୁପ-ଏ ଅଧିକାରୀ ମଧ୍ୟ ସାମିଲ ରହିବେ। ଏହାଦ୍ୱାରା ଯେପରି ସରକାରଙ୍କ କାର୍ଯ୍ୟରେ କୌଣସି ପ୍ରକାର ବାଧାପ୍ରାପ୍ତ ନ ହେବ ସେନେଇ ବିଶ୍ୱାସ ଦେବାକୁ କୁହାଯାଇଛି। ଅନ୍ୟପଟେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। କଟକ ଓ ଭୁବନେଶ୍ୱରର ସବୁ ସରକାରୀ ବିଭାଗ କିମ୍ବା ଏହାର କାର୍ଯ୍ୟାଳୟ ମୁଖ୍ୟ କେଉଁ ୫୦ ପ୍ରତିଶତ କର୍ମଚାରୀ କାର୍ଯ୍ୟରେ ରହିବେ ସେନେଇ ସ୍ପଷ୍ଟ କରିବେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଯଥା, ଏସ୍ଆରସି, ଓସ୍‌ଡମା, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟ ଏବଂ ମ୍ୟୁନିସିପାଲର ସବୁ କର୍ମଚାରୀ କାର୍ଯ୍ୟରେ ରହିବେ। ସବୁ ଅଫିସର କର୍ମଚାରୀ କୋଭିଡ ନିୟମକୁ ଠିକ୍‌ରେ ପାଳନ କରି କାମ କରିବେ। ଯଦି କୌଣସି କର୍ମଚାରୀଙ୍କ କୋଭିଡ ପଜିଟିଭ ଚିହ୍ନଟ ହୁଅନ୍ତି ତେବେ ସରକାରୀ ପ୍ରୋଟକଲ ଅନୁଯାୟୀ କାମ କରାଯିବ। ରୋଷ୍ଟର ଡ୍ୟୁଟିରେ ନ ଥିବା କର୍ମଚାରୀ ଘରୁ ରହି କାମ କରିବେ। ଯେଉଁମାନେ ଘରୁ ରହି କାମ କରିବେ ସେମାନେ ସବୁ ସମୟରେ ଯେକୌଣସି ଅଫିସ କାମ କରିବାକୁ ପ୍ରସ୍ତୁତ ରହିବେ ଏବଂ ସଙ୍ଗେସଙ୍ଗେ ଟେଲିଫୋନ ଉଠାଇବା ଦରକାର ବୋଲି କୁହାଯାଇଛି।

# କରୋନା ମୁକାବିଲାରେ ଭାରତର ବଡ଼ ସଫଳତା

**ନୂଆଦିଲ୍ଲୀ,୩୦।୧୦(ପିଆଇବି)**

**୬ ଲକ୍ଷ ତଳକୁ ଖସିଲା ସକ୍ରିୟ ମାମଲା**

**ମୋଟ ସଂକ୍ରମଣର ୭.୩୫%**

କରୋନା ମୁକାବିଲାରେ ଭାରତକୁ ବଡ଼ ସଫଳତା ମିଳିଛି। ୮୫ ଦିନରେ ପ୍ରଥମ ଥର ପାଇଁ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୬ ଲକ୍ଷ ତଳକୁ ଖସିଛି। ଶୁକ୍ରବାର ଦେଶରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୫,୯୪,୩୮୬ ଥିବା ଜଣାପଡିଛି, ଯାହାକି ମୋଟ ସଂକ୍ରମଣର ୭.୩୫ ପ୍ରତିଶତ। ଏହା ପୂର୍ବରୁ ଅଗଷ୍ଟ ୬ରେ ସକ୍ରିୟ ମାମଲା ସଂଖ୍ୟା ୫.୯୫ ଲକ୍ଷ ରହିଥିଲା।

ଭାରତରେ ଆରୋଗ୍ୟ ହାର ମଧ୍ୟ ବିଶ୍ୱରେ ସର୍ବାଧିକ ରହିଛି। ବର୍ତ୍ତମାନ ସୁଦ୍ଧା ୭୩,୭୩,୩୭୫ ଜଣ କରୋନାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ୨୪ ଘଣ୍ଟାରେ ୫୭,୩୮୬ ରୋଗୀ ସୁସ୍ଥ ହୋଇଥିବାବେଳେ ୪୮,୬୪୮ ଜଣ ସଂକ୍ରମିତ ହୋଇଛନ୍ତି। ଜାତୀୟ ଆରୋଗ୍ୟ ହାର ୯୧.୧୫ ପ୍ରତିଶତକୁ ବୃଦ୍ଧି ପାଇଛି। କେରଳରେ ଦିନକରେ ସର୍ବାଧିକ ୮ ହଜାରରୁ ଅଧିକ ସୁସ୍ଥ ହେଉଥିବାବେଳେ ଏହା ପଛକୁ ମହାରାଷ୍ଟ୍ର ଓ କର୍ନାଟକ ରହିଛନ୍ତି। ସେଠାରେ ଦୈନିକ ଆରୋଗ୍ୟ ସଂଖ୍ୟା ୭ ହଜାରରୁ ଅଧିକ ରହିଛି। ତେବେ ଉପରୋକ୍ତ ତିନି ରାଜ୍ୟରେ ନୂଆ ମାମଲା ସଂଖ୍ୟା ମଧ୍ୟ ଅଧିକ ରହିଛି। ୭୮ ପ୍ରତିଶତ ନୂଆ ମାମଲା ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସୁଥିବା ଜଣାପଡିଛି। ସେହିପରି ଗତ ୨୪ ଘଣ୍ଟାରେ କରୋନା ୫୬୩ ଜଣଙ୍କ ଜୀବନ ନେଇଛି। ସେଥିରୁ ୮୧ ପ୍ରତିଶତ ମୃତ୍ୟୁ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଘଟିଛି।

ପ୍ରତି ନିୟୁତ ଜନସଂଖ୍ୟାରେ ଦୈନିକ ୧୪୦ ଜଣଙ୍କ ପରୀକ୍ଷା କରାଇବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପରାମର୍ଶ ଦେଇଥିଲା। ଭାରତରେ ପ୍ରତି ନିୟୁତ ଜନସଂଖ୍ୟାରେ ଦୈନିକ ହାରାହାରି ୮୪୪ ଜଣଙ୍କ ପରୀକ୍ଷା କରାଯାଉଛି।

## ଦନ୍ତା ଆକ୍ରମଣରେ ଜଣେ ମୃତ



**କଣିହାଁ, ୩୦।୧୦(ଡି.ଏନ୍.ଏ.)**

ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ରେଙ୍ଗାଳି ଫରେଷ୍ଟ ସେକ୍ସନ ବଜ୍ରକୋଟ ଗ୍ରାମରେ ଶୁକ୍ରବାର ଏକ ଦନ୍ତା ହାତୀ ଆକ୍ରମଣରେ ଜଣକ ମୃତ୍ୟୁ ଘଟିଛି। ମୃତକ ହେଲେ ବଜ୍ରକୋଟ ଗ୍ରାମ ସୁବର୍ଣ୍ଣସାହିର ମାୟାଧର ବେହେରା(୫୫)। ପୂର୍ବାହ୍ନରେ ସେ ନିକଟସ୍ଥ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ହାବୁଡରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ମୃତ୍ୟୁ ଘଟିଥିଲା। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବାକି ୩ ଲକ୍ଷ ୬୦ ହଜାର ଟଙ୍କା ନିୟମ ଅନୁଯାୟୀ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରେଙ୍ଗାଳି ଥାନାରେ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡକୁ ପଠାଯାଇଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରି କହିଛନ୍ତି, ଗୁରୁବାର ସନ୍ଧ୍ୟାରେ ୧୬ ହାତୀ ରେଙ୍ଗାଳି ଗ୍ରାମାଞ୍ଚଳକୁ ଚାଲି ଆସିଥିଲେ। ଘଉଡାଯିବା ପରେ ଗୋଟିଏ ଦନ୍ତା ବାଟବଣା ହୋଇ ବଜ୍ରକୋଟ ଅଞ୍ଚଳକୁ ପଳାଇ ଆସିଥିଲା।

# ଛାଡ଼ପତ୍ର ମାମଲା: ୧୫ରେ ବର୍ଷା-ଅନୁଭବ ବୁଝାମଣା

**ନୂଆଦିଲ୍ଲୀ,୩୦।୧୦**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ଏମ୍ପି ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ନଭେମ୍ବର ୧୫ରେ ପରସ୍ପରକୁ ଭେଟି ଛାଡ଼ପତ୍ର ମାମଲାର ଆପୋଷ ସମାଧାନ ଲାଗି ଆଲୋଚନା କରିବେ। ସୁପ୍ରିମକୋର୍ଟର ମଧ୍ୟସ୍ଥତା କେନ୍ଦ୍ରରେ ଏହି ବୁଝାମଣା ଅନୁଷ୍ଠିତ ହେବ। ବର୍ଷାଙ୍କ ଓକିଲଙ୍କ ସହ ଆଲୋଚନା ପରେ ୧୫ ତାରିଖରେ ବୁଝାମଣା ପାଇଁ ସ୍ଥିର ହୋଇଥିବା ଅନୁଭବଙ୍କ ଓକିଲ ଅଶ୍ୱିନୀ ଦୁବେ କହିଛନ୍ତି। ତେବେ ମଧ୍ୟସ୍ଥ କିଏ ରହିବେ ତାହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୮ରେ ହୋଇପାରେ।

ବର୍ଷା ଓ ଅନୁଭବ ଓଡ଼ିଆ ସିନେମାର ଖ୍ୟାତନାମା ବ୍ୟକ୍ତିତ୍ୱ ହୋଇଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ବୈବାହିକ ବିବାଦର ସମାଧାନ ସୂତ୍ର ବାହାର କରିବା ଲାଗି ଗତ ୧୬ ତାରିଖରେ ଜଷ୍ଟିସ୍ ହୃଷିକେଶ ରାୟଙ୍କ ଖଣ୍ଡପୀଠ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଭବ ପଟିଆଲା ହାଉସ୍ କୋର୍ଟରେ ଜୁଲାଇ ୭ରେ ଛାଡ଼ପତ୍ର ପିଟିଶନ ଦାଏର କରିଥିବାବେଳେ ଏହାକୁ କଟକର ଫାମିଲି କୋର୍ଟକୁ ସ୍ଥାନାନ୍ତର ଲାଗି ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

୨୦୧୪ ଫେବୃୟାରୀରେ ସେମାନଙ୍କ ବିବାହ ହୋଇଥିଲା। ତେବେ ବର୍ଷା କେବେ ତାଙ୍କୁ ସ୍ୱାମୀ ଭାବେ ଦେଖୁ ନ ଥିଲେ ଏବଂ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଥିଲେ ବୋଲି ଅନୁଭବ ତାଙ୍କ ପିଟିଶନରେ ଅଭିଯୋଗ କରିଥିଲେ। ସେହିପରି ବର୍ଷା ଅଗଷ୍ଟ ୧୦ରେ କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅନୁଭବଙ୍କ ବିରୋଧରେ ଘରୋଇ ହିଂସା ମାମଲା ଦାଏର କରିଥିଲେ। ଅନୁଭବ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ବର୍ଷା ତାଙ୍କ ପିଟିଶନରେ ଦର୍ଶାଇଥିଲେ।

# ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା

**ବୁଗୁଡ଼ା, ୩୦।୧୦(ଡି.ଏନ.ଏ.)**

- ବୁଗୁଡ଼ା ଦଳିତ ସାହିରେ ଚାଞ୍ଚଲ୍ୟ
- ଫିଙ୍ଗି ଦେଇଥିଲେ ମୃତଦେହ

ଗଞ୍ଜାମ ଜିଲା ବୁଗୁଡ଼ା ବାଲିପିଣ୍ଡି ପୋଖରୀ ନିକଟସ୍ଥ ଦଳିତ ସାହିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କ ତଣ୍ଟି ଚିପି ସ୍ତ୍ରୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଢେଙ୍କାନାଳ ଅଞ୍ଚଳର ସିଲୁ ମେହେର (୩୨)। ମୃତକଙ୍କ ଭାଇ ଦିଲ୍ଲୀପଙ୍କ ଅଭିଯୋଗକୁ ଭିତ୍ତିକରି ବୁଗୁଡ଼ା ପୋଲିସ ନଂ. ୩୧୮/୨୦ରେ ହତ୍ୟା ମାମଲା ରୁଜୁ କରିଛି। ଅଭିଯୁକ୍ତ ମହିଳା ଏବଂ ପ୍ରେମିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ଅଭିଯୋଗ ଅନୁଯାୟୀ, ସିଲୁଙ୍କ ବିବାହ ୧୦ ବର୍ଷ ତଳେ ସମ୍ପୃକ୍ତ ମହିଳାଙ୍କ ସହ ହୋଇଥିଲା। ସେମାନଙ୍କ ୩ ସନ୍ତାନ ଅଛନ୍ତି। ଉଭୟଙ୍କ ଦାମ୍ପତ୍ୟ ଜୀବନ ଖୁସିରେ ଚାଲିଥିଲା। ତେବେ ୬ ମାସ ତଳେ ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବାରୁ ସିଲୁ ଫେରାର ହୋଇଯାଇଥିଲେ। ଏହି ସମୟରେ ମହିଳାଙ୍କ ସହ ଢେଙ୍କାନାଳର ଅନ୍ୟ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୪ଦିନ ତଳେ ଦୁହେଁ ଢେଙ୍କାନାଳରୁ ବୁଗୁଡ଼ା ଚାଲି ଆସିଥିଲେ। ସୂଚନା ପାଇ ସିଲୁ ଗୁରୁବାର ରାତିରେ ବୁଗୁଡ଼ାରେ ପହଞ୍ଚିଥିଲେ। ସେଠାରେ ସ୍ତ୍ରୀ ଏବଂ ତାଙ୍କ ପ୍ରେମିକଙ୍କୁ ଦେଖି ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ଏବଂ ପ୍ରେମିକ ମିଶି ଏକ ଗାମୁଛାରେ ସିଲୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହକୁ ବୁଗୁଡ଼ା ସହର ଉପକଣ୍ଠ ମାଳିଖୋଳା ମନ୍ଦିର ନିକଟରେ ଫୋପାଡ଼ି ଦେଇଥିଲେ। ଏହା ଦେଖି ସାହିବାସୀ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ଚିତ୍ତରଞ୍ଜନ ବେହେରା ସଦଳବଳ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶୁକ୍ରବାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଯାଇଛି।

# ଭୁବନେଶ୍ୱରରୁ ଚୋରି କାର ବୁଗୁଡ଼ାରୁ ଉଦ୍ଧାର

**ଭୁବନେଶ୍ୱର,୩୦।୧୦ (ବ୍ୟୁରୋ)**

ଢୁମାଢୁମା ଅଞ୍ଚଳରୁ ଚୋରି ହୋଇଥିବା ଏକ କାରକୁ ଖଣ୍ଡଗିରି ଥାନା ପୋଲିସ ଗଞ୍ଜାମ ବୁଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡା ଥାନାଞ୍ଚଳର ପାଣ୍ଡବ ନାୟକ। ସୂଚନା ମୁତାବକ, ଢୁମଢୁମା ଫେଜ-୨ ପ୍ଲଟ୍ ନଂ.୯୩୬ରେ ରହୁଥିବା ମାନସ ରଞ୍ଜନ ବରାଡ ଘର ଆଗରେ କାର୍ ରଖନ୍ତି। ଗତ ୨୨ ତାରିଖ ସକାଳେ କାର୍‌ଟି ଚୋରି ହୋଇଯାଇଥିବା ଦେଖି ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୬୮୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ କାରଟି ଗଞ୍ଜାମ ବୁଗୁଡାରେ ବିକ୍ରି ପାଇଁ ଯୋଜନା ଚାଲିଥିବା ନେଇ ଖବର ମିଳିବା ପରେ ଖଣ୍ଡଗିରି ଥାନା ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ଅଭିଯୁକ୍ତ ପାଣ୍ଡବଙ୍କୁ ଭୁବନେଶ୍ୱର ଅଣାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।


**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), KALAHANDI DISTRICT**
**District Website: www.kalahandi.nic.in**
**Tender No. 3667, 3668 & 3669** **Date: 29.10.2020**

District Manager, Odisha State Civil Supplies Corporation Ltd., Kalahandi invites through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for transportation of paddy from Mandi/PPCs to Mill Points |
| 2 | Availability of tender documents in the portal | From 30.10.2020 (From 11.00 A.M.) |
| 3 | Last date/time for receipt of bids in the portal | Dt.10.11.2020 (Upto 6.00 P.M.) |
| 4 | Date/time of Opening of Technical Bid | Dt.11.11.2020 at 10.30 A.M. |
| 5 | For any query please contact to the District Manager, OSCSC Ltd., Kalahandi | Phone No.: 9438200045, Email ID: **oscscltd@gmail.com** |

Tender documents & other can be seen from the e-procurement portal **www.tendersodisha.gov.in** along with district website Amendments/Corrigendum/Cancellation/retenders etc. if any shall be published only in above websites.

**District Manager, OSCSC Ltd., Kalahandi**

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), KALAHANDI DISTRICT**
**District Website: www.kalahandi.nic.in**
**Tender No. 3670 & 3671** **Date: 29.10.2020**

District Manager, Odisha State Civil Supplies Corporation Ltd., Kalahandi invites through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for transportation of CMR from Mill Points to Rice receiving Centres (RRC) and FSD Point of FCI |
| 2 | Availability of tender documents in the portal | From 30.10.2020 (From 11.00 A.M.) |
| 3 | Last date/time for receipt of bids in the portal | Dt.11.11.2020 (Upto 6.00 P.M.) |
| 4 | Date/time of Opening of Technical Bid | Dt.12.11.2020 at 03.00 P.M. |
| 5 | For any query please contact to the District Manager, OSCSC Ltd., Kalahandi | Phone No.: 9438200045, Email ID: **oscscltd@gmail.com** |

Tender documents & other can be seen from the e-procurement portal **www.tendersodisha.gov.in** along with district website Amendments/Corrigendum/Cancellation/retenders etc. if any shall be published only in above websites.

**District Manager, OSCSC Ltd., Kalahandi**



## ଚଳିତ ୨୦୨୦-୨୧ ରବି ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରାମାଣିକ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ ଓ ରିହାତିର ପରିମାଣ (ଟଙ୍କାରେ)

No.L-35

| କ୍ର. ସଂ. | ବିହନ | ଉତ୍ସ | ସର୍ବାଧିକ ଧାର୍ଯ୍ୟ ବିକ୍ରୟ ମୂଲ୍ୟ | ରିହାତି ପରିମାଣ ଢିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରିମାଣ ଢିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରେ ବିହନର ବିକ୍ରୟ ମୂଲ୍ୟ |
|---|---|---|---|---|---|---|
| ୧ | ଧାନ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୨୬୮ | ୧୩୬୮ | - | ୧୯୦୦ |
| ୨ | ଧାନ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୨୬୮ | ୯୮୮ | - | ୨୨୮୦ |
| ୩ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୬୦୩୭ | ୨୬୮୭ | - | ୩୩୫୦ |
| ୪ | ମାଣ୍ଡିଆ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୬୦୩୭ | ୧୫୦୦ | ୧୧୮୭ | ୩୩୫୦ |
| ୫ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୬୭୪୫ | ୩୦୦୦ | ୩୯୫ | ୩୩୫୦ |
| ୬ | ମାଣ୍ଡିଆ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୬୭୪୫ | ୧୫୦୦ | ୧୮୯୫ | ୩୩୫୦ |
| ୭ | ମକା (ସମସ୍ତ କିସମ) | ନାଫେଡ୍ | ୧୯୧୧୩ | କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯିବ | | |
| ୮ | ମୁଗ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୧୦୭୪୧ | ୩୪୪୧ | - | ୭୩୦୦ |
| ୯ | ମୁଗ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୧୦୭୪୧ | ୨୫୦୦ | ୯୪୧ | ୭୩୦୦ |
| ୧୦ | ମୁଗ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୦୭୬୫ | ୩୪୬୫ | - | ୭୩୦୦ |
| ୧୧ | ମୁଗ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୧୦୭୬୫ | ୨୫୦୦ | ୯୬୫ | ୭୩୦୦ |
| ୧୨ | ବିରି (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୯୧୬ | ୨୮୧୬ | - | ୬୧୦୦ |
| ୧୩ | ବିରି (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୯୧୬ | ୨୫୦୦ | ୩୧୬ | ୬୧୦୦ |
| ୧୪ | ବିରି (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୭୪୭ | ୩୬୪୭ | - | ୬୧୦୦ |
| ୧୫ | ବିରି (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୭୪୭ | ୨୫୦୦ | ୧୧୪୭ | ୬୧୦୦ |
| ୧୬ | ବୁଟ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୩୧୪୧ | - | ୫୨୦୦ |
| ୧୭ | ବୁଟ (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୨୫୦୦ | ୬୪୧ | ୫୨୦୦ |
| ୧୮ | ବୁଟ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏଚଆଇଏଲ | ୭୮୨୮ | ୨୬୨୮ | - | ୫୨୦୦ |
| ୧୯ | ବୁଟ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏଚଆଇଏଲ | ୭୮୨୮ | ୨୫୦୦ | ୧୨୮ | ୫୨୦୦ |
| ୨୦ | ବିଲ ମଟର (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୩୩୪୧ | - | ୫୦୦୦ |
| ୨୧ | ବିଲ ମଟର (ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ଓ ୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି./ ଏନ୍.ଏସ୍.ସି. | ୮୩୪୧ | ୨୫୦୦ | ୮୪୧ | ୫୦୦୦ |
| ୨୨ | ବିଲ ମଟର (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୩୯୨ | ୪୩୯୨ | - | ୫୦୦୦ |
| ୨୩ | ବିଲ ମଟର (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୩୯୨ | ୨୫୦୦ | ୧୮୯୨ | ୫୦୦୦ |
| ୨୪ | ଚିନାବାଦାମ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୫୦୪ | ୩୨୦୪ | - | ୫୩୦୦ |
| ୨୫ | ଚିନାବାଦାମ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୫୦୪ | - | ୩୨୦୪ | ୫୩୦୦ |
| ୨୬ | ଚିନାବାଦାମ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି./ ଏଚଆଇଏଲ | ୯୨୨୮ | ୩୯୨୮ | - | ୫୩୦୦ |
| ୨୭ | ଚିନାବାଦାମ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି./ ଏଚଆଇଏଲ | ୯୨୨୮ | - | ୩୯୨୮ | ୫୩୦୦ |
| ୨୮ | ସୋରିଷ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୬୮୮ | ୨୯୮୮ | - | ୪୭୦୦ |
| ୨୯ | ସୋରିଷ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୬୮୮ | - | ୨୯୮୮ | ୪୭୦୦ |
| ୩୦ | ସୋରିଷ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୦୩୦ | ୪୦୦୦ | ୩୩୦ | ୪୭୦୦ |
| ୩୧ | ସୋରିଷ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୯୦୩୦ | - | ୪୩୩୦ | ୪୭୦୦ |
| ୩୨ | ରାଶି (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | ୩୮୦୭ | - | ୬୯୦୦ |
| ୩୩ | ରାଶି (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | - | ୩୮୦୭ | ୬୯୦୦ |
| ୩୪ | ଅଳସୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୧୦୧୫ | ୪୦୦୦ | ୨୬୫ | ୬୭୫୦ |
| ୩୫ | ଅଳସୀ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୧୦୧୫ | - | ୪୨୬୫ | ୬୭୫୦ |
| ୩୬ | ସୂର୍ଯ୍ୟମୁଖୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୨୪୩୮୩ | କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯିବ | | |
| ୩୭ | ପେଶୀ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୦୬୯ | ୩୫୩୪ | - | ୩୫୩୫ |

## ଚଳିତ ୨୦୨୦-୨୧ ବର୍ଷ ରବି ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପିଣ୍ଡ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ (ଟଙ୍କାରେ)

| କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ | କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ |
|---|---|---|---|---|---|
| ୧ | ଧାନ (ସଅଳ) | ୩୩୮୨ | ୭ | ବିଲ ମଟର (ସମସ୍ତ କିସମ) | ୮୪୫୪ |
| ୨ | ଧାନ (ମଧ୍ୟମ) | ୩୩୨୧ | ୮ | ଚିନାବାଦାମ (ସମସ୍ତ କିସମ) | ୮୬୧୭ |
| ୩ | ମାଣ୍ଡିଆ (ସମସ୍ତ କିସମ) | ୬୧୫୦ | ୯ | ସୋରିଷ (ସମସ୍ତ କିସମ) | ୭୮୦୧ |
| ୪ | ମୁଗ (ସମସ୍ତ କିସମ) | ୧୦୮୫୩ | ୧୦ | ରାଶି (ସମସ୍ତ କିସମ) | ୧୦୮୧୯ |
| ୫ | ବିରି (ସମସ୍ତ କିସମ) | ୯୦୨୯ | ୧୧ | ଅଳସୀ (ସମସ୍ତ କିସମ) | ୧୧୧୨୮ |
| ୬ | ବୁଟ (ସମସ୍ତ କିସମ) | ୮୪୫୪ | ୧୨ | ପେଶୀ (ସମସ୍ତ କିସମ) | ୭୧୮୧ |

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା** OIPR-01034/11/0014/2021

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୧ ଅକ୍ଟୋବର, ୨୦୨୦

## କରୋନା ସଚେତନତା ସହ ମାସ୍କ ବଣ୍ଟନ

ଅମରପାଲି, (ଡି.ଏନ.ଏ)-ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଶୁକ୍ରବାର ବିଜେଡି ପକ୍ଷରୁ ଲୋକଙ୍କୁ ମହାମାରୀ କରୋନା ସମ୍ପର୍କରେ ସଚେତନ କରିବା ସହିତ ମାସ୍କ ବଣ୍ଟନ କରାଯାଇଛି। ସ୍ଥାନୀୟ ବିଜେଡି ପକ୍ଷରୁ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ରଞ୍ଜିତ ରଥ, ସ୍ୱୟମ୍ଭୁନାଥ ଖଣ୍ଡଗିରି, ନାରାୟଣ ଲୁହା, ସତ୍ୟଞ୍ଜୀବ ମିଶ୍ର, ଅଶୋକ ଦେହୁରୀ ପ୍ରମୁଖ ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର ସହିତ କୋଭିଡ୍ ନିୟମକୁ ମାନିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ବୀରମହାରାଜପୁରର ଦୈନିକ ବଜାର, ତ୍ରିବେଣୀ ଛକ, ଚାରିଛକ ଆଦି ସ୍ଥାନରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା।



# କୁଷ୍ଠରୋଗୀଙ୍କୁ ମିଳୁନି ଉତ୍ତମ ଖାଦ୍ୟ

ସମ୍ବଲପୁର,୩୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ହାତିବାରୀଠାରେ ଥିବା ଡାକ୍ତର ଆଇଜାକ ସାନ୍ତ୍ରା କୃଷ୍ଠାଶ୍ରମରେ ବ୍ୟାପକ ଅନିୟମିତତା ହେଉଛି। ଅନ୍ତେବାସୀମାନଙ୍କୁ ଉପଯୁକ୍ତ ମାନ ଓ ପରିମାଣର ଖାଦ୍ୟ ଦିଆଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, କୃଷ୍ଠାଶ୍ରମର ଅନ୍ତେବାସୀଙ୍କୁ ସକାଳେ ଜଳଖିଆ ଦିଆଯାଉନାହିଁ। ଜଳଖିଆରେ ସୁଜି, ଚୁଡା ଓ ଉପମା ଦେବା କଥା। ହେଲେ ପ୍ରତିଦିନ ଭାତ ଓ ଶିଝା ଚଣା ଦିଆଯାଉଛି। ଦିନ ୧୨ଟାରେ ମଧ୍ୟାହ୍ନ ଭୋଜନ ଦେବା ବଦଳରେ ପ୍ରାୟ ସମୟ ବିଳମ୍ବ ହେଉଛି। କେବଳ ଭାତ, ଚଣା ତରକାରୀ ଦିଆଯାଉଛି। ଡାଲମାରେ ପରିବା ନାହିଁ। ସନ୍ଧ୍ୟା ସମୟରେ ପୁଣି ସେମିତି ପାଣିଆ ଡାଲି ଭାତ ଦିଆଯାଉଛି । ପ୍ରତିଦିନ ୩ ଥର ଭାତ ଦିଆଯାଉଛି ଯାହା ଅରୁଚିକର ହେଉଛି । ଚାଉଳର ମାନ ଠିକ ନ ଥିବାରୁ ଭାତରୁ ଏକ ପ୍ରକାର ବାସ୍ନା ଦେଉଛି । ଯାହା ଖାଇବା ଉପଯୁକ୍ତ ନୁହେଁ ବୋଲି ଅନ୍ତେବାସୀମାନେ କହିଛନ୍ତି। ଅନ୍ୟପଟେ ଗତ ମାର୍ଚ୍ଚ ମାସରୁ ଆମିଷ (ମଟନ) ଦିଆଯାଇନାହିଁ । ସପ୍ତାହରେ ଦୁଇ ଥର ଆମିଷ ଦେବାର ନିୟମ ଥିଲେ ମଧ୍ୟ ତାହା ମିଳୁନାହିଁ । କୃଷ୍ଠ ସହିତ ବାର୍ଦ୍ଧକ ଜନିତ ରୋଗରେ ପୀଡିତ ଥିବା ମହିଳା ପୁରୁଷଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନି। ଜଣେ ଅନ୍ତେବାସୀ କହିଛନ୍ତି ଯେ, ଏଠି ଅନେକ ସମସ୍ୟା ରହିଛି । ଖାଦ୍ୟର ମାନ ଓ ଖାଇବା ସମୟ ଠିକ୍ ରହୁନାହିଁ । ସରକାରଙ୍କ ନିୟମ ଅନୁସାର ଖାଇବା ଦିଆଯାଉନାହିଁ । ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କା ହଡପ କରାଯାଉଛି । ଅନ୍ୟ କୃଷ୍ଠାଶ୍ରମରେ ଉତ୍ତମ ଖାଦ୍ୟ ଦିଆଯାଉଥିବା ଆମେ ଶୁଣିବାକୁ ପାଉଛୁ। ହେଲେ ହାତିବାରୀ ଆଶ୍ରମରେ ଖାଦ୍ୟର ମାନ ଠିକ ରହୁନାହିଁ। ଠିକାସଂସ୍ଥାକୁ ଖାଦ୍ୟ ଯୋଗାଣ ଦାୟିତ୍ୱ ଦିଆଯାଇଛି । ହେଲେ ସେମାନେ ଏହାକୁ ଠିକ୍ ଭାବେ ପରିଚାଳନା କରୁନାହାନ୍ତି। ସରକାରୀ ଅଧିକାରୀ ମାନେ ମଧ୍ୟ ତାଦାରଖ କରୁନାହାନ୍ତି । ଫଳରେ ଏଭଳି ସମସ୍ୟା ଦେଖାଦେଉଛି । ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶଶୀ ଭୂଷଣ ପଟେଲଙ୍କୁ ପଚାରିବାରୁ ସେ କହିଥିଲେ, ଏହା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରିଚାଳିତ ହେଉଛି । ଏଡିଏମଓ (ଫିଏଚ୍) ଏହାର ଦାୟିତ୍ୱରେ ଅଛନ୍ତି । ବର୍ତ୍ତମାନ ଯେଉଁ ଅଭିଯୋଗ ଆସିଛି ତାହା ଉପରେ ତଦନ୍ତ କରାଯିବ ବୋଲି ପଟେଲ କହିଥିଲେ ।

ସୂଚନାଯୋଗ୍ୟ, କୁଷ୍ଠରୋଗ ନିରାକରଣ ପାଇଁ ୧୯୫୭ ମସିହାରେ ହାତୀବାରିଠାରେ କୃଷ୍ଠାଶ୍ରମ ପ୍ରତିଷ୍ଠା କରାଯାଇଥିଲା। ଡା. ଆଇଜାକ୍ ସାନ୍ତ୍ରା ଏହାର ପ୍ରତିଷ୍ଠାତା ରହିଥିଲେ। ଏହି କେନ୍ଦ୍ରର ୫୬୦ ଏକର ପରିମିତ ଜମିରେ ୧୦ଟି ପୋଖରୀ, ବିଭିନ୍ନ ଫଳ, ଫୁଲ ବଗିଚା ରହିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି । ରାଜ୍ୟପାଳ ପରିଚାଳନା ମୁଖ୍ୟ ରହିଥିବା ବେଳେ ହିନ୍ଦ୍ କୁଷ୍ଠ ନିବାରଣ ସଂଘ ସହଯୋଗ କରିଆସୁଛି। ରାଜ୍ୟ ତଥା ରାଜ୍ୟ ବାହାରୁ କୁଷ୍ଠରୋଗୀ ଏଠାକୁ ବହୁ ସଂଖ୍ୟାରେ ଆସୁଥିଲେ। ୨୦୦୫ ମସିହାରେ ୪୫୬ ଜଣ କୁଷ୍ଠରୋଗୀ ଥିବା ବେଳେ ଏବେ ଏହି ସଂଖ୍ୟା ୧୬୦ରେ ପହଞ୍ଚିଛି ।



ସମ୍ବଲପୁର ହାତିବାରୀ କୃଷ୍ଠାଶ୍ରମରେ ଅନ୍ତୋବାସୀମାନେ ।

- ଜଳଖିଆରେ ଦିଆଯାଉଛି ଭାତ, ଚଣା
- ମାର୍ଚ୍ଚରୁ ଆମିଷ ଦିଆଯାଉନି
- ପାଣିଚିଆ ଡାଲିକୁ ପରିବା ନାହିଁ
- ଲକ୍ଷାଧିକ ଟଙ୍କା ହଡପ ଅଭିଯୋଗ

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲା କଳାକାର ସଂଘ

**ବରଗଡ଼ ଅଫିସ୍,୩୦।୧୦:** ମହାମାରୀ କରୋନା ସମୟରେ କଳାକାରଙ୍କ ଜୀବନ ଜୀବିକା ଉଜୁଡ଼ି ଯାଇଛି । କଟକଣା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଫଳରେ ସେମାନେ ରୋଜଗାର ହରାଇ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଛି। ଏହାସତ୍ତ୍ୱେ ସେମାନଙ୍କୁ କୌଣସି ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇନାହିଁ। ଏହାକୁ ନେଇ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅସନ୍ତୋଷ ପ୍ରକାଶ କରିଛି। ଶୁକ୍ରବାର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ମହାସଂଘ ସଭାପତି ଚୈତନ୍ୟ ପାଇକଙ୍କ ସ୍ୱାକ୍ଷର ରହିଛି ।

### ମହାଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା

**ରିଆମାଳ,୩୦।୧୦(ଡି.ଏନ.ଏ):** ଦେବଗଡ଼ ଜିଲା ରିଆମାଳ ମହାଲକ୍ଷ୍ମୀ ପୂଜା ପାଇଁ ଶୁକ୍ରବାର କଳସ ଯାତ୍ରା ସହିତ ମା'ଙ୍କ ପୂଜା ଆରମ୍ଭ ହୋଇଛି। ପୂଜା କମିଟି ସଭାପତି ଟଙ୍କଧର ନାୟକ, ସମ୍ପାଦକ ତୀର୍ଥବାସୀ ବିଶ୍ୱାଳ ଓ କୋଷାଧକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଝିଅବୋହୂ ରଜାବନ୍ଧରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ବିରେନ କୁମାର ପ୍ରଧାନ ଓ ତାଙ୍କ ସ୍ତ୍ରୀ ରିନା ପ୍ରଧାନ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୩୦।୧୦ (ବ୍ୟୁରୋ):** ପରିବେଶ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୧୧ ଟିକ୍ରାପଡାଠାରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳ ପରିବେଶ ଶାଖା ଓ ଯୁବ ବିଜୁ ଜନତା ଦଳର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଯୁବ ବିଜେଡି ଜିଲା ସମ୍ପାଦକ ଲକ୍ଷ୍ମୀ ମହାପାତ୍ରଙ୍କ ପରିଚାଳନାରେ ଚାରା ରୋପଣ ହୋଇଥିଲା। ବିଜେଡି ରାଜ୍ୟ ସହସମ୍ପାଦକ ସଞ୍ଜିତ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଜୀବନ ବିନ୍ଦୁ ଜିଲା ସଂଯୋଜିକା କବିତା ପୁରୋହିତ, ଛାତ୍ର ବିଜେଡି ଜୋନ ସଭାପତି ମିଳନ ହୋତା, ଜୋନ ସାଧାରଣ ସମ୍ପାଦକ ଅନୁଜ ଜେନା, ସମ୍ପାଦକ ସୌରଭ ସେନ, ପ୍ରଶାନ୍ତ ଥାପା, ସୈରେନ୍ଦ୍ରୀ ନାୟକ ପ୍ରମୁଖ ଚାରା ରୋପଣ କରିଥିଲେ।

### ସର୍ତକ ଭାରତ ସମୃଦ୍ଧ ଭାରତ ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୩୦।୧୦ (ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳ ଅଫିସ ସଭାକକ୍ଷରେ ସର୍ତକ ଭାରତ ସମୃଦ୍ଧ ଭାରତ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଦଣ୍ଡନୀୟ ସତର୍କତା ଅପେକ୍ଷା ପ୍ରତିଷେଧକ ସତର୍କତା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ସମଗ୍ର ବ୍ୟବସ୍ଥାର ସ୍ୱଚ୍ଛତା ଆଣିବା ଜରୁରୀ ବୋଲି ସେ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏସ. ପାତ୍ରୁଡ୍ରୁ, ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ଜି.ନାୟକ, ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏ.କେ. ବଣ୍ଡୱାଲ, ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଯନ୍ତ୍ରୀ ସଞ୍ଜୟ କୁମାର, ବରିଷ୍ଠ ମଣ୍ଡଳ ବିତ୍ତପ୍ରବନ୍ଧକ ବି. ପ୍ରଧାନ, ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ ଆର.କେ. ସାହୁ ଯୋଗଦେଇ ସତର୍କତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ବି.ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଳର ମାନ ପରୀକ୍ଷଣ ଶିବିର

**ଲୋଇସିଂହା,୩୦।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଜଳର ମାନ ପରୀକ୍ଷଣ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପ୍ରକାଶଚନ୍ଦ୍ର ଦାଶ, ନନ୍ଦଲାଲ କରନ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ହାତପମ୍ପ କାରିଗର ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ତାଲିମ ପ୍ରଦାନ କରିଥିଲେ । ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏସଇଏମ ଦିଲୀପ ଥନାପତି, ଭୋଳାଶଙ୍କର ସାହୁ ଓ ବବିତା ନେଗି ବୁର୍ଡା ଗ୍ରାମରେ ଜଳର ଗୁଣାବତ୍ତା ପରୀକ୍ଷଣ କରିଥିଲେ । ଏହ ଅବସରରେ ହୃଷିକେଶ ବାରିକ,ଗୋପାଳ ସାହୁ ପ୍ରମୁଖ ଉପସ୍ଥିତଥିଲେ ।

## ଆହତ ଅସହାୟ ବୃଦ୍ଧା ଗଲେ ବୃଦ୍ଧାଶ୍ରମ

ଲଖନପୁର,୩୦।୧୦(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଭଅଁରଖୋଲ ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗ୍ରାମରେ ଆହତ ହୋଇ ଅସହାୟ ଅବସ୍ଥାରେ ପଡିଥିବା ଜଣେ ବୃଦ୍ଧାଙ୍କୁ ଗୋବିନ୍ଦପୁର ଭରସା କେନ୍ଦ୍ର ବୃଦ୍ଧାଶ୍ରମରେ ଥଇଥାନ କରାଯାଇଛି। ଭଅଁରଖୋଲ ସରପଞ୍ଚ ଅଶ୍ୱିନୀ ପ୍ରଧାନ ସହାୟତାର ହାତ ବଢାଇ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୃଦ୍ଧାଶ୍ରମ ପଠାଇଛନ୍ତି। ତାଙ୍କ ହାତ, ଗୋଡ ଓ ଅଣ୍ଟାରେ ଆଘାତ ଲାଗିଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମ୍ ତରଫରୁ ତାଙ୍କର ସେବା ଶୁଶ୍ରୂଷା କରାଯାଉଛି ବୋଲି ଅନୁଷ୍ଠାନର ମୁଖ୍ୟ ସଞ୍ଜୟ ଜେଠି କହିଛନ୍ତି। ୭୦ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବୃଦ୍ଧାଙ୍କର ପରିଚୟ ମିଳିନାହିଁ। ସେ ହିନ୍ଦୀ ଓ ଛତିଶଗଡି ଲରିଆ ଭାଷାରେ କଥାବର୍ତ୍ତା କରୁଛନ୍ତି। ପଚାରିଲେ ତାଙ୍କ ଘର ରାୟଗଡ ଇନ୍ଦିରାନଗରରେ ବୋଲି ସେ କହୁଛନ୍ତି। ଗତ ଶୁକ୍ରବାର ସେ ଭଅଁରଖୋଲ ପଞ୍ଚାୟତ ପତ୍ରାପାଲି ଗ୍ରାମରେ ମାଗିଯାଚି ଖାଉଥିଲେ। ଗାଁ ବାହାରକୁ ଶୌଚ ପାଇଁ ଯାଇଥିବାବେଳେ ପଡିଯାଇଥିଲେ । ଗାଁ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ସରପଞ୍ଚଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

# ଖାଉଟି ଅଦାଲତରେ ତହସିଲଦାର ଦଣ୍ଡିତ

ଦେବଗଡ଼,୩୦।୧୦(ଡ଼ି.ଏନ.ଏ.)

**ସେବା ପ୍ରଦାନରେ ଅବହେଳା**

ସେବା ପ୍ରଦାନରେ ଅବହେଳା ଯୋଗୁଁ ଜିଲା ଖାଉଟୀ ଅଦାଲତ ଦେବଗଡ ତହସିଲଦାରଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଆବେଦନକାରୀଙ୍କୁ କ୍ଷତିପୂରଣ ବାବଦକୁ ୧୦ହଜାର ଟଙ୍କା, ମାନସିକ ଦୁଶ୍ଚିନ୍ତା ପାଇଁ ୨ହଜାର ଟଙ୍କା ଓ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୨ହଜାର ଟଙ୍କା ପ୍ରଦାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ଆଦେଶ ପାଇବାର ୩୦ଦିନ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ଅଦାଲତ ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ଦେବଗଡ ପୌରାଞ୍ଚଳ ୧୧ନମ୍ବର ୱାର୍ଡ ମହୁଲଡିପା ସାହିର ଟିକେଶ୍ୱରୀ କିସାନଙ୍କ ନାମରେ ୟୁନିଟ-୮ରେ ପ୍ଲଟ ନମ୍ବର-୭୨୭ରେ ୦.୦୮ ଡେସିମିଲ ବେର୍ଣ୍ଣା ସାଧାରଣ କିସମ ଜମିରୁ ୦.୦୪ ଡେସିମିଲ ଜମିକୁ ଘରବାରି କିସମରେ ପରିବର୍ତ୍ତନ ପାଇଁ ୨୦୧୩ ମସିହାରେ ଦେବଗଡ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ନିର୍ଦ୍ଧାରିତ ଫି ବାବଦ ୧୨,୧୨୦ ଟଙ୍କା ଏବଂ ଆବଶ୍ୟକ ଲାଗଜପତ୍ର ସେ ଦାଖଲ କରିଥିଲେ। ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜମିର କିସମ ପରିବର୍ତ୍ତନ କରାଯାଇଥିଲା। ତେବେ କିସାନ ଗତ ଜୁଲାଇ ୭ରେ ଉକ୍ତ ଖତିଆନ ଧରି ଗୃହଋଣ ନିମନ୍ତେ ଆବେଦନ କରିବାକୁ ଦେବଗଡ ଭାରତୀୟ ଷ୍ଟେଟବ୍ୟାଙ୍କକୁ ଯାଇଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଖତିୟାନକୁ ଭୂଲେଖ ପୋର୍ଟାଲରେ ଯାଞ୍ଚ କରିବାରୁ ସେଥିରେ କିସମ ପରିବର୍ତ୍ତନ ସମ୍ବନ୍ଧୀୟ କୌଣସି ତଥ୍ୟ ଅପଲୋଡ ହୋଇ ନ ଥିଲା । ଫଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଦେବାକୁ ମନା କରିଦେଇଥିଲେ। ଜୁଲାଇ ୧୪ରେ ଆବେଦନକାରିଣୀ ଏ ନେଇ ତହସିଲଦାରଙ୍କୁ ଲିଖିତଭାବେ ଜଣାଇଥିଲେ। ହେଲେ କିସମ ପରିବର୍ତ୍ତନ ଘଟଣା ୨୦୧୩ର ହୋଇଥିବା ଏବଂ ସେତେବେଳେ ଅନଲାଇନରେ ନହୋଇ ଅଫଲାଇନରେ ହେଉଥିବା ତହସିଲଦାର କହିଥିଲେ। ୨୦୧୮ରେ ଏଲ୍‌ଆର୍‌ଏମ୍‌ଏସ୍ (ଲ୍ୟାଣ୍ଡ ରେକର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ)ପୋର୍ଟାଲ କାର୍ଯ୍ୟକ୍ଷମ ହେବାପରେ ସମସ୍ତ କାମ ଅନଲାଇନରେ ହୋଇଛି। ଏହାପୂର୍ବର ଡାଟା ଏଲ୍‌ଆର୍‌ଏମ୍‌ଏସ୍‌ରେ ଅପଲୋଡ ପାଇଁ କୌଣସି ସୁବିଧା ନଥିବାରୁ ମାନୁଆଲ ଖତିୟାନ ପ୍ରଦାନ କରାଯାଇଥିବା ତହସିଲଦାର ଉତ୍ତର ଦେବାସହ ତତ୍କାଳୀନ(କିସମ ପରିବର୍ତ୍ତନ ସମୟର)ତହସିଲଦାରଙ୍କ ଦ୍ୱାରା କାହିଁକି ଅପଲୋଡ କରାଗଲ ନାହିଁ ବୋଲି ଓଲଟା ପ୍ରଶ୍ନ କରିଥିଲେ। ଫଳରେ ଆବେଦନକାରିଣୀ ଅନ୍ୟନୋପାୟ ହୋଇ ଖାଉଟୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଏକ ମାମଲା ରୁଜୁ କରିବା ସହ ତହସିଲଦାରଙ୍କୁ ନୋଟିସ୍ କରିଥିଲେ । ନୋଟିସ ପାଇ ତହସିଲଦାର ଦେବଗଡ ଏନଆଇସିର ଜିଲା ଇନଫର୍ମେସନ ଅଫିସରଙ୍କୁ ପତ୍ର ଲେଖି ଜଣାଇବା ପରେ କିସମ ପରିବର୍ତ୍ତନକୁ ଭୂଲେଖ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା। ଏଣେ ଜିଲା ଖାଉଟୀ ଅଦାଲତ ସଭାପତି ଦୀପକ କୁମାର ମହାପାତ୍ର ଏବଂ ଅନ୍ୟ ସଦସ୍ୟମାନେ ମିଳିତଭାବେ ମାମଲାର ବିଚାର କରି ସେବା ପ୍ରଦାନରେ ତହସିଲଦାର ପଲ୍ଲବୀ ନାୟକ ଅବହେଳା କରିଥିବା ଦର୍ଶାଇ ତାଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

## ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ହରଭଙ୍ଗା,୩୦।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ସିଙ୍ଗାଣିବିଡା ଗାଁ ନିକଟ ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ତିଲେଶ୍ୱର ପଞ୍ଚାୟତ ବାଦିକଟା ଗ୍ରାମର ଅର୍ଜ୍ଜୁନ ପାତ୍ର(୩୫) । ଗୁରୁବାର ରାତିରେ ତାଙ୍କୁ କେହି ହତ୍ୟା କରି ରାସ୍ତା କଡରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରେମ ସମ୍ପର୍କକୁ ନେଇ ଏହି କାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି । ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି ।

## ମହାନଦୀରୁ ବିରଳ ମାଛ ଉଦ୍ଧାର



ଉଦ୍ଧାର ହୋଇଥିବା ମାଛ ।

ହରଭଙ୍ଗା,୩୦।୧୦(ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଙ୍କୁଲେଇ ପଞ୍ଚାୟତ ଅନ୍ତର୍ଗତ ପାଣିଘରା ଗ୍ରାମର ମତ୍ସ୍ୟଜୀବୀମାନେ ଗୁରୁବାର ଏକ ବିରଳ ମାଛ ମହାନଦୀରୁ ଉଦ୍ଧାର କରିଛନ୍ତି। ଏହାର ଓଜନ ପ୍ରାୟ ୧ କେ.ଜି ହେବ। ମାଛଟିର ଦେହରେ କଳା ଓ ଧଳା ରଙ୍ଗର ଦାଗ ରହିଛି। ସେହିପରି ତଳ ପଟେ ମୁହଁ ରହିଛି। ବିରଳ ମାଛ ଉଦ୍ଧାର ହେବା ଘଟଣା ପ୍ରଘଟ ହେବା ପରେ ମାଛକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ ଜମିବାରେ ଲାଗିଛି।

# ଭିଜିଲାନ୍ସ ସଚେତନତା ସପ୍ତାହରେ ଶପଥ ପାଠ




ସମବାୟ ବ୍ୟାଙ୍କ କର୍ମଚାରୀମାନେ ସମୂହ ଶପଥ ପାଠ କରୁଛନ୍ତି।

ସୁନ୍ଦରଗଡ, ୩୦।୧୦ (ଡି.ଏନ.ଏ)

ଭିଜିଲାନ୍ସ ସଚେତନତା ସପ୍ତାହ ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ଦାସ ଯୋଗଦେଇ କର୍ମଚାରୀମାନଙ୍କୁ ସମୂହ ଶପଥ ପାଠ କରାଇଥିଲେ ଏବଂ ସରକାରଙ୍କ ଦୁର୍ନୀତି ନିବାରଣ ମିଶନର ଏକ ଅଂଶ ହେବା ପାଇଁ ଆହ୍ୱାନ ଜଣାଇଥିଲେ । ସେହିପରି ସୁନ୍ଦରଗଡ଼ ଜିଲାରେ ଥିବା ବ୍ୟାଙ୍କର ଅନ୍ୟ ସମସ୍ତ ଶାଖା କାର୍ଯ୍ୟାଳୟରେ ମଧ୍ୟ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଉଛି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଅତିରିକ୍ତ ଜିଲାପାଳ

ବିନ୍ନିକା,୩୦।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଶୁକ୍ରବାର ବିନ୍ନିକା ବ୍ଲକ ଗସ୍ତ କରିଥିଲେ । ଏହି ସୂଚନା ପାଇବା ପରେ ବିନ୍ନିକା ଏନ୍‌ଏସି ଏବଂ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇ ପଡିଥିଲା। ଅତିରିକ୍ତ ଜିଲାପାଳ ଦାଶ ପ୍ରଥମେ ବିନ୍ନିକା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲ ଅଫିସର ବିଭିନ୍ନ କାର୍ଯ୍ୟର ସମୀକ୍ଷା ତହସିଲଦାରଙ୍କ ଉପସ୍ଥିତିରେ କରିଥିଲେ । ପରେ ବିନ୍ନିକା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଇକ ଏବଂ ତହସିଲଦାର ଅଲେଖ ଘୁଟାଙ୍କ ସହ ବିନ୍ନିକା ସିଦ୍ଧାର୍ଥ କଲେଜ ନିକଟରେ ଥିବା ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଅତିରିକ୍ତ ଜିଲାପାଳ ବିନ୍ନିକା ଏନ୍‌ଏସି ଓ ତହସିଲର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

# ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ବୌଦ୍ଧ,୩୦।୧୦(ସ୍ୱ.ପ୍ର.)

- ଯୁବ ବ୍ୟବସାୟୀ ରାଜା ହତ୍ୟା ମାମଲା
- ଘଟଣାସ୍ଥଳରୁ ଅଧାପୋଡା ହାଡ, ମାଂସ ପିଣ୍ଡୁଳା ଉଦ୍ଧାର

ବୌଦ୍ଧ ସହରର ପୋଡାପୋଡାର ଯୁବ ମୋବାଇଲ ବ୍ୟବସାୟୀ ପ୍ରମୋଦ ପ୍ରସାଦ(ରାଜା) ହତ୍ୟା ଘଟଣାରେ ଗୁରୁବାର ଦୁଇ ଅଭିଯୁକ୍ତ ମିଳନ ପାତ୍ର ଓ ଅଭିଷେକ ସାହାଣୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ ଶୁକ୍ରବାର ଫୁଲବାଣୀରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ହତ୍ୟାକାଣ୍ଡସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ରାଜାଙ୍କ ମୃତଦେହ ପୋଡା ଯାଇଥିବା ସ୍ଥାନରୁ ଏକ ଅଧାପୋଡା ହାଡ ଓ ମାଂସ ପିଣ୍ଡୁଳା ଉଦ୍ଧାର କରାଯାଇଛି । ସାଇଣ୍ଟିଫିକ୍ ଟିମ୍ ବୌଦ୍ଧରେ ସିଲ କରି ରଖାଯାଇଥିବା ଜିମ୍‌କୁ ଯାଇଥିଲେ । ମୁଖ୍ୟ ଅଭିଯୁକ୍ତ ମିଳନଙ୍କ ଦ୍ୱାରା ପରିଚାଳିତ ଏହି ଜିମ୍ ଭିତରୁ ବହୁ ତଥ୍ୟ ସାଇଣ୍ଟିଫିକ ଟିମ୍ ପାଇ ପାରିଥିବା ଜଣାଯାଇଛି । ଜିମ୍ ଭିତରୁ ରକ୍ତର ଦାଗ ମିଳିବା ପରେ ରାଜାଙ୍କୁ ଏହାର ଛାତ ଉପରେ ନୁହେଁ, ଜିମ୍ ଭିତରେ ହିଁ ହତ୍ୟା କରାଯାଇ ଜରିରେ ମୃତଦେହ ବାନ୍ଧି ମହାନଦୀ ନିକଟକୁ ଫିଙ୍ଗା ଯାଇଥିବା ସନ୍ଦେହ କରାଯାଉଛି । ପରବର୍ତ୍ତୀ ସମୟରେ ମୃତଦେହକୁ ଯେଉଁଠାରେ ପୋଡା ଯାଇଥିଲା ସେଠାରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଉପସ୍ଥିତିରେ ଖୋଳା ଯାଇଥିଲା। ଉକ୍ତ ସ୍ଥାନକୁ ଖୋଳାଯିବା ପରେ ଅଧାପୋଡା ହାଡ ଓ ମାଂସ ପିଣ୍ଡୁଳା ଉଦ୍ଧାର ହୋଇଥିଲା । ଏହାକୁ ପୋଲିସ ପକ୍ଷରୁ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ବୁର୍ଲା ପଠାଯାଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି।

## ୬ଫୁଟ ଜୁଗାର ଆକର୍ଷଣର କେନ୍ଦ୍ରବିନ୍ଦୁ

ବିନ୍ନିକା,୩୦।୧୦(ଡି.ଏନ୍.ଏ.)

**ମା' ରାମଚଣ୍ଡୀଙ୍କ ବାର୍ଷିକ ପୂଜୋତ୍ସବ**

ସୁବର୍ଣ୍ଣପୁର ଜିଲା ବିନ୍ନିକା ବ୍ଲକ କୁହିବାହାଲ ଗାଁରେ ମା' ରାମଚଣ୍ଡୀଙ୍କ ବାର୍ଷିକ ପୂଜୋତ୍ସବ ଶୁକ୍ରବାର କୋଭିଡ୍ ନିୟମ ଅନୁଯାୟୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ପୂଜୋତ୍ସବରେ ବିନ୍ନିକା ଓ ଡୁଙ୍ଗୁରିପାଲି ବ୍ଲକର ୧୩ଟି ଗ୍ରାମରୁ ପ୍ରତିନିଧି ଭାବେ ଦୁଇଜଣ ଲେଖାଏଁ ସଦସ୍ୟ ସାମିଲ ହୋଇଥିଲେ । ଅନ୍ୟବର୍ଷ ଭଳି ଚଳିତବର୍ଷ ମଧ୍ୟ କୁହିବାହାଲ ଗ୍ରାମର ଡୋଲାମଣି ପଧାନଙ୍କ ଘରୁ ଏକ ୬ଫୁଟ ଉଚ୍ଚତା ବିଶିଷ୍ଟ ଖଇର ଜୁଗାର ବାହାରି ଘଣ୍ଟବାଦ୍ୟ ସହ ଗ୍ରାମ ପରିକ୍ରମା କରି ମାଆଙ୍କ ଉଦ୍ଦେଶ୍ୟରେ ମନ୍ଦିରକୁ ଯାଇଥିଲା । ପୂଜକ ଭାବରେ ପଧାନପାଲି ଗ୍ରାମର ରେଙ୍ଗଟୁ ଭୁଏ ଦେବୀଙ୍କ ପୂଜାର୍ଚ୍ଚନା ତୁଲାଇଥିଲେ । ବାର୍ଷିକ ପୂଜୋତ୍ସବର ମୁଖ୍ୟ ଆକର୍ଷଣ ସାଜିଥିଲା ୬ଫୁଟ ଉଚ୍ଚତା ବିଶିଷ୍ଟ ଜୁଗାର । ତେବେ ପୀଠର ସଭାପତି ଗୋପୀ ବିଶ୍ୱାଳଙ୍କ ସହ ଲେକୁରୁ ପଧାନ ,ଧନୁ ପଧାନ ,ଭିକାରୀ ବିଶ୍ୱାଳ, ନିର୍ମଳ ସା, ଡୁଲା ପଧାନ, ଗୋପୀନାଥ ସାହୁ, ସୁନୀଲ ସାହୁ ଓ ଲକ୍ଷ୍ମଣ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଗାଁରେ ଜୁଗାର ପରିକ୍ରମା ।

# ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଜରୁରୀ

ସୋନପୁର,୩୦।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ଏବଂ ଡାକଘର ମାଧ୍ୟମରେ ନିଜର ସଞ୍ଚୟକୁ ସୁରକ୍ଷିତ ରଖିବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରଥ ବାହାରିଥିଲା। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଟାଉନ ହଲ ପରିସରରେ ସବୁଜ ପତାକା ଦେଖାଇ ଏହି ଜନସଚେତନତା ରଥର ଶୁଭାରମ୍ଭ କରିଥିଲେ । ସୋନପୁର ତହସିଲଦାର ଅରବିନ୍ଦ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲାପାଳ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଜରୁରୀ । ଅନାବଶ୍ୟକ ଖର୍ଚ୍ଚକୁ ଯଥା ସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ଭାବେ ସଞ୍ଚୟ କଲେ ତାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଏହି ଦୃଷ୍ଟିରୁ ଡାକଘର ତଥା ବ୍ୟାଙ୍କ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ବହନ କରେ ବୋଲି କହିଥିଲେ । ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ଆଲୋଚନା କରିଥିଲେ । କିଛି ବର୍ଷ ପୂର୍ବରୁ ଜିଲାର ଜନସାଧାରଣ ଚିଟ୍‌ଫଣ୍ଡ ଭଳି ସଂସ୍ଥା ଗୁଡିକରେ ନିଜର କଷ୍ଟ ଉପାର୍ଜିତ ପୁଞ୍ଜି ବିନିଯୋଗ କରି ଠକାମିର ଶିକାର ହୋଇଛନ୍ତି । ତେଣୁ ଡାକଘରେ ବିଭିନ୍ନ ସରକାରୀ ଯୋଜନାରେ ସଞ୍ଚୟ କରି ନିଜ ପୁଞ୍ଜିର ସଠିକ୍ ବିନିଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଡାକଘର ସଞ୍ଚୟ ଏଜେଣ୍ଟ, ଜିଲା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।




ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଏଡିଏମ୍ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

## ରିଲାଏନ୍ସ ଜିଓ ନିଟ୍ ଲାଭ ୩ ଗୁଣ ବୃଦ୍ଧି

ଦେଶର ପ୍ରମୁଖ ଟେଲିକମ୍ ସେବା ଯୋଗାଣକାରୀ କମ୍ପାନୀ ରିଲାଏନ୍ସ ଜିଓର ନିଟ୍ ଲାଭ ୩ ଗୁଣ ବଢ଼ିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ନିଟ୍ ଲାଭ ୨,୮୪୪ କୋଟି ଟଙ୍କାକୁ ବଢ଼ିଛି। ଗତ ବର୍ଷ ସମାନ ସମୟରେ କମ୍ପାନୀ ୯୯୦ କୋଟି ଟଙ୍କା ନିଟ୍ ଲାଭ ହାସଲ କରିଥିଲା। ଜିଓର ପରିଚାଳନାଗତ ରାଜସ୍ୱ ୩୩% ବଢ଼ି ୧୭୪୮୧ କୋଟି ଟଙ୍କା ରହିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୧୩,୧୩୦ କୋଟି ଟଙ୍କା ରହିଥିଲା। ଅପରପକ୍ଷରେ ଦ୍ୱିତୀୟ ତ୍ରୈମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ରାଜସ୍ୱ ୨୭.୨% ବୃଦ୍ଧି ଘଟି ୧.୨୮ ଲକ୍ଷ କୋଟି ଟଙ୍କା ଛୁଇଁଛି।

**ସଂକ୍ଷେପରେ**

### ଷ୍ଟାଣ୍ଡଅପ୍‌ରେ ସିଡ୍‌ବିର ୯୬ ହଜାର କୋଟି ଋଣ ମଞ୍ଜୁର

**ନୂଆଦିଲ୍ଲୀ,୩୦।୧୦:** କେନ୍ଦ୍ର ସରକାରଙ୍କ ଷ୍ଟାଣ୍ଡ ଅପ୍ ଯୋଜନାରେ ସ୍ମଲ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ (ସିଡ୍‌ବି) ପକ୍ଷରୁ ୯୬ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବ୍ୟାଙ୍କ ଏହାର ଷ୍ଟାର୍ଟ ଅପ୍ ମିତ୍ର ପୋର୍ଟାଲ ସହାୟତାରେ ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ଏହି ଋଣ ଯୋଗାଇଦେବା ଲାଗି ବ୍ୟବସ୍ଥା କରିଛି। ଦେଶର ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ଶସକ୍ତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ସିଡ୍‌ବିର ଉପପରିଚାଳନା ନିର୍ଦ୍ଦେଶକ ଭି.ସତ୍ୟ ଭେଙ୍କଟରାଓ ସୂଚନା ଦେଇଛନ୍ତି। ଷ୍ଟାଣ୍ଡ ଅପ୍ ଯୋଜନାରେ ସାରା ଦେଶରୁ ପ୍ରାୟ ୧ ଲକ୍ଷ ଉଦ୍ୟୋଗୀ ନୂଆ ଉଦ୍ୟୋଗ ସ୍ଥାପନ କରିବାକୁ ଆଗେଇ ଆସିଛନ୍ତି। ଷ୍ଟାଣ୍ଡ ଅପ୍ ଯୋଜନାକୁ ଆଗେଇନେବା ଲାଗି ସିଡ୍‌ବି ଦଳିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ମିଳିତ ହୋଇ କାମ କରୁଛି।

### ପିଏନ୍‌ବି ପକ୍ଷରୁ ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର,୩୦।୧୦:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ' କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ପାଳନ କରାଯାଉଛି। ଚଳିତ ବର୍ଷ ୨୭ ଅକ୍ଟୋବରରୁ ୨ନଭେମ୍ବର ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନୀ କୁମାର ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସତ୍ୟ ନିଷ୍ଠାର ପ୍ରତିଜ୍ଞା କରାଇ ଏହି ସପ୍ତାହର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷର ଶୀର୍ଷକ 'ସତର୍କ ଭାରତ ସମୃଦ୍ଧ ଭାରତ' ଥିମ୍ ଉପରେ ଏହି ସପ୍ତାହ ପାଳନ କରାଯାଉଛି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

# ମାନୁଫାକ୍ଚରିଂ ପାଇଁ ଆସିବ ନୂଆ ଯୋଜନା

**ନୂଆଦିଲ୍ଲୀ,୩୦।୧୦**

କରୋନା ମହାମାରୀ ଲାଗି ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ଦେଇ ଗତି କରୁଛି। ବଜାରର ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ସ୍ଥିତିରେ ରହିଛି। କ୍ଷତିଗ୍ରସ୍ତ ମାନୁଫାକ୍ଚରିଂ କ୍ଷେତ୍ରର ଅଭିବୃଦ୍ଧି ଲାଗି ସରକାର ନୂଆ ଯୋଜନା ଆଣିବେ ବୋଲି ଜଣାପଡ଼ିଛି। ମାନୁଫାକ୍ଚରିଂ କାର୍ଯ୍ୟକଳାପ ବଢ଼ାଇବା ଲାଗି କମ୍ପାନୀଗୁଡ଼ିକୁ ସରକାର ଉତ୍ସାହିତ କରିବେ। ଏଥିଲାଗି କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନେଇ ଯୋଜନା କରାଯାଉଛି। ଜଣେ ସରକାର ଅଧିକାରୀ ଶୁକ୍ରବାର କହିଛନ୍ତି, ଏଭଳି ପଦକ୍ଷେପ ଦ୍ୱାରା ନିବେଶକଙ୍କୁ ଆକୃଷ୍ଟ କରିବା ସହାୟକ ହେବ। ଅପରପକ୍ଷରେ କରୋନା ମହାମାରୀ ଦ୍ୱାରା ପ୍ରଭାବିତ ଅର୍ଥ ବ୍ୟବସ୍ଥାକୁ ପୁଣି ଥରେ ଟ୍ରାକ୍‌କୁ ଆଣିବାରେ ଏହା ଯୋଗଦାନ ରଖିପାରିବ।



ଶିଳ୍ପ କ୍ଷେତ୍ରକୁ ଆଗକୁ ବଢ଼ାଇବା ଏବଂ ଦେଶ ମଧ୍ୟରୁ ରପ୍ତାନି ବୃଦ୍ଧି ଦିଗରେ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଏହି ଦିଗରେ ସରକାର ଇଲେକ୍‌ଟ୍ରୋନିକ୍ସ, ମେଡିକାଲ ଡିଭାଇସ୍, ଫାର୍ମାସିଟିକାଲ ଉତ୍ପାଦ ମାନୁଫାକଚରିଂକୁ ଉତ୍ସାହିତ କରିବା ଲାଗି ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ (ପିଏଲ୍‌ଆଇ) ବ୍ୟବସ୍ଥା ଶୁଭାରମ୍ଭ କରିଥିଲେ। ଏହାବାଦ ସରକାର ଘରୋଇ ବଜାର ଶିଳ୍ପ କ୍ଷେତ୍ରର ସ୍ୱାର୍ଥ ରକ୍ଷା ଲାଗି ଚାଇନାରୁ ଆସୁଥିବା ପ୍ରଡକ୍ଟ ଉପରେ ପ୍ରତିବନ୍ଧକ ଲଗାଇଥିଲେ।

ସୂଚନାଯୋଗ୍ୟ, ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ବ୍ୟବସ୍ଥାରେ କମ୍ପାନୀଗୁଡ଼ିକ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ନଗଦ ଅର୍ଥ ପ୍ରୋତ୍ସାହନ ରାଶି ହିସାବରେ ସରକାର ପ୍ରଦାନ କରିବେ। ରପ୍ତାନି ଏବଂ ରୋଜଗାର ବୃଦ୍ଧି କରୁଥିବା କ୍ଷେତ୍ରଗୁଡ଼ିକୁ ଏହାଦ୍ୱାରା ଚୟନ କରାଯିବ। ଆତ୍ମନିର୍ଭର ଭାରତ ଅଭିଯାନକୁ ଆହୁରି ଦୃଢ଼ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି।

**ଶୀଘ୍ର ଆସିପାରେ କ୍ୟାବିନେଟ ନିଷ୍ପତ୍ତି**

ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, କେନ୍ଦ୍ର କ୍ୟାବିନେଟ ଏ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର କରିବ। ଅନ୍ୟ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହନ ରାଶି ପ୍ରଦାନ କ୍ଷେତ୍ରରେ କ୍ୟାବିନେଟ ଶୀଘ୍ର ନିଷ୍ପତ୍ତି ନେଇପାରେ। କେଉଁ କ୍ଷେତ୍ର ଏହାର ପରିସରରେ ଆସିବେ ଏବଂ କେଉଁ ପ୍ରସଙ୍ଗ ବିଚାରରେ ପ୍ରୋତ୍ସାହନ ରାଶି ମିଳିବ ସେ ନେଇ କୁମାର ସ୍ପଷ୍ଟ କରି ନ ଥିବା ଜଣାପଡ଼ିଛି।

## ଆଇଫୋନ୍-୧୨ ର ବଜାର ପ୍ରବେଶ




**ଭୁବନେଶ୍ୱର,୩୦।୧୦**

ପାର୍ବଣ ଅବସରରେ ଗ୍ରାହକଙ୍କ ଚାହିଦା ପୂରଣ ସହ ବଜାରରେ ଏକ ସ୍ୱତନ୍ତ୍ରତା ସୃଷ୍ଟି କରିବା ଲକ୍ଷ୍ୟରେ ଆପଲ ଆଇଫୋନ୍‌ର ବିଭିନ୍ନ ମଡେଲ ବଜାର ପ୍ରବେଶ କରାଯାଇଛି। ସ୍ଥାନୀୟ ଶହୀଦନଗର ସ୍ଥିତ 'ଏସ୍‌ଏ ଆଇଟି ଗେଟ୍‌ୱେ' ପକ୍ଷରୁ ଲକ୍ଷ୍ମୀପୂଜା ଅବସରରେ ଆଇଫୋନ୍-୧୨ ଏବଂ ଆଇଫୋନ୍-୧୨ ପ୍ରୋର ଶୁଭାରମ୍ଭ ହୋଇଛି। ଆଇଫୋନର ଏରିଆ ସେଲ୍‌ସ ମ୍ୟାନେଜର ପୀୟୂଷ କୁମାର ଫୋନର ବିଭିନ୍ନ ଫିଚର ଓ ଅନ୍ୟାନ୍ୟ ସୂଚନା ଦେଇଥିଲେ। ଗ୍ରାହକଙ୍କୁ ସଂସ୍ଥା ପକ୍ଷରୁ ସବୁ ପ୍ରକାର ସୁବିଧା ଓ ସହଯୋଗ ଯୋଗାଇ ଦିଆଯିବ ଏସ୍‌ଏ ଇନ୍‌ଫୋସିସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ପୋଦ୍ଦାର ସୂଚନା ଦେଇଛନ୍ତି। ପାର୍ବଣ ସ୍ୱତନ୍ତ୍ର ଅଫର ସହିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ ଓ ଡେବିଟ କାର୍ଡ ବ୍ୟବହାର ଉପରେ ୫୦୦୦ ଟଙ୍କାର କ୍ୟାଶ୍‌ବ୍ୟାକ ସୁବିଧା ପ୍ରଦାନ କରାଯାଉଛି। ସଞ୍ଜୀବ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭୁବନେଶ୍ୱର ବଜାରରେ ଏହି ୨ଟି ନୂତନ ମଡେଲର ମୂଲ୍ୟ ଯଥାକ୍ରମେ ୧,୧୯,୯୦୦ ଏବଂ ୧,୨୯,୯୦୦ ଟଙ୍କା ରହିଥିବା ସୂଚନା ରହିଛି।

## ପଞ୍ଚଦଶ ଅର୍ଥ ଆୟୋଗ ରିପୋର୍ଟ ପ୍ରସ୍ତୁତ

**ନୂଆଦିଲ୍ଲୀ,୩୦।୧୦**

ପଞ୍ଚଦଶ ଅର୍ଥ ଆୟୋଗ ଏହାର ରିପୋର୍ଟ ପ୍ରସ୍ତୁତ କରି ସାରିଛି। ନଭେମ୍ବର ୯ରେ ଏହି ରିପୋର୍ଟକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଦାନ କରାଯିବ। ଆର୍ଥିକ ବର୍ଷ ୨୦୨୧-୨୨ ଠାରୁ ୨୦୨୫-୨୬ ଲାଗି ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଅର୍ଥ ଆୟୋଗଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ରିପୋର୍ଟ ପ୍ରଦାନ କରିବା ଲାଗି ଆୟୋଗ ରାଷ୍ଟ୍ରପତି ଭବନଠାରୁ ଅଧିକ ସମୟ ଲୋଡ଼ିଥିଲା। ରାଷ୍ଟ୍ରପତି ଭବନ ନଭେମ୍ବର ୯ତାରିଖରେ ମହଲତ ପ୍ରଦାନ କରିଥିଲା। ରାଷ୍ଟ୍ରପତିଙ୍କ ବାଦ ଆଗାମୀ ମାସରେ ଏହି ରିପୋର୍ଟର ଅନ୍ୟ ଏକ କପିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯିବ। ୫ ଆର୍ଥିକ ବର୍ଷ ଲାଗି ଏଥିରେ ବିଭିନ୍ନ ପ୍ରସ୍ତାବ

**ନଭେମ୍ବର ୯ରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ**

ରଖାଯାଇଛି। ଏହି ରିପୋର୍ଟକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ଉପସ୍ଥାପନ କରିବେ। ଏହାପରେ ରିପୋର୍ଟରେ ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ସରକାର କାମ କରିବେ। ଉକ୍ତ ରିପୋର୍ଟ ପ୍ରସ୍ତୁତ କରିବା ଲାଗି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବାଦ ସ୍ଥାନୀୟ ସରକାରୀ ସ୍ତରରେ କାମ କରିଥିବା ବିଶେଷଜ୍ଞ, ପୂର୍ବତନ ଅର୍ଥ ଆୟୋଗ ଅଧ୍ୟକ୍ଷ, ଅର୍ଥ ଆୟୋଗର ପରାମର୍ଶଦାତା ପରିଷଦ ଏବଂ ଆର୍ଥିକ କ୍ଷେତ୍ର ସହ ଜଡ଼ିତ ବିଶେଷଜ୍ଞଙ୍କର ପରାମର୍ଶ ଗ୍ରହଣ କରାଯାଇଛି। ରିପୋର୍ଟକୁ ଏନ୍.କେ.ସିଂଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ କରାଯାଇଛି।

### ଇଣ୍ଡିଆନ ଅଏଲର କମନ ଇଣ୍ଡେନ ରିଫିଲ ବୁକିଂ ନମ୍ବର

**ଭୁବନେଶ୍ୱର,୩୦।୧୦:** ଇଣ୍ଡିଆନ ଅଏଲ ପକ୍ଷରୁ ସାରା ଦେଶରେ ଏକ କମନ ଇଣ୍ଡେନ ରିଫିଲ ବୁକିଂ ନମ୍ବର ଜରିଆରେ ସେବା ଆରମ୍ଭ କରିବାକୁ ଯାଉଛି। ବର୍ତ୍ତମାନ ସାରା ଦେଶର ଗ୍ରାହକ ଏକକ କମନ ଇଣ୍ଡେନ ରିଫିଲ ବୁକିଂ ନମ୍ବର ମାଧ୍ୟମରେ ସେବା ପାଇପାରିବେ। କମ୍ପାନୀ ପକ୍ଷରୁ ସାରା ଦେଶରେ କମନ ବୁକିଂ ନମ୍ବର ୭୭୧୮୯୫୫୫୫୫'ର ଉନ୍ମୋଚନ କରାଯାଇଛି। ଏହି ନମ୍ବର ୨୪/୭ ଉପଭୋକ୍ତାଙ୍କ ସେବାରେ ଉପଲବ୍ଧ ହେବ। ଏଲ୍‌ପିଜି ରିଫିଲ ବୁକିଂ ପାଇଁ ଏହି କମନ ନମ୍ବର ଜରିଆରେ ଉପଭୋକ୍ତାଙ୍କୁ (ଏସ୍‌ଏମ୍‌ଏସ୍ ଓ ଆଇଭିଆର୍‌ଏସ୍) ସୁବିଧା ବୃଦ୍ଧି ଓ ଇଜ ଅଫ ବୁକିଂ ଇଣ୍ଡେନ ଏଲ୍‌ପିଜି ରିଫିଲସ ପାଇଁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

## ଗୋଦ୍‌ରେଜ ଇଣ୍ଟେରିଓର ନୂଆ ପ୍ରଡକ୍ଟ

**ଭୁବନେଶ୍ୱର,୩୦।୧୦**

Godrej interio

ଗୋଦ୍‌ରେଜ ଇଣ୍ଟେରିଓ ପକ୍ଷରୁ ପାର୍ବଣ ଉପଲକ୍ଷେ ନୂଆ ରେଞ୍ଜର ପ୍ରଡକ୍ଟ

**ପାର୍ବଣ ପାଇଁ ଆକର୍ଷଣୀୟ ଅଫର**

ବଜାରକୁ ଆସିଛି। ଏହା ସହ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବବିନ ରେଞ୍ଜ ଅଫ ସୋଫା ଏବଂ ଗ୍ରେଡିଏଣ୍ଟ ରେଞ୍ଜ ଅଫ୍ ସୋଫା କମ୍ପାନୀ ନୂଆ କରି ଆଣିଛି। ସେହିଭଳି ବେଡ୍‌ରୁମ୍ ବର୍ଗରେ ଆପେକ୍ସ ବେଡ୍‌ରୁମ୍ ସେଟ୍ ଏବଂ ଗ୍ରୋଭ ବେଡ୍‌ରୁମ୍ ସେଟ୍ ଗ୍ରାହକ ପାଇପାରିବେ। ଗୋଦ୍‌ରେଜ ଏହାର ସୁଲଭ ଅଫରିଂ ମଧ୍ୟରେ ଲିଭିଂ ରୁମ ଏବଂ ବେଡରୁମ ସଲ୍ୟୁଶନର ବିଭିନ୍ନ ଉତ୍ପାଦ ଶୃଙ୍ଖଳା ଯୋଡ଼ିବାକୁ ଯୋଜନା ରଖିଛି। ପାର୍ବଣରେ ଓଡ଼ିଶାରେ ଗ୍ରାହକଙ୍କ ଚାହିଦା ପୂରଣ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରଡକ୍ଟଗୁଡ଼ିକରେ ଗୁଣବତ୍ତା, କାର୍ଯ୍ୟକ୍ଷମତା, ଡିଜାଇନ, ସୁଲଭତା ଏବଂ ୱାରେଣ୍ଟି ରହିଛି। ଲିଭିଂ ସ୍ପେଶରେ ଉନ୍ନତି ଲାଗି ବବିନ ଏବଂ ଗ୍ରେଡିଏଣ୍ଟ ରେଞ୍ଜକୁ ଯୋଡ଼ାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ୩,୨ ଏବଂ ୧ ସିଟର କନଫିଗୁରେଶନରେ ଆସିଛି। ଏହା ୨ କଲର ବିକଳ୍ପ ସହ ଆସିଛି। ଗ୍ରାହକଙ୍କ ଲାଇଫ ଷ୍ଟାଇଲ ଅପ୍‌ଗ୍ରେଡେଶନ ଲାଗି ଆପେକ୍ସ ଏବଂ ଗ୍ରୋଭ ସେଟ୍ ରେଞ୍ଜ ଡିଜାଇନ କରାଯାଇଛି। ଏହା ଉଭୟ କିଙ୍ଗ ଏବଂ କୁଇନ ସାଇଜରେ ଆସିଛି। ଏଥିରେ ଉନ୍ନତ ଷ୍ଟୋରେଜ ସୁବିଧା ମଧ୍ୟ ରହିଛି। ୩ ସିଟର ସୋଫା ୨୦ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ୩୦ ହଜାର ଟଙ୍କାରୁ ବେଡ୍ ରେଞ୍ଜ ଆରମ୍ଭ ହେଉଛି। ପାର୍ବଣ ଉପଲକ୍ଷେ ଗ୍ରାହକଙ୍କ ଲାଗି ଫର୍ନିଚର ଏବଂ କିଚେନ ଫର୍ନିଚର ଉପରେ ୨୫% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

**ଖେଳ ଖବର**

# ପ୍ଲେ-ଅଫ୍ ଲକ୍ଷ୍ୟରେ ବାଙ୍ଗାଲୋର

**ଶାରଜା,୩୦।୧୦(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୨ତମ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଓ ଡେଭିଡ୍ ୱାର୍ନରଙ୍କ ନେତୃତ୍ୱାଧୀନ ସନ ରାଇଜର୍ସ ହାଇଦ୍ରାବାଦ୍ ମୁହାଁମୁହିଁ ହେବେ। ଶନିବାର ସ୍ଥାନୀୟ ଶାରଜା କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇ ବାଙ୍ଗାଲୋର ପ୍ଲେ- ଅଫ୍ ସ୍ଥାନ ହାସଲ ଲକ୍ଷ୍ୟରେ ରହିଛି। ବାଙ୍ଗାଲୋର ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୭ ବିଜୟ ୫ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇ ବାଙ୍ଗାଲୋର ତା'ର ପ୍ରଶଂସକଙ୍କୁ ନିରାଶ କରିଛି। ଅନ୍ୟପଟେ ହାଇଦ୍ରାବାଦ୍ ଦମ୍‌ଦାର ପ୍ରଦର୍ଶନ କରି ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇବା ପରେ ଆତ୍ମବିଶ୍ୱାସ ଦୃଢ଼ କରିଛି। ବାକିଥିବା ୨ଟି ମ୍ୟାଚ୍‌ରୁ ଗୋଟିଏରେ ବିଜୟୀ ହେଲେ ବାଙ୍ଗାଲୋର ପ୍ଲେ- ଅଫ୍‌ରେ ସ୍ଥାନ ହାସଲ କରିବ।

ପ୍ଲେ- ଅଫ୍ ଦୌଡ଼ରୁ ଏକମାତ୍ର ଦଳ ଭାବେ ଚେନ୍ନାଇ ସୁପର କିଙ୍ଗ୍ସ ବାଦ୍ ପଡ଼ିଛି। ତେବେ ଗତ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସକୁ ହରାଇ ଚେନ୍ନାଇ ପ୍ଲେ- ଅଫ୍ ରେସ୍‌କୁ ଆହୁରି ରୋମାଞ୍ଚିତ କରିଛି। ବାଙ୍ଗାଲୋର ବାକି ଦୁଇଟି ମ୍ୟାଚ୍‌ରେ ପରାସ୍ତ ହେଲେ ମଧ୍ୟ କ୍ୱାଲିଫାଏ କରିପାରିବ। ତେବେ ସେଥିପାଇଁ ତାକୁ ଅନ୍ୟ ମ୍ୟାଚ୍‌ଗୁଡ଼ିକର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ। ଅବଶ୍ୟ ଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଥିବାରୁ ଆରସିବିର ନେଟ୍ ରନ ରେଟ୍ (ଏନ୍‌ଆର୍‌ଆର୍) ପ୍ରଭାବିତ ହୋଇଛି।

ଅପରପକ୍ଷରେ ହାଇଦ୍ରାବାଦ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୫ ବିଜୟ, ୭ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ତେଣୁ ପ୍ଲେ- ଅଫ୍ ଦୌଡ଼ରେ ସାମିଲ ରହିବା ପାଇଁ ହାଇଦ୍ରାବାଦ୍‌କୁ ବାକିଥିବା ଦୁଇଟି ମ୍ୟାଚ୍‌ରେ ଆରସିବି ଓ ମୁମ୍ବାଇକୁ ହରାଇବା ଅପରିହାର୍ଯ୍ୟ ହୋଇପଡ଼ିଛି। ଦୁଇଟି ମ୍ୟାଚ୍‌ରେ ବିଜୟୀ ହେବା ମଧ୍ୟ ଯଥେଷ୍ଟ ନୁହେଁ। ଆର୍‌ସିବି (୧୪ ପଏଣ୍ଟ) ଓ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ (୧୨ ପଏଣ୍ଟ) ମ୍ୟାଜିକ୍ ସଂଖ୍ୟା ୧୬ରେ ନ ପହଞ୍ଚିବା ଦରକାର। ଯଦି ଏହା ହୁଏ ଓ ୩ଟି ଯାକ ଦଳ ୧୪ ପଏଣ୍ଟରେ ସୀମିତ ରୁହନ୍ତି ତେବେ ଭଲ ଏନ୍‌ଆର୍‌ଆର୍ ସହିତ ହାଇଦ୍ରାବାଦ୍ ପ୍ଲେ- ଅଫ୍‌କୁ ଉଠିବ। ଆର୍‌ସିବି ତା'ର ଆତ୍ମବିଶ୍ୱାସ ଫେରିପାଇବା ଦରକାର। ବୋଲିଂ, ବ୍ୟାଟିଂରେ ଉଭୟ ଦଳରେ କିଛିଟା ତ୍ରୁଟି ରହିଛି। ତେବେ ଦଳଗତ ଭାବେ ଉଭୟ ଦଳ ଭଲ ପ୍ରଦର୍ଶନ କରିବାର କ୍ଷମତା ରଖୁଛନ୍ତି। ତେଣୁ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ନେଟ୍ସରେ ଦେବଦତ୍ତ ପଡ଼ିକାଲଙ୍କ ଅଭ୍ୟାସ।

**ଆଇପିଏଲ୍**
(ଶନିବାର ମ୍ୟାଚ୍)
**ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ:** ଦୁବାଇ, **ସମୟ:** ଅପରାହ୍ନ ୩ଟା ୩୦

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ**
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

## କାଭିନ୍ଦର, ସଞ୍ଜିତ୍ ଫାଇନାଲରେ

**ନୂଆଦିଲ୍ଲୀ, ୩୦।୧୦ (ପି.ଟି.)**

ଭାରତୀୟ ବକ୍ସର କାଭିନ୍ଦର ସିଂ ବିଷ୍ଟ (୫୭କେଜି) ଓ ସଞ୍ଜିତ (୯୧କେଜି) ଫ୍ରାନ୍ସର ନାଣ୍ଟିସ୍‌ଠାରେ ଚାଲିଥିବା ଆଲେକ୍ସିସ୍ ଭାଷ୍ଟିନେ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୪ଥର ଏସିଆନ୍ ପଦକ ବିଜେତା ଶିବ ଥାପ୍ପା (୬୩କେଜି) ତାଙ୍କ ସେମିଫାଇନାଲ ମୁକାବିଲାରେ ପରାଜିତ ହୋଇ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସେ ସ୍ଥାନୀୟ ଫେଭରାଇଟ୍ ଲୋନେସ୍ ହାମରାଇଙ୍କ ନିକଟରୁ ୨-୧ରେ ପରାଜିତ ହୋଇଛନ୍ତି। ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଏବଂ ପୂର୍ବତନ ବିଶ୍ୱଚାମ୍ପିୟନଶିପ୍ କ୍ୱାର୍ଟରଫାଇନାଲିଷ୍ଟ କାଭିନ୍ଦର ଫ୍ରାନ୍ସର ବେନିକ୍ ଜର୍ଜ ଭେଲକୁମିଆନଙ୍କ ବିପକ୍ଷ ଲଢ଼େଇ ୩-୦ରେ ସହଜ ବିଜୟ ଲାଭ କରିଛନ୍ତି। ସେ ଟାଇଟଲ ମୁକାବିଲାରେ ଅନ୍ୟ ଜଣେ ସ୍ଥାନୀୟ ଆଶାୟୀ ସାମୁଏଲ୍ କିସ୍ତୋହରିଙ୍କୁ ଭେଟିବେ। ଇଣ୍ଡିଆ ଓପନ୍ ସ୍ୱର୍ଣ୍ଣ ବିଜେତା ସଞ୍ଜିତ ଆମେରିକାର ଶେରଡ୍ ଫଲ୍‌ଗମ୍‌ଙ୍କୁ ୨-୧ରେ ହରାଇ ଦେଇଛନ୍ତି। ସଞ୍ଜିତ ମଧ୍ୟ ଫାଇନାଲରେ ଜଣେ ଫ୍ରେଞ୍ଚ ପ୍ରତିଦ୍ୱନ୍ଦ୍ୱୀ ସୋହେବ ବୋଆଫିଆଙ୍କ ସହ ମୁକାବିଲା କରିବେ। ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଅମିତ ପଙ୍ଘାଲ (୫୨କେଜି) ମଧ୍ୟ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହି ବିଭାଗରେ ହୋଇଥିବା ଡ୍ର'ରେ ମାତ୍ର ୪ ବକ୍ସର ଭାଗ ନେଇଥିଲେ। ମାର୍ଚ୍ଚରେ ଜୋର୍ଡାନରେ ଅଲିମ୍ପିକ କ୍ୱାଲିଫାୟର୍ସ ପରେ ଭାରତୀୟ ବକ୍ସରମାନେ ପ୍ରଥମ ଥର ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

## ଟାଇସନ-ଜୋନ୍ସ ପ୍ରଦର୍ଶନୀ ବାଉଟ୍

**ଲସଆଞ୍ଜେଲ୍ସ, ୩୦।୧୦ (ଏପି)**

ବକ୍ସିଂ ରିଙ୍ଗ୍‌କୁ ଫେରିବେ ମାଇକ୍ ଟାଇସନ ଓ ରୟ ଜୋନ୍ସ ଜୁନିୟର। ଦୁଇ ବକ୍ସରଙ୍କ ମଧ୍ୟରେ ଏହା ଏକ ପ୍ରଦର୍ଶନୀ ମୁକାବିଲା ହେବ। ଏଥିରେ ବକ୍ସିଂର ଉଚ୍ଚକୋଟୀର କୌଶଳ ଦେଖିବାକୁ ମିଳିବ। ଏହା ପ୍ରଦର୍ଶନୀ ବାଉଟ୍ ନୁହେଁ, ସେମାନେ ଏହାକୁ ଗମ୍ଭୀରତାର ସହ ନେଉଥିବା ୫୦ରୁ ଊର୍ଦ୍ଧ୍ୱ ବୟସର ବକ୍ସର ଦ୍ୱୟ କହିଛନ୍ତି। ନଭେମ୍ବର ୨୮ରେ ଲସ୍‌ଏଞ୍ଜେଲସ୍‌ର ଷ୍ଟାପଲ୍ସ ସେଣ୍ଟରଠାରେ ଏହି ଲଢ଼େଇର ଆୟୋଜନ କରାଯାଇଛି। ୫୪ ବର୍ଷୀୟ ଟାଇସନ ଏବଂ ୫୧ ବର୍ଷୀୟ ଜୋନ୍ସଙ୍କ ମଧ୍ୟରେ ୮ ରାଉଣ୍ଡ ବିଶିଷ୍ଟ ଇଭେଣ୍ଟ ଅନୁଷ୍ଠିତ ହେବ। କାଲିଫର୍ନିଆର ଆଥଲେଟିକ୍ କମିଶନଠାରୁ ଏଥିପାଇଁ ଅନୁମତି ନିଆଯାଇଛି। ୨୦୦୫ ଜୁନ୍‌ରେ ଟାଇସନଙ୍କ ଶେଷ ଅଫିସିଆଲ ବାଉଟ୍ ଥିଲା। ପୂର୍ବତନ ନିର୍ବିବାଦୀୟ ହେଭିୱେଟ୍ ଚାମ୍ପିୟନ ୧୯୯୬ରୁ ଏକ ଟାଇଟଲ ଧରି ରଖିପାରି ନାହାନ୍ତି।

## ପାକିସ୍ତାନ ୨୬ ରନରେ ବିଜୟୀ

**ରାୱଲପିଣ୍ଡି,୩୦।୧୦(ପି.ଟି.)**

ଜିମ୍ବାୱେ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ୨୬ ରନରେ ବିଜୟୀ ହୋଇଛି। ରାୱଲପିଣ୍ଡି କ୍ରିକେଟ

**ଟେଲର ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ଓଭରରେ ୮ ଉଇକେଟ ବିନିମୟରେ ୨୮୧ ରନ ସଂଗ୍ରହ କରିଥିଲା। ଜବାବରେ ଜିମ୍ବାୱେ ୪୯. ୪ ଓଭରରେ ୨୫୫ ରନ କରି ଅଲ୍ ଆଉଟ ହୋଇ ପରାଜୟ ବରଣ କରିଛି। ଏଥିସହ ପାକିସ୍ତାନ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଶତକୀୟ ପାଳି ଖେଳିଥିବା ଜିମ୍ବାୱେ ଉଇକେଟକିପର ବ୍ୟାଟ୍ସମ୍ୟାନ ବ୍ରେଣ୍ଡନ ଟେଲର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୮୨ ରନ ବିଜୟ ଲକ୍ଷ୍ୟର ପିଛା କରି ଜିମ୍ବାୱେ ଆରମ୍ଭରୁ କେତୋଟି ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ବ୍ରେଣ୍ଡନ ଟେଲର ୧୧୨ ରନର ଶତକୀୟ ପାଳି ଖେଳି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଚାମୁ ଚିଭାଭା ୧୩, କ୍ରେଗ୍ ଏରିଭିନ୍ ୪୧, ୱେସ୍‌ଲି ମାଧେଭେର ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ବୋଲିଂରେ ପାକିସ୍ତାନ ତରଫରୁ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦି ସର୍ବାଧିକ ୫, ଅଭିଜ୍ଞ ଦ୍ରୁତ ବୋଲର ୱାହାବ ରିୟାଜ ୪, ଇମାଦ ୱାସିମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




ଉଇକେଟ୍ ନେବା ପରେ ଶାହିନ ଆଫ୍ରିଦଙ୍କୁ ସାଥି ଖେଳାଳିଙ୍କ ବଧେଇ।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ତରଫରୁ ହାରିସ ସୋହେଲ ସର୍ବାଧିକ ୭୧, ଓପନର ଇମାମ ଉଲ ହକ ୫୮, ଇମାଦ ୱାସିମ ଅପରାଜିତ ୩୪, ଫହିମ ଆଶ୍ରଫ୍ ୨୩, ଅବିଦ ଅଲି ୨୧, ଅଧିନାୟକ ବାବର ଆଜମ ୧୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଜିମ୍ବାୱେ ତରଫରୁ ବ୍ଲେସିଂ ମୁଜାରବାନୀ ଓ ଟେଣ୍ଡାଇ ଚିସୋରୋ ୨ଟି ଲେଖାଏ, କାର୍ଲୋ ମୁମ୍ବା ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ ୫୦ ଓଭରରେ ୨୮୧/୮**
(ହାରିସ ସୋହେଲ-୭୧, ଇମାମ-୫୮, ଇମାଦ ୱାସିମ- ୩୪*, ମୁଜାରବାନୀ-୨/୩୯, ଚିସୋରୋ-୨/୩୧)

**ଜିମ୍ବାୱେ ୪୯.୪ ଓଭରରେ ୨୫୫ ଅଲଆଉଟ୍**
(ବ୍ରେଣ୍ଡନ ଟେଲର-୧୧୨, ୱେସ୍‌ଲି ମାଧଭେର-୫୫, କ୍ରେଗ୍ ଏରଭିନ୍-୪୧, ଶାହିନ ଆଫ୍ରିଦି-୫/୪୯, ୱାହାବ ରିୟାଜ-୪/ ୪୧)।


ଯଦି ଉଚିତ ବର ମିଳିବେନି, ତେବେ ଜୀବନରେ ବାହା ହେବିନି। ପୋଷ୍ୟଭାବେ ଗୋଟିଏ ଝିଅକୁ ଗ୍ରହଣ କରି ତା'ର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବି।
-ଜସ୍ମିନ୍ ଭାସିନ୍, ଅଭିନେତ୍ରୀ



# ସର୍ବବୃହତ୍ ପକ୍ଷୀର ରହସ୍ୟ ଉନ୍ମୋଚିତ

**ବୈଜ୍ଞାନିମାନେ ଡାଇନୋସର ଯୁଗ ପରବର୍ତ୍ତୀ ସମୟର ଏକ ପକ୍ଷୀ ଜୀବାଶ୍ମ ଠାବ କରିଛନ୍ତି। ଅଦ୍ୟାବଧି ମିଳିଥିବା ପକ୍ଷୀଙ୍କ ଜୀବାଶ୍ମ ଭିତରୁ ଏହା ସବୁଠାରୁ ବଡ଼ ବୋଲି ଅନୁମାନ କରାଯାଉଛି। ଏହା ଉପରେ ଅଧିକ ଗବେଷଣା ଜାରି ରହିଛି, ଏଥିରୁ ପ୍ରାଗ୍‌-ଐତିହାସିକ ଯୁଗର ଜୀବନ ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉନ୍ମୋଚନ ହେବ ବୋଲି ଜୀବାଶ୍ମବିଜ୍ଞାନୀମାନେ ଆଶାବାଦୀ ଅଛନ୍ତି।**



ପାଖାପାଖି ୬ କୋଟି ବର୍ଷ ପୂର୍ବେ ନିଶ୍ଚିହ୍ନ ହୋଇଯାଇଥିଲା ଡାଇନୋସର ବଂଶ। ଏହାର ପରବର୍ତ୍ତୀ ସମୟରେ ପୃଥିବୀରେ ଆରମ୍ଭ ହୋଇଥିବା ବିଶାଳକାୟ ପକ୍ଷୀଙ୍କ ରାଜୁତି। ଏଭଳି ବିରାଟକାୟ ପକ୍ଷୀଙ୍କ ଜୀବନଶୈଳୀ, ଆହାର ଏବଂ ବିଲୁପ୍ତି ସମ୍ପର୍କରେ ଯଥେଷ୍ଟ ତଥ୍ୟ ନାହିଁ। ଉତ୍ଖନନ ବେଳେ ଠାବ ହେଉଥିବା ଜୀବାଶ୍ମରୁ ପୃଥିବୀରେ ଏକଦା ଏଭଳି ବଡ଼ ବଡ଼ ପକ୍ଷୀ ବାସ କରୁଥିଲେ ବୋଲି ଜଣାପଡୁଛି। ଅଶୀଦଶକରେ ଆଣ୍ଟାର୍କାଟିକା ଅଞ୍ଚଳରୁ ମିଳିଥିବା ଏଭଳି ଏକ ଜୀବାଶ୍ମରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି ବୈଜ୍ଞାନିକ। ସାଇଣ୍ଟିଫିକ୍ ରିପୋର୍ଟ ଜର୍ନାଲରେ ଏ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରକାଶିତ ହୋଇଛି।

ଜୀବାଶ୍ମ ଉପରେ ଗବେଷଣା କରୁଥିବା ବର୍କେଲେସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଜୀବାଶ୍ମ ଅଧ୍ୟୟନକାରୀଙ୍କ କହିବା କଥା, ମିଳିଥିବା ପକ୍ଷୀ ଜୀବାଶ୍ମରୁ ଏହାର ଉଚ୍ଚତା ୨୧ ଫୁଟ ବୋଲି ଜଣାପଡ଼ିଛି। ପେଲାଗୋରନିଥଡ୍‌ସ ପ୍ରଜାତିର ଏହି ପକ୍ଷୀ ୫ କୋଟି ବର୍ଷ ତଳେ ଦକ୍ଷିଣ ମହାସାଗର ଉପରେ ବିଚରଣ କରୁଥିଲେ। ଏହା ହେଉଛି ଇତିହାସର ସବୁଠାରୁ ଲମ୍ବା ପକ୍ଷୀ। ବୈଜ୍ଞାନିକମାନେ ଏ ସମ୍ପର୍କରେ ଅଧିକ ସ୍ପଷ୍ଟ କରି କହିଛନ୍ତି, ଏହି ବୃହଦାକାୟ ପକ୍ଷୀର ଦୁଇଧାଡ଼ି ମୁନିଆ ଦାନ୍ତ ଥିଲା। ଗୋଡ଼ ଏବଂ ଥଣ୍ଟ ସଂଲଗ୍ନ ଅଂଶ ବେଶ୍ ଶକ୍ତିଶାଳୀ ଥିଲା। ସ୍ୱଭାବରେ ଅତ୍ୟଧିକ ହିଂସ୍ର ଏହି ପକ୍ଷୀ ଲମ୍ବା ଥଣ୍ଟ ସହାୟତାରେ ବଡ଼ ବଡ଼ ମାଛ, ସ୍କୁଇଡ୍ ଭଳି ସାମୁଦ୍ରିକ ଜୀବଙ୍କୁ ଶିକାର କରିପାରୁଥିଲା। ୫ରୁ ୬ ମିଟର ଲମ୍ବା ଡେଣାରୁ ଏହି ପକ୍ଷୀ କେତେ ବିଶାଳ ତାହା ସହଜରେ ଅନୁମେୟ। ଦୀର୍ଘ ସମୟ ଉଡ଼ିବା ଏବଂ ମହାସାଗର ପାର୍ ହେବା ଲାଗି ଏହା ସହାୟକ ହେଉଥିଲା। ତେବେ ସମୟକ୍ରମେ ଏହି ପକ୍ଷୀର ଆକାରରେ ପରିବର୍ତ୍ତନ ଆସିଥିବା ବୈଜ୍ଞାନିକମାନେ କହିଛନ୍ତି।

ଜୀବାଶ୍ମ ଉପରେ ଗବେଷଣା କରୁଥିବା ପ୍ରଫେସର ପିଟର କ୍ଲୋଏସ୍ କୁହନ୍ତି, ଏହି ପ୍ରଜାତିର ପକ୍ଷୀ ପ୍ରାଗ୍‌ଐତିହାସିକ ପକ୍ଷୀଙ୍କ ଭିତରୁ ଗୋଟିଏ। ଅଦ୍ୟାବଧି ପୃଥିବୀର ବିଭିନ୍ନ ପ୍ରାନ୍ତରୁ ବହୁ ବିରାଟକାୟ ପକ୍ଷୀଙ୍କ ଜୀବାଶ୍ମ ଠାବ କରାଯାଇଛି। ହେଲେ ଏବେ ଯାଏ ଏପରି ବଡ଼ ଜୀବାଶ୍ମ ମିଳି ନ ଥିଲା। ପୃଥିବୀ ପୃଷ୍ଠରେ ଗ୍ରହାଣୁ ମାଡ଼ରେ ଡାଇନୋସର ବଂଶ ଲୋପ ପାଇଯାଇଥିଲା। ଏହାର ପରବର୍ତ୍ତୀ ସମୟରେ ଏପରି ବିଶାଳକାୟ ପକ୍ଷୀଙ୍କ ବିକାଶ ହୋଇଥିବା ପିଟର ସୂଚନା ଦେଇଛନ୍ତି।

## 'ୱାର୍କ ଫ୍ରମ୍ ହୋମ୍' ଅବସ୍ଥା

**ନୂଆଦିଲ୍ଲୀ:** କରୋନା ପାଇଁ ଅଧିକାଂଶ ଲୋକେ ଏବେ ବି ଘରେ ରହି କାମ କରୁଛନ୍ତି। ଘରେ ରହି କାମ କରିବାରେ କିନ୍ତୁ ଲୋକଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏମିତି କି ଘରେ ଅଧିକ ସମୟ କାମ କରିବା ଫଳରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସହିତ ଅନେକ ପ୍ରକାରର ଅସୁବିଧା ହେଉଛି। ତେବେ ୱାର୍କ ଫ୍ରମ୍ ହୋମ୍‌ର ଏଭଳି ଅବସ୍ଥାକୁ ଏବେ ଏକ ଚିତ୍ର ମାଧ୍ୟମରେ ଦେଖିବାକୁ ମିଳୁଛି ସୋସିଆଲ ମିଡିଆରେ।

'ୱାର୍କ ଫ୍ରମ୍ ହୋମ୍'ର ଅବସ୍ଥାକୁ ରୂପ ଦିଆଯାଇଥିବାର ଏକ ଅବସ୍ଥା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଏହି ଛବିରେ ଏକ ସ୍କେଲିଟନ୍ କମ୍ପ୍ୟୁଟର ଆଗରେ ବସିଥିବାର ଦେଖିବାକୁ ମିଳୁଛି। କମ୍ପ୍ୟୁଟର ସ୍କ୍ରିନରେ ଜୁମ୍ ମିଟିଂର ଏକ ଦୃଶ୍ୟ ରହିଛି ଏବଂ ଜୁମ୍ ମିଟିଂରେ ମଧ୍ୟ ସ୍କେଲିଟନ୍‌ମାନେ ହିଁ ଅଛନ୍ତି। ଅବଶ୍ୟ ୱାର୍କ ଫ୍ରମ୍ ହୋମ୍‌ର ଏହି ଅବସ୍ଥା ଜଣଙ୍କ ଘର ବାହାରେ ହିଁ ପ୍ରଦର୍ଶିତ କରାଯାଇଛି। ଅନ୍‌ଲାଇନ୍ କାମକୁ ଦେଖାଇବା ପାଇଁ କିଛି ଲୋକ ଅବଶ୍ୟ ମଜାରେ ଏଭଳି କରିଛନ୍ତି, କିନ୍ତୁ ଏହି ଦୃଶ୍ୟକୁ ଏବେ ଲୋକେ ବହୁତ ପସନ୍ଦ କରିଛନ୍ତି। ଇଣ୍ଟରନେଟ୍‌ରେ ପ୍ରଥମେ ଏଭଳି ଏକ ଦୃଶ୍ୟକୁ ଶେୟାର କରି କ୍ୟାପଶନ୍‌ରେ ଲେଖାଯାଇଛି ଟେରିଫାଇଙ୍ଗ୍ (ଭୟଭୀତ କରିବା)। ଏବେ ସମସ୍ତେ ଅନ୍‌ଲାଇନ୍ କଲ୍ ଉପରେ ନିର୍ଭରଶୀଳ ହୋଇଥିବା କଥାକୁ ବୁଝାଇବା ପାଇଁ ଏହି ଦୃଶ୍ୟକୁ ମଜାରେ ହିଁ କରାଯାଇଛି। ମାତ୍ର ଏହାକୁ ସୋସିଆଲ ମିଡିଆରେ ଶେୟାର କରିବାର ମାତ୍ର ତିନି ଦିନ ପରେ ଏହାକୁ ଏକ ଲକ୍ଷରୁ ଅଧିକ ଲୋକ ପସନ୍ଦ କରି ସାରିଲେଣି। ଅଧିକାଂଶ ଲୋକ ଏହି ଚିତ୍ରଟିକୁ ଦେଖି ସେ ସମୟର ଅବସ୍ଥା କଥା ବୁଝିପାରୁଛନ୍ତି ବୋଲି କହିଛନ୍ତି। ତେବେ ଅନେକେ ଏହାକୁ ଚମତ୍କାର ବର୍ଣ୍ଣନା ବୋଲି କହିଛନ୍ତି।



# କରୀନାଙ୍କୁ ମସାଜ୍



କରୀନା କପୁର ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥାନ୍ତି। ବିଶେଷକରି ପୁଣି ଥରେ ମା' ହେବାକୁ ଯାଉଥିବା ଜଣାପଡ଼ିବା ପରେ ସେ ଅଧିକ ଆକ୍ଟିଭ୍ ହୋଇପଡ଼ିଛନ୍ତି। ବର୍ତ୍ତମାନ ଅଧିକାଂଶ ସମୟ ସେ ତାଙ୍କ ପରିବାର ସହିତ ବିତାଉଛନ୍ତି। ସୋସିଆଲ ମିଡିଆରେ ସକ୍ରିୟ ଥିବା କରୀନା ନିକଟରେ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କ ମା'ଙ୍କ ହାତ ମସାଜ୍‌କୁ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। କରୀନା ଉକ୍ତ ଫଟୋର କ୍ୟାପ୍‌ଶନରେ ଲେଖିଛନ୍ତି, ମାତାର ହାତ...ମସାଜ୍। କ୍ୟାପ୍‌ଶନ ସାମ୍ନାରେ କରୀନା ଦୁଇଟି ହୃଦୟ ଇମୋଜି ମଧ୍ୟ ଦେଇଛନ୍ତି। ଫଟୋରେ କରୀନା ସୋଫାରେ ଗାଉନ ପିନ୍ଧି ବସିଥିବାର ନଜର ଆସିଛନ୍ତି ଏବଂ ତାଙ୍କ ମା' କରୀନାଙ୍କ ମୁଣ୍ଡକୁ ଚିପି ଦେଉଥିବା ଦେଖିବାକୁ ମିଳିଛି। ୩ ଲକ୍ଷରୁ ଅଧିକ ଲୋକ କରୀନାଙ୍କ ଏହି ଚିତ୍ରକୁ ଲାଇକ୍ କରିଛନ୍ତି। ସେହିପରି ଅଭିନେତ୍ରୀ ମଲାଇକା ଆରୋରା, ଅମୃତା ଆରୋରା, ରିଦ୍ଧିମା କପୁର ଏବଂ ପୁଣାମ ଦାମନିଆ ପ୍ରମୁଖ ଏହି ଫଟୋରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

**ମା'ଙ୍କ ହାତ ମସାଜ୍ ଭାଇରାଲ**

# ଆଖିରୁ ବାହାରିଲେ ୨୦ କୀଟ

**ନୂଆଦିଲ୍ଲୀ:** ଚାଇନାରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ବୃଦ୍ଧଙ୍କ ଆଖିରୁ ୨୦ ଜୀବନ୍ତ କୀଟ ବାହାରିଥିବା ଜଣାପଡ଼ିଛି। ଏକ ରିପୋର୍ଟ ଅନୁଯାୟୀ, କିଛି ମାସ ତଳେ ଜଣେ ୬୦ ବର୍ଷୀୟ ୱାନ୍‌ଙ୍କ ଆଖିରେ କିଛି ଅଟକିଥିବା ଭଳି ସମସ୍ୟା ଦେଖାଦେଇଥିଲା। ପ୍ରଥମେ ସେ ଏହାକୁ ଅଣଦେଖା କରିଥିବାବେଳେ ପରେ ଡାକ୍ତରଙ୍କ ପରାମର୍ଶ ପାଇଁ ଯାଇଥିଲେ। ପରୀକ୍ଷାବେଳେ ଆଖିରେ କୀଟ ରହିଥିବା ଜାଣିବାକୁ ପାଇଥିଲେ। ଏହାପରେ ଅପରେଶନ ଦ୍ୱାରା ତାଙ୍କ ଆଖିରୁ କୀଟଗୁଡ଼ିକୁ ବାହାର କରିଥିଲେ।

**ବର୍ଷେରୁ ଊର୍ଦ୍ଧ୍ୱ ସମୟ ରହି କଷ୍ଟ ଦେଉଥିଲେ**



ଏହି କୀଟ 'ନେମାଟୋଡ୍‌ସ୍' ବୋଲି ଜଣାପଡ଼ିଛି। ନେମାଟୋଡ୍‌ସ୍ ସାଧାରଣତଃ କୁକୁର, ବିଲେଇଙ୍କ ଭଳି ପଶୁଙ୍କ ଠାରେ ଦେଖିବାକୁ ମିଳିଥାନ୍ତି। ବୃଦ୍ଧଙ୍କ ଚିକିତ୍ସା କରିଥିବା ଡାକ୍ତରଙ୍କ କହିବା ହେଲା ଏହି କୀଟ ରୋଗୀଙ୍କ ଆଖି ପତା ତଳେ ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିଲା। ଲାର୍ଭା କୀଟରେ ପରିଣତ ହେବା ପାଇଁ ୧୫-୨୦ଦିନ ଲାଗିଥାଏ। ତେବେ ୱାନ୍ ଘରେ କୌଣସି ପଶୁ ପାଳି ନ ଥିବାବେଳେ ତାଙ୍କ ଆଖି ଭିତରେ କୀଟ କିପରି ସୃଷ୍ଟିହେଲେ ଡାକ୍ତରୀ ଟିମ୍ ଆଶ୍ଚର୍ଯ୍ୟ ହୋଇଥିଲେ। କିନ୍ତୁ ବୃଦ୍ଧଜଣଙ୍କ ପ୍ରାତଃ ଭ୍ରମଣରେ ଯିବା ସମୟରେ ପଶୁଙ୍କ ସଂସ୍ପର୍ଶରେ ଆସିଥିଲେ। ମାଛିଙ୍କ ଦ୍ୱାରା ଏହି କୀଟ ବୃଦ୍ଧଙ୍କ ଆଖିରେ ପ୍ରବେଶ କରିଥିବା ଡାକ୍ତର କହିଛନ୍ତି।


## ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସଦାନନ୍ଦ ମିଶ୍ର**
ଆବିର୍ଭାବ: ୧୫।୦୮।୧୯୪୦
ତିରୋଧାନ: କୁମାର ପୂର୍ଣ୍ଣିମା,୨୦୧୦
ତୁମେ ଆମକୁ ଛାଡ଼ି ଚାଲିଯିବା ୧୦ ବର୍ଷ ହୋଇଗଲା। ଆଜିବି ଲାଗୁଛି ତମେ ଆମ ପାଖରେ ଅଛ। ତୁମ ଆଶୀର୍ବାଦ ଆମ ଉପରେ ବର୍ଷି ପଡୁଛି। ତୁମକୁ ମନେପକାଇଲା ବେଳେ ଆମେ ତୁମର ଉପସ୍ଥିତି ଅନୁଭବ କରୁଛୁ। ଆମ ପାଇଁ ତୁମେ ଚିର ଅମର ।
-:ଶୋକସନ୍ତପ୍ତ:-
ପତ୍ନୀ: ସୁରମା; ପୁଅ: ବାବି; ବୋହୂ: ଶ୍ରଦ୍ଧା; ଝିଅ: ବେବି, ବୁବୁ, ରୁବି ଓ ନାତି ନାତୁଣୀମାନେ

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଯଶୋଦା ବେହେରା**
ଗିରାଙ୍ଗ, ଅନୁଗୋଳ
ଆବିର୍ଭାବ: ତା. ୦୫।୦୮।୧୯୩୪
ତିରୋଧାନ: ତା. ୨୧।୧୦।୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଯେଉଁଠି ଥାଅ ତୁମେ ଭଲରେ ଥାଅ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ।
ଧ-୧୮୭୬୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରହ୍ଲାଦ ବାରିକ**
ଭୁବନେଶ୍ୱର
ଆବିର୍ଭାବ: ୧୧।୦୧।୧୯୩୭
ତିରୋଧାନ: ୨୧।୧୦।୨୦୨୦
ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ ଏବଂ ସତ୍‌ସଙ୍ଗର ପୁରାତନ କର୍ମୀ ତଥା ଦୟାଳଙ୍କ ଶ୍ରୀହସ୍ତରୁ ପାଞ୍ଜାପ୍ରାପ୍ତ ଧର୍ମଯାଜକ।
ପ୍ରତିଷ୍ଠାତା: ଶ୍ରୀଗୁରୁ କମର୍ସିଆଲ୍ ଇନ୍‌ଷ୍ଟିଚ୍ୟୁଟ୍, କଳ୍ପନା ସ୍କୋୟାର, ଭୁବନେଶ୍ୱର।
ଆପଣଙ୍କ ଇଷ୍ଟାନୁରାଗ, ଭକ୍ତି, କର୍ତ୍ତବ୍ୟନିଷ୍ଠା, ଅମାୟିକ ବ୍ୟବହାର, ସତ୍‌ସଙ୍ଗର ପ୍ରଚାର-ପ୍ରସାରରେ ଅଚ୍ୟୁତ ନିଷ୍ଠା ଆମ୍ଭମାନଙ୍କ ପାଇଁ ସଦାସର୍ବଦା ସ୍ମରଣୀୟ ହୋଇ ରହିବ। ଶ୍ରୀଶ୍ରୀଠାକୁରଙ୍କ ପାଦପଦ୍ମରେ ଆପଣଙ୍କ ଆତ୍ମା ଚିରଶାନ୍ତି ଲଭୁ, ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ପ୍ରିୟଜନ, ଛାତ୍ର-ଛାତ୍ରୀ ତଥା ପରିବାରବର୍ଗ ।
ଧ-୧୮୭୪୦

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍
ପର୍ସନାଲ | ପ୍ରପର୍ଟି | ଗ୍ରୁପ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M
ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M
ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician
ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician
ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician
ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ,
ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122,
8456845313, 9040009727 (M)

ଦୀପାବଳୀର ଶୁଭ ଅବସରରେ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍
ପର୍ସନାଲ | ପ୍ରପର୍ଟି | ଗ୍ରୁପ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

AMBA Finance
ମାର୍କସିଟ | ବ୍ୟବସାୟ
ବ୍ୟକ୍ତିଗତ | ଆଧାରକାର୍ଡ
ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁଲ୍ ଥିଲେ ସୁଧାରି ନିଅ

ଗପ



ଘର ଭିତରେ ରିପୁନ ଏକଡ଼ ସେକଡ଼ ହେଉଥାଏ। ସମସ୍ତଙ୍କର ଯିବା ଆସିବା ଉପରେ ନଜର ରଖୁଥାଏ। ଡରିଲା ଡରିଲା ଚାହାଣି। ଟିକେ ପୂର୍ବରୁ ରିପୁନ ହାତରୁ ଗୋଟେ କପ ପଡି ଭାଙ୍ଗିଯାଇଛି। ମାମା ବାଡେଇବେ ବାପା ଗାଳି କରିବେ। ଭଙ୍ଗା କପଟିକୁ ବାରିଆଡ଼େ ନେଇ କେମିତି ଫିଙ୍ଗିବ ମନେ ମନେ ଯୋଜନା କରୁଥାଏ। ଏଇ ସମୟରେ ଜେଜେ ଘର ଭିତରକୁ ପଶିଆସି ପ୍ରଶ୍ନ କଲେ ଆରେ ରିପୁନ ଏତେ ଚୁପଚାପ କ'ଣ। ରିପୁନର ସାହସ ହେଲାନି ଜେଜେଙ୍କୁ ସତ କହିବାକୁ। ଜେଜେ ମୁଁ ଭାବୁଥିଲି ଏବେ ଟିୟୁସନ ପାଠ କରିବି ନା ଖେଳିବାକୁ ଯିବି । ମୁଁ କିଛି ଠିକ କରିପାରୁନି। ଜେଜେ କହିଲେ ହଉ ରିପୁନ ତୁ ଏବେ ଥା ମୁଁ ବଜାର ଆଡୁ ଆସେ।

ରିପୁନ ସୁଯୋଗ ଅପେକ୍ଷାରେ ଥିଲା। ଏବେ ଘର ଭିତରେ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ରିପୁନ ଚଟାପଟ ଭଙ୍ଗା କପକୁ ଧରି ବାରି ପଟକୁ ଦୌଡ଼ିଗଲା। କାହାରି ଆଖିରେ ଯେମିତି ନ ପଡ଼େ ଭଙ୍ଗା ଟୁକୁଡ଼ା କପକୁ ଗୋଟେ କଡରେ ଫିଙ୍ଗିଦେଲା। ସେଦିନ ରବିବାର ସକାଳୁ ବାପା ବାରିପଟ ସଫାସଫି କରିବାକୁ ବାହାରିଲେ। କିଛି ସମୟ ଯାଇଛି ବାପା ଡାକ ପକାଇଲେ। ଜେଜେ ଦୌଡ଼ିଗଲେ ବାରିପଟକୁ ତାଙ୍କ ପଛେ ପଛେ ରିପୁନ। ବାପାଙ୍କ ଗୋଡ଼ରୁ ଧାର ଧାର ରକ୍ତ ବୋହି ଯାଉଥାଏ। ପଚାରୁ ପଚାରୁ କ'ଣ ନା ଭଙ୍ଗା କପରେ ତାଙ୍କ ଗୋଡ଼ ଫୁଟିଗଲା। ରିପୁନ ଖୁବ୍ ଡରିଗଲା। ଜେଜେ ଘର ଭିତରୁ ଔଷଧ ଆଣି ମାରିଦେଲେ ଓ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନେଇଗଲେ।

ରିପୁନର ମମି ସମସ୍ତଙ୍କୁ ପଚାରୁ ଥିଲେ ଭଙ୍ଗା କପ ଏଠି କେମିତି ଆସିଲା। ସେ ତ କେବେ ବାରିପଟେ ଭଙ୍ଗା ଜିନିଷ ଫିଙ୍ଗନ୍ତିନି। କେହି ବି କିଛି କହିପାରିଲେ ନାହିଁ। ରିପୁନ ସବୁ ଦେଖି ଶୁଣି ଚୁପ ଥାଏ। ରିପୁନର ମନେ ପଡୁଥାଏ ଗୁରୁଜୀ ସବୁବେଳେ କୁହନ୍ତି ମିଛ କହିବା ମହାପାପ। ନିଜ ଭୁଲ ବୁଝିପାରି ରିପୁନ ତା' ମାମାଙ୍କ ଆଗରେ ସତଟା କହିଦେଲା। ମାମା କହିଲେ ଆରେ ଭୁଲ୍ ଟିଏ ହେଲେ ତାକୁ ତୁରନ୍ତ ସୁଧାରିବା ଉଚିତ। ଯଦି ମିଛ କହିବା ଅସୁବିଧା ଆହୁରି ବେଶି ବଢିବ। ତୁ ଯଦି ସେଦିନ ସତ କହିଥାନ୍ତୁ ଆଜି ବାପାଙ୍କର ଏମିତି ହୋଇ ନ ଥାନ୍ତା। ଏଇ ସମୟରେ ବାପା ଜେଜେଙ୍କ ସହିତ ଘରକୁ ଫେରିଲେ। ବାପାଙ୍କ ପାଦରେ ବ୍ୟାଣ୍ଡେଜ କନା ଗୁଡା ହୋଇଥାଏ। ଜେଜେ ଧରିଥିଲେ ଔଷଧ ପୁଡ଼ିଆ। ରିପୁନର ମାମା ସମସ୍ତଙ୍କ ଆଗରେ ସତ କଥା କହିଲେ। ଆଉ କେବେ ସେମିତି ଭୁଲ୍ କରିବ ନାହିଁ ବୋଲି ରିପୁନ ସମସ୍ତଙ୍କୁ ଜବାବ ଦେଲା।

**–ଦେବେନ୍ଦ୍ର କର**
ମଙ୍ଗଳାବାଗ, କଟକ

## କବିତା

### କୁଆଁର ପୂନେଇଁ

ଆଜି କୁଆଁର ପୂନେଇଁ
କିରି କିରି ହୋଇ ହସୁଅଛି ଜହ୍ନ
ତାରାଙ୍କ ମେଳରେ ଥାଇ।
ତୋଫା ଦିଶେ ଚାରିଆଡ଼
ରୁପା ଚାଦର ସେ ଦେଇଛି ବିଛାଇ
ଗଛ ଲତା ବନ୍ଧ ବାଡ଼।
ଆଜି ପୂନେଇଁ ନିଆରା
ତା' ଶୁଭ୍ର କିରଣ ସ୍ନାନ କରି ଆମେ
ତାକୁ ବନ୍ଦାଇବା ପରା।
ସକାଳେ ଚଉରା ମୂଳେ
ଆଞ୍ଜୁଳି ଟେକିବା ଚନ୍ଦ୍ରଙ୍କ ଉଦ୍ଦେଶ୍ୟେ
ଭଉଣୀମାନଙ୍କ ମେଳେ।
ସନ୍ଧ୍ୟାରେ କରିଣ ଚାନ୍ଦ
ହୁଳହୁଳି ଦେଇ ମାଗିବା ଜୀବନେ
କରିଦେବାକୁ ଆନନ୍ଦ।



ପିନ୍ଧିଣ ନୂଆ ପୋଷାକ
ଗୀତ ଗାଇ ଚାନ୍ଦ ବସିବା ଆମେରେ
ଭୁଲି ଯାଇ ଦୁଃଖ ଶୋକ।

**–ସୁଧାକର ରାଉତ**
*ପ୍ରତାପ ନଗରୀ, କଟକ*

### ଜଳ ହିଁ ଜୀବନ

ରଙ୍ଗ ତୋର ନାହିଁ ଗନ୍ଧ ହୀନ ତୁହି
ନାହିଁ ବି ତୋର ସ୍ୱାଦ ।
ଲବଣ ମିଶିଲେ ଲାଗୁ ତୁ ଲୁଣିଆ
ଖାରିଆ ଖାରିଆ ସ୍ୱାଦ ।।

ସକର ପଡିଲେ ମିଠା ମିଠା ଲାଗୁ
ଲେମ୍ବୁ ପଡିଗଲେ ଖଟା ।
ପିତା ପିତା ଲାଗୁ ପଡିଲେ ଟିକିଏ
ଭାଙ୍ଗର ପତର ବଟା ।।



ହଳଦୀ ପଡିଲେ ହଳଦିଆ ହୁଏ
ଅଳତା ପଡିଲେ ନାଲି ।
କ୍ଷୀର ମିଶିଗଲେ ଶ୍ୱେତ ରଙ୍ଗ ହୁଏ
ମସୁର ପଡିଲେ ଡାଲି ।।

ନୟନୁ ଝରିଲେ ଅଶ୍ରୁ ତୋର ନାମ
ପାଟିରୁ ଗଳିଲେ ଲାଳ ।
ଶୌଚ କରିଦେଲେ ମୂତ୍ର ତୋର ନାମ
ଦେହରୁ ବହିଲେ ଝାଳ ।।

ଆକାଶୁ ପଡିଲେ ବର୍ଷା ତୋର ନାମ
ଶିଖରୁ ଝରଣା ଜାତ ।
ପର୍ବତୁ ବାହାରି ସମୁଦ୍ରେ ମିଶିଲେ
ନାମ ତୋର ନଦୀ ସ୍ରୋତ ।।

ପାତାଳୁ ବାହାରି ଉପରେ ଭାସିଲେ
ନାମ ହୁଏ ତୋର ଜଳ ।
ବଢି ବନ୍ୟା ପାଣି ରୂପରେ ଆସିଲେ
ହୁଏ ନାହିଁ ଥଳ କୂଳ ।।

**–ଅମରନାଥ ବାରିକ୍**
*ମଙ୍ଗଳପୁର, କୟାଁ, ଯାଜପୁର*

## ଆଇନା



ସାନ୍ଭିକା
୬ ବର୍ଷ

## ଜାଣନ୍ତୁ...

ବରଗଛ ଆମ ଜାତୀୟ ଗଛ ଯେ
ଝଙ୍କାଳିଆ ଦେହ ଶୀତଳ ଛାଇ,
ତା' ଛାଇ ତଳରେ ଘଡିଏ ବସନ୍ତି
ମୁଣ୍ଡେ ହାତ ଦେଇ ବାଟୋଇ ଭାଇ ।

ଆମ୍ବ ପରା ଆମ ଜାତୀୟ ଫଳଟି
ଖଟା ମିଠା କେତେ ଜାତିର ପୁଣି,
ଖାଇବାକୁ ଇଚ୍ଛା ପଖାଳ କଂସାଇ
ବହିପଡେ ଲାଳ ତା' ନାଆଁ ଶୁଣି ।

ପଦ୍ମୁଅଁ ଆମର ଜାତୀୟ ଫୁଲ ତ
ଦେଖିବାକୁ ରୂପ ସୁନ୍ଦର କେତେ,
ପୋଖରୀ ଭିତରେ ଢଳ ଢଳ ଠାଣି
ଚୋରି କରେ ଆମ ମନକୁ ଯେତେ ।

ମୟୂର ଆମର ଜାତୀୟ ପକ୍ଷୀଟି
କଳା ମେଘ ଦେଖି ନାଚେ ସେ ପରା,
ମନ ଆମ ନାଚେ ତାଥେଇ ତାଥେଇ
ଦେଖି ତା' ରୂପଟି ପୁଚ୍ଛରେ ଭରା ।

ବାଘ ତ ଆମର ଜାତୀୟ ପଶୁଟି
ବଣ ରାଇଜରେ ହରଷେ ରହେ,
ଦୁରୁବଳ ପଶୁ ଶିକାର କରି ସେ
ବଳଶାଳୀ ବୋଲି ଗରବେ କହେ।

କଖାରୁ ଆମର ଜାତୀୟ ପରିବା
ଘାଣ୍ଟ ତିଅଣରେ ପରା ସେ ରଜା,
ରୋଷେଇଶାଳରେ ଭାରି ତା' ଆଦର
ପାଟିକୁ ଲାଗଇ କେତେ ଯେ ମଜା ।

ଚା' ତ ଆମର ଜାତୀୟ ପାନୀୟ
ଖରା କି ଗରମ ଆଦର ପାଏ,
ସକାଳ ହେଉ ବା ସଂଜ ପହରରେ
ଖୋଜାପଡେ ନିତି ହାତରେ ଥାଏ।

ଖିଚୁଡି ଆମର ଜାତୀୟ ଆହାର
ନାନା ଦରବରେ ତିଆରି ହୁଏ,
ପାଟିକି ଲାଗଇ ଭାରି ସୁଆଦିଆ
ଅନେକରେ ଏକ ସୂଚନା ଦିଏ ।

**–ଅଧ୍ୟାପକ ଶରତ କୁମାର ଦାସ,**
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର

## କହିଲ ଦେଖି

ସବୁବେଳେ ଥାଏ ଆମ ସାଥିରେ
କେବେ ଚାଲେ ଆଗେ କେବେ ପଛରେ
କେବେ ପୁଣି ଥାଏ ସିଏ ପାର୍ଶ୍ୱରେ
ଆମ ଅବିକଳ ନକଲ କରେ
ଧରାଦିଏ ନାହିଁ କେବେ ବି ଥରେ
ସମସ୍ତଙ୍କ ସାଥେ ଥାଏ ସେ ରହି
କିଏସେ ପାରିବ କୁହ ତା'ନାମ କହି।
**ଉତ୍ତର : ଛାଇ**



ସେ ପରା ଅଟଇ ଉଭୟଚର
କେବେ ପାଣିରେ କେବେ ଗାତରେ ଘର
ଗୋଡ ନାହିଁ ହେଲେ ପାରଇ ଧାଇଁ
କିଏ ସେ ପାରିବ ନାମ ତା' କହି।
**ଉତ୍ତର : ସାପ**



ଦୌଡିଲେ ତାକୁ ପାରିବ କିଏ
ଠିଆ ହୋଇ ସିଏ ନିଇତି ଶୁଏ
କେତେବେଳେ ସିଏ ଖେଳ ଦେଖାଏ
କେତେବେଳେ ପୁଣି ଗାଡି ସେ ବୁହେ
ରାଜା ରାଜୁଡାଙ୍କ ଥିଲା ସେ ଯାନ
କିଏ ସେ କହିବ କୁହ ତାହାରି ନାମ।
**ଉତ୍ତର : ଘୋଡା**



*–**ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର,ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର*

## ମତାମତ

➤'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।

*–ପ୍ରଦୀପ ସାହୁ, ଢେଙ୍କାନାଳ*

➤'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭାରି ମଜା ଲାଗୁଛି।

*–ଦୀପକ ପ୍ରହରାଜ, ଯାଜପୁର*

➤'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ସମସ୍ତ ବିଷୟବସ୍ତୁ ପଢ଼ି ଅନେକ କଥା ଶିଖି ହେଉଛି।

*–ଅମନ ମହାପାତ୍ର, ବ୍ରହ୍ମପୁର*

➤ଗତ ସପ୍ତାହରେ ଏହି ପୃଷ୍ଠାର ପ୍ରକାଶିତ କବିତାଗୁଡିକ ବେଶ୍ ମନଛୁଆଁ ହୋଇଥିଲା।

*–ରଞ୍ଜନ ସାହୁ, ପୁରୀ*

➤'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରୁ ଅନେକ କଥା ଶିଖି ହେଉଛି।

*–ତପନ ପୃଷ୍ଟି,*
*ରେଢ଼ାଖୋଲ*

➤ପିଲାଙ୍କ ଧରିତ୍ରୀ ପୃଷ୍ଟାରେ ବିଜ୍ଞାନ ବିଷରେ ଅଧିକ ଲେଖା ପ୍ରକାଶ ପାଇଲେ ଶିକ୍ଷଣୀୟ ହୋଇପାରନ୍ତା।

*–ଆୟୁଷ ମହାନ୍ତି*
*ପୋଖରୀପୁଟ, ଭୁବନେଶ୍ୱର*

## ଖିଲିଖିଲି ହସ



ଶିକ୍ଷକ– ଆଚ୍ଛା କହିଲୁ ମିତା କେଉଁ ଜିନିଷ ତୁମ ଆଖି ଆଗରେ ଅଛି ଆଉ ତୁମେ ତାକୁ ଦେଖିପାରୁଛ କିନ୍ତୁ ଛୁଇଁ ପାରୁନ ?
ମିତା– ସାର୍ ଆପଣଙ୍କ କାନ।

❮⍙⍙⍙❯

ଶିକ୍ଷକ– ଆଚ୍ଛା ପିଲାମାନେ ବିଜୁଳି କେଉଁଠାରୁ ଆସେ ?
ଟିଟୁ– ସାର୍ ମାମୁଁଙ୍କ ଘରୁ
ଶିକ୍ଷକ– କେମିତି
ଟିଟୁ– ଯେତେବେଳେ ବି ବିଜୁଳି ଚାଲିଯାଏ ସେତେବେଳେ ବାପା କହନ୍ତି ଧେତ୍ ତୋ ମାମୁଁମାନେ ପୁଣି ବିଜୁଳି କାଟିଦେଲେ।

❮⍙⍙⍙❯

ଶିକ୍ଷକ– ଘରର ପରିଭାଷା କଣ କୁହ ?
ଚିଣ୍ଟୁ– ଯେଉଁ ଘର ହିମତ୍ ବା ସାହସର ସହ ତିଆରି କରାଯାଏ ତାକୁ ହାଉସ୍ କହନ୍ତି। ଯେଉଁ ଘର ହୋମ କରି କରାଯାଏ ତାକୁ ହୋମ୍, ଯେଉଁ ଘରର କାନ୍ଥରେ କାନ ଥାଏ ସେ ଘରକୁ ମକାନ କହନ୍ତି। ଯେଉଁ ଘରର ଲୋନ୍ ଆଉ ଇନଷ୍ଟଲମେଣ୍ଟ ଦେଇ ଦେଇ ବ୍ୟକ୍ତି ଫ୍ଲାଟ ହେଇଯାଏ ତାକୁ ଫ୍ଲାଟ କହନ୍ତି।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଓଜନିଆ କଖାରୁ




ପିଲାମାନେ ତୁମେ ସମସ୍ତେ କଖାରୁ ତ ନିଶ୍ଚୟ ଦେଖିଥିବ। କିନ୍ତୁ ଏମିତି ଗୋଟେ କଖାରୁ କେବେ ଦେଖିଛ କି ଯାହାର ଓଜର ୯୪୨ କିଲୋଗ୍ରାମ୍ ! ଏତେ ଓଜନର ଏକ କଖାରୁ ଅମଳ କରିଛନ୍ତି କାଲିଫର୍ନିଆର ଯୋଶୀ ବ୍ରାଣ୍ଡିଟ୍। ତାଙ୍କର ଏହି କଖାରୁକୁ କଳାତ୍ମକ ରୂପ ଦେଇ ଏହାକୁ ପ୍ରଦର୍ଶିତ କରିଥିଲେ କଳାକାର ମାଇକ୍ ବ୍ରାଉନ୍, ଡେନି ଆର୍ନୋଲ୍ଡ ଏବଂ ବ୍ରାଣ୍ଡି ଡାଭିସ୍। ଏହି କଖାରୁ କଳାର ନାଁ ରହିଛି ଜ୍ୟାକ୍ ଓ ଲାଣ୍ଟର୍ନ। ଏହି କାରୁକାର୍ଯ୍ୟପୂର୍ଣ୍ଣ କଖାରୁକୁ ପ୍ରଦର୍ଶିତ କରାଯାଇଥିଲା କାଲିଫର୍ନିଆର ପମ୍ପକିନ୍ ଫେଷ୍ଟିଭାଲ୍‌ରେ। କଖାରୁର ଗୋଟିଏ ପାର୍ଶ୍ୱରେ ଜଣେ ବ୍ୟକ୍ତିର ମୁହଁ ଥିବାବେଳେ ଭିତର ପଟରେ ମଧ ସ୍ୱତନ୍ତ୍ର ଥିମ୍‌ରେ ବିଭିନ୍ନ କାରୁକାର୍ଯ୍ୟ କରାଯାଇଛି। ଏତେ ବଡ଼ କଖାରୁରେ ଏଭଳି କାରୁକାର୍ଯ୍ୟ ହୋଇଥିବାରୁ ଏହାକୁ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ମିଳିପାରିଛି। ଏବେ ଏହି କଖାରୁର ଫଟୋ ଏବଂ ଭିଜୁଆଲ୍‌କୁ ଇଣ୍ଟରନେଟ୍‌ରେ ଲୋକେ ଖୁବ୍ ଆଗ୍ରହରେ ଦେଖୁଛନ୍ତି।

## ଜଣା ଅଜଣା



➔ଅଣ୍ଡିରା ମୟୂରକୁ ପିକକ୍ ଏବଂ ମାଈ ମୟୂରକୁ ପିହେନ୍ କୁହାଯାଏ।
➔ଗୋଟିଏ ଅକ୍ଟୋପାସର ତିନୋଟି ହୃତପିଣ୍ଡ (ହାର୍ଟ), ନଅଟି ମସ୍ତିଷ୍କ ଥାଏ। ସେମାନଙ୍କର ରକ୍ତର ରଙ୍ଗ ନୀଳ ।
➔ଚାଇନାରେ ଏପରି କେତେକ ଘୁଷୁରି ଅଛନ୍ତି ଯେଉଁମାନଙ୍କର ଶରୀର ଆକାର ଭାଲୁ ପରି।
➔ଏପରି କେତେକ ସାର୍କ ଅଛନ୍ତି ଯେଉଁମାନଙ୍କର ଶରୀର ଅନ୍ଧାରରେ ମଧ ଚିକ୍ ଚିକ୍ କରିଥାଏ।
➔ମାଈ ଘୋଡା ଅପେକ୍ଷା ଅଣ୍ଡିରା ଘୋଡାର ଅଧିକ ଦାନ୍ତ ଥାଏ।
➔ଜିରାଫର ଜିଭର ରଙ୍ଗ କିପରି ଜାଣିଛ ? କଳା।
➔ଗୋଟିଏ ନବଜାତ ବାଦୁଡିର ଓଜନ ତା' ମା' ବାଦୁଡି ଓଜନର ଏକ ତୃତୀୟାଂଶ।



## ତୁମ ତୂଳୀରୁ





**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ–୫, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି






**ଆରୋଶିଖା ପ୍ରିୟଦର୍ଶିନୀ ମହାପାତ୍ର**
କ୍ଲାସ–୪, ସରସ୍ୱତୀ ବିଦ୍ୟା ମନ୍ଦିର, ଘୋଡ଼ାବଜାର, ପୁରୀ





**ଶେଖର କୁମାର ସ୍ୱାଇଁ**
କ୍ଲାସ–୫, ଏସ୍. ସି. ବି. ମେଡିକାଲ୍ ପବ୍ଲିକ୍ ସ୍କୁଲ, କଟକ

# ଓଡ଼ିଶା ଏଫ୍‌ସି ପ୍ରଥମେ ହାଇଦ୍ରାବାଦକୁ ଭେଟିବ

ମାର୍ଗାଓ, ୩୦।୧୦

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍) ୭ମ ସଂସ୍କରଣର ପ୍ରଥମ ଚରଣ ପାଇଁ ଶୁକ୍ରବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ନଭେମ୍ବର ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଏହି ହାଇ ପ୍ରୋଫାଇଲ ଫୁଟବଲ ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଏଟିକେ ମୋହନବାଗାନ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ହେବ। ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସି ୨୩ ତାରିଖରେ ଏହାର ପ୍ରଥମ ମ୍ୟାଚ ଗୋଆ ବାମ୍ବୋଲିମ୍‌ସ୍ଥିତ ଜିଏମ୍‌ସି ଷ୍ଟାଡିୟମରେ ହାଇଦ୍ରାବାଦ୍ ଏଫସି ସହିତ ଖେଳିବ। ପରେ ଏହି ଦଳ ୨୯ରେ ଜାମସେଦପୁର, ଡିସେମ୍ବର ୩ରେ ଏଟିକେ ମୋହନ ବାଗାନ, ୬ରେ ମୁମ୍ବାଇ ସିଟି ଏଫ୍‌ସି, ୧୨ରେ ଏଫ୍‌ସି ଗୋଆ, ୧୭ରେ ବେଙ୍ଗାଲୁରୁ ଏଫସି, ୨୨ରେ ନର୍ଥଇଷ୍ଟ ୟୁନାଇଟେଡ, ଜାନୁୟାରୀ ୩ରେ ଏସସି ଇଷ୍ଟବେଙ୍ଗଲ, ୭ରେ କେରଳ ବ୍ଲାଷ୍ଟର୍ସ, ୧୦ରେ ଚେନ୍ନାଇନ୍ ଏଫସିକୁ ଭେଟିବ।

କୋଭିଡ-୧୯ ମହାମାରୀ ପାଇଁ ପ୍ରତିଯୋଗିତା ଏଥର ଗୋଆର ଜିଏମ୍‌ସି, ତିଳକ ମଇଦାନ ଏବଂ ଫଟୋର୍ଦା ଷ୍ଟାଡିୟମରେ ରୁଦ୍ଧଦ୍ୱାର ମଧ୍ୟରେ ବିନା ଦର୍ଶକରେ ଅନୁଷ୍ଠିତ ହେବ। ଗତ ସିଜନରେ ଏଟିକେ ଫାଇନାଲରେ ଚେନ୍ନାଇନ୍ ଏଫସିକୁ ହରାଇ ଟାଇଟଲ ଜିତିଥିଲା। ସେହିପରି ଏଫସି ଗୋଆ ଲିଗ୍ ପର୍ଯ୍ୟାୟରେ ଶୀର୍ଷରେ ରହି ଶିଲ୍ଡ ହାସଲ କରିବା ସହ ଏଏଫ୍‌ସି ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ସେବେଠାରୁ ଏଟିକେ ଆଇ-ଲିଗ୍ ଚାମ୍ପିୟନ ମୋହନବାଗାନ ସହିତ ମିଶି ଯାଇଛି। ଏବେ ଗୋଟିଏ କ୍ଲବଭାବେ ଆଇଏସ୍ଏଲ୍ ଖେଳିବାକୁ ଯାଉଛନ୍ତି।

ପ୍ରତିଯୋଗିତାରେ ମୋଟ ୧୧ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ଏଟିକେ ମୋହନବାଗାନ, ବେଙ୍ଗାଲୁରୁ ଏଫ୍‌ସି, ଚେନ୍ନାଇନ୍ ଏଫସି, ଏଫସି ଗୋଆ, ହାଇଦ୍ରାବାଦ ଏଫସି, ଜାମସେଦପୁର ଏଫସି, କେରଳ ବ୍ଲାଷ୍ଟର୍ସ ଏଫସି, ମୁମ୍ବାଇ ସିଟି ଏଫସି, ନର୍ଥଇଷ୍ଟ ୟୁନାଇଟେଡ, ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟିଂ କ୍ଲବ ଇଷ୍ଟବେଙ୍ଗଲ। ଆୟୋଜକମାନେ ୨୦୨୧ ଜାନୁୟାରୀ ୧୧ ପର୍ଯ୍ୟନ୍ତ କେବଳ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଅବଶିଷ୍ଟ ପରେ ପ୍ରକାଶ ପାଇବ। କୋଲକାତାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏଟିକେ ମୋହନ ବାଗାନ ଓ ଇଷ୍ଟବେଙ୍ଗଲ ମଧ୍ୟରେ ପ୍ରଥମ ମ୍ୟାଚ ନଭେମ୍ବର ୨୭ ତାରିଖରେ ଭାସ୍କୋସ୍ଥିତ ତିଳକ ମଇଦାନରେ ଅନୁଷ୍ଠିତ ହେବ। କୋଲକାତାଭିତ୍ତିକ ଶ୍ରୀ ସିମେଣ୍ଟ ବଡ଼ ଅଂଶଧନ କିଣିଥିବାରୁ ଆଇ-ଲିଗ୍‌ର ଅନ୍ୟତମ ଶକ୍ତିଶାଳୀ ଦଳ ଇଷ୍ଟବେଙ୍ଗଲ ଏବେ ଏସ୍‌ସି ଇଷ୍ଟବେଙ୍ଗଲରେ ପରିଣତ ହୋଇଛି। ପ୍ରଥମଥରପାଇଁ ଏହି ଦଳ ଆଇଏସ୍ଏଲ ଖେଳିବାକୁ ଯାଉଛି। ଆୟୋଜକ ଏଫ୍‌ସି ଗୋଆ ଏହାର ପ୍ରଥମ ମ୍ୟାଚ ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁ ଏଫସି ବିପକ୍ଷରେ ନଭେମ୍ବର ୨୨ରେ ଖେଳିବ।

ଚଳିତମାସ ପ୍ରାରମ୍ଭରେ ଗୋଆରେ ପହଞ୍ଚିବାପରେ ନର୍ଥଇଷ୍ଟ ୟୁନାଇଟେଡର ୭ ଖେଳାଳି ଓ ଜଣେ ସହକାରୀ କୋଚ୍ ଖାଲିଦ ଜାମିଲ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ତେଣୁ ପ୍ରତି ଦଳର ଖେଳାଳି ଓ ଅଫିସିଆଲମାନଙ୍କୁ ଭିନ୍ନଭିନ୍ନ ହୋଟେଲରେ ଜୈବ-ସୁରକ୍ଷିତ ପରିବେଶରେ ରଖାଯାଇଛି। କୌଣସି ଖେଳାଳି କିମ୍ବା ଅଫିସିଆଲ କରୋନା ସଂକ୍ରମିତ ହେଲେ ଯେପରି ତାହାର କଣ୍ଟାକ୍ଟ ଟ୍ରେସିଂ ହୋଇପାରିବ ସେଥିପାଇଁ ସମସ୍ତଙ୍କୁ ଆରୋଗ୍ୟ ସେତୁ ଓ ଆଇଏସଏଲ ହେଲ୍‌ଥ ଆପ୍ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ଖେଳାଳି କିମ୍ବା ଅଫିସିଆଲ ପଜିଟିଭ୍ ହେଲେ ସଙ୍ଗେସଙ୍ଗେ କ୍ୱାରାଣ୍ଟାଇନ୍‌ରେ ରଖାଯିବ ଏବଂ ୭ ଦିନ ମଧ୍ୟରେ ୩ ଥର ନେଗେଟିଭ୍ ରେଜଲ୍ଟ ଆସିଲେ ଯାଇ ଦଳକୁ ପ୍ରତ୍ୟାବର୍ତ୍ତନ ଅନୁମତି ମିଳିବ। ଗୋଆରେ ପହଞ୍ଚିବା ପୂର୍ବରୁ ସବୁ ଦଳକୁ କୋଭିଡ ଟେଷ୍ଟ କରାଇ ୩ ଥର ନେଗେଟିଭ୍ ଫଳାଫଳକୁ ଅପେକ୍ଷା କରିବାକୁ କୁହାଯାଇଥିଲା। ଗୋଆରେ ପହଞ୍ଚିବାପରେ ଭାରତୀୟ ଖେଳାଳି ଓ ଅଫିସିଆଲମାନେ ୧୦ ଦିନ ଏବଂ ବିଦେଶୀମାନେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଏହି ସମୟ ମଧ୍ୟରେ ସମସ୍ତଙ୍କର ୫ ଥର କୋଭିଡ୍ ଟେଷ୍ଟ କରାଯାଇଥିଲା।

### ଆଇଏସ୍ଏଲ୍ କାର୍ଯ୍ୟସୂଚୀ ଘୋଷଣା

■ ଏଟିକେ ମୋହନ ବାଗାନ-କେରଳ ବ୍ଲାଷ୍ଟର୍ସ ଉଦ୍‌ଘାଟନୀ ମ୍ୟାଚ




### ଓଡ଼ିଶା ଏଫ୍‌ସିର ପ୍ରଥମ ପର୍ଯ୍ୟାୟ ମ୍ୟାଚ

ନଭେମ୍ବର ୨୩: ବନାମ ହାଇଦ୍ରାବାଦ୍ ଏଫ୍‌ସି
ନଭେମ୍ବର ୨୯: ଜାମସେଦପୁର ଏଫ୍‌ସି
ଡିସେମ୍ବର ୩: ଏଟିକେ ମୋହନ ବାଗାନ
ଡିସେମ୍ବର ୬: ମୁମ୍ବାଇ ସିଟି ଏଫ୍‌ସି
ଡିସେମ୍ବର ୧୨: ଏଫ୍‌ସି ଗୋଆ
ଡିସେମ୍ବର ୧୭: ବେଙ୍ଗାଲୁରୁ ଏଫ୍‌ସି,
ଡିସେମ୍ବର ୨୨: ନର୍ଥଇଷ୍ଟ ୟୁନାଇଟେଡ
ଜାନୁୟାରୀ ୩: ଏସ୍‌ସି ଇଷ୍ଟବେଙ୍ଗଲ
ଜାନୁୟାରୀ ୭: କେରଳ ବ୍ଲାଷ୍ଟର୍ସ ଏଫ୍‌ସି
ଜାନୁୟାରୀ ୧୦: ଚେନ୍ନାଇନ୍ ଏଫ୍‌ସି

# ପଞ୍ଜାବକୁ ରୋକିଲା ରାଜସ୍ଥାନ

ଆବୁଧାବି, ୩୦।୧୦

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ କିଙ୍ଗ୍ସ ଇଲେଭେନ ପଞ୍ଜାବର କ୍ରମାଗତ ୬ଷ୍ଠ ବିଜୟରେ ବ୍ରେକ୍ ଲଗାଇଛି ରାଜସ୍ଥାନ ରୟାଲ୍ସ। ଲଗାତର ୫ ମ୍ୟାଚ ଜିତି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ କରିଥିବା ପଞ୍ଜାବକୁ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ୭ ଉଇକେଟରେ ପରାସ୍ତ କରିଛି। କ୍ରିସ୍ ଗେଲ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ପଞ୍ଜାବ ୨୦ ଓଭରରେ ୪ ଉଇକେଟ ହରାଇ ୧୮୫ ରନ କରିଥିଲା। ଜବାବରେ ରାଜସ୍ଥାନ ୧୭.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚଳିତ ଆଇପିଏଲରେ ଦୁଇଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ରାଜସ୍ଥାନ ୪ ଉଇକେଟରେ ବିଜୟୀ ହୋଇଥିଲା। ଏଠାରେ ବିଜୟୀ ହୋଇ ତାହାକୁ ଡବଲରେ ପରିଣତ କରିଛି ଷ୍ଟିଭ୍ ସ୍ମିଥଙ୍କ ଦଳ। ରାଜସ୍ଥାନ ୧୩ ମ୍ୟାଚରୁ ୬ଷ୍ଠ ବିଜୟ ସହ ୧୨ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ପଞ୍ଜାବ ମଧ୍ୟ ୧୩ ମ୍ୟାଚରୁ ୧୨ ପଏଣ୍ଟରେ ସ୍ଥିର ରହିଛି।

ଟସ୍ ହାରି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ରାଜସ୍ଥାନ। ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କ ପ୍ରଥମ ଓଭରରେ ମନଦୀପ ସିଂଙ୍କୁ ଆଉଟ କରି ପଞ୍ଜାବ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ଅଧିନାୟକ ଲୋକେଶ ରାହୁଲ ଓ ଚଳିତ ସିଜନରେ କିଙ୍ଗ୍ସ ଇଲେଭେନ ପାଇଁ ଭାଗ୍ୟବାନ ହୋଇଥିବା କ୍ରିସ୍ ଗେଲ୍ ପ୍ରତିପକ୍ଷ ବୋଲରଙ୍କୁ ଧୂଳେଇ କରି ଦ୍ୱିତୀୟ ଉଇକେଟରେ ୮୨ ବଲ୍‌ରୁ ଦ୍ରୁତ ୧୨୦ ରନର ଭାଗୀଦାରି ଗଢ଼ିବା ସହ ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୪୧ଟି ବଲ୍ ଖେଳି ୩ ଚୌକା ଓ ୨ ଛକା ସହାୟତାରେ ୪୬ ରନ କରି ରାହୁଲ ମ୍ୟାଚର ୧୫ତମ ଓଭରରେ ଆଉଟ ହୋଇଥିଲେ। ରାଜସ୍ଥାନକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ବେନ୍ ଷ୍ଟୋକ୍ସ। ଗେଲ୍‌ଙ୍କ ସହ ନିକୋଲାସ ପୁରନ କ୍ରିଜ୍‌ରେ ଯୋଗଦେବାପରେ ରନହାର ବୃଦ୍ଧି ପାଇଥିଲା। ପୁରନ ୧୦ ବଲ୍‌ରୁ ୩ ଛକା ସହ ୨୨ ରନ କରି ଷ୍ଟୋକ୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଗେଲ୍ କିନ୍ତୁ ଖେଳିଥିଲେ ଦର୍ଶନୀୟ ଇନିଂସ। ସେ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ହେଁ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଥିଲେ। ୬୩ ବଲ୍‌ରୁ ୬ ଚୌକା ଓ ୮ ଛକା ସହାୟତାରେ ୯୯ ରନ କରିଥିବାବେଳେ ଏହି ୱେଷ୍ଟଇଣ୍ଡିଜ ଖେଳାଳି ଆର୍ଚରଙ୍କ ଏକ ୟର୍କରରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଆଇପିଏଲ ଇତିହାସରେ ସେ ଏକମାତ୍ର ଖେଳାଳିଭାବେ ୨ ଥର ୯୯ ରନରେ ଆଉଟ ହୋଇଥିଲେ। କେବଳ ସେତିକି ନୁହେଁ ଟି୨୦ କ୍ରିକେଟରେ ସେ ପ୍ରଥମ ଖେଳାଳିଭାବେ ୧୦୦୦ ଛକା ପୂରଣ କରିବାର ରେକର୍ଡ କରିଥିଲେ। ଗେଲ୍‌ଙ୍କ ଦୃଢ଼ ବ୍ୟାଟିଂ ବଳରେ ପଞ୍ଜାବ ୨୦ ଓଭରରେ ୪ ଉଇକେଟ ହରାଇ ୧୮୫ ରନ କରିଥିଲା। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୮୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ରାଜସ୍ଥାନ ଦୁଇ ଓପନର ବେନ୍ ଷ୍ଟୋକ୍ସ ଓ ରବିନ ଉଥପ୍ପାଙ୍କ ଜରିଆରେ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ୩୩ ବଲ୍‌ରୁ ୬୦ ରନର ପାର୍ଟନରଶିପ୍ ପରେ ଯୋଡ଼ି ଭାଙ୍ଗିଥିଲା। ଷ୍ଟୋକ୍ସ ୨୬ ବଲ୍‌ରୁ ୬ ଚୌକା ଓ ୩ ଛକା ସହ ୫୦ରନ କରି କ୍ରିସ୍ ଜୋର୍ଡାନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଉଥପ୍ପାଙ୍କ ସହ ସଞ୍ଜୁ ସାମ୍‌ସନ ଯୋଗଦେଇ ଦଳକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ଦ୍ୱିତୀୟ ଉଇକେଟରେ ୫୧ ରନର ଭାଗୀଦାରି ପରେ ଉଥପ୍ପା ୩୦(୨୩ ବଲ, ୧ ଚୌକା, ୨ ଛକା) ରନକରି ପ୍ୟାଭିଲିୟନ ଫେରିଥିଲେ। ସ୍ୱାଭାବିକ ଢଙ୍ଗରେ ବ୍ୟାଟିଂ କରିଥିବା ସାମ୍‌ସନ ଅର୍ଦ୍ଧଶତକଠାରୁ ୨ ରନ ଦୂରରେ ଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ୨୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସାମ୍‌ସନ ୪ ଚୌକା ଓ ୩ ଛକା ସହାୟତାରେ ୪୮ ରନ ସ୍କୋର କରିଥିଲେ। ସେତେବେଳକୁ ୧୪.୨ ଓଭରରେ ସ୍କୋର ୧୪୫ରେ ପହଞ୍ଚି ଯାଇଥିଲା। ଶେଷଭାଗରେ ସ୍ମିଥ ଓ ଜୋସ୍ ବଟଲର ଧୂଆଁଧାର ବ୍ୟାଟିଂ କରି ଅସମାପ୍ତ ୪ର୍ଥ ଉଇକେଟରେ ୪୧ ରନ ଯୋଗ କରିବା ସହ ୧୫ ବଲ୍ ପୂର୍ବରୁ ଦଳକୁ ବିଜୟୀ କରାଇଥିଲେ। ସ୍ମିଥ ୨୦ ବଲ୍‌ରୁ ୩୧(୫ ଚୌକା) ଓ ବଟଲର ୧୧ ବଲ୍‌ରୁ ୨୨(୧ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ କେବଳ ମୁରୁଗାନ ଅଶ୍ୱିନ, କ୍ରିସ୍ ଜୋର୍ଡାନ ଉଇକେଟ ପାଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବେନ୍ ଷ୍ଟୋକ୍ସ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୮ | ୪ | ୧୬ | +୧.୧୮୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୭ | ୫ | ୧୪ | +୦.୦୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୭ | ୫ | ୧୪ | +୦.୦୩୦ |
| କିଙ୍ଗ୍ସ ଇଲେଭେନ | ୧୩ | ୬ | ୭ | ୧୨ | -୦.୧୩୩ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | -୦.୩୭୭ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୪୬୭ |
| ସନ୍‌ରାଇଜର୍ସ | ୧୨ | ୫ | ୭ | ୧୦ | +୦.୩୯୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୩ | ୫ | ୮ | ୧୦ | -୦.୫୩୨ |

### ସଂକ୍ଷିପ୍ତ ସ୍କୋର

କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୮୫/୪ (ଗେଲ୍-୯୯, ରାହୁଲ-୪୬, ପୁରନ-୨୨, ଆର୍ଚର-୨/୨୬, ଷ୍ଟୋକ୍ସ-୨/୩୨)। ରାଜସ୍ଥାନ ରୟାଲ୍ସ ୧୭.୩ ଓଭରରେ ୧୮୬/୩ (ଷ୍ଟୋକ୍ସ-୫୦, ସାମ୍‌ସନ-୪୮, ସ୍ମିଥ-୩୧*, ଉଥପ୍ପା-୩୦, ବଟଲର-୨୨*, ମୁରୁଗାନ-୧/୪୩, ଜୋର୍ଡାନ-୧/୪୪)।

# ଦିଲ୍ଲୀ ପାଇଁ କର ବା ମର ସ୍ଥିତି

ଦୁବାଇ,୩୦।୧୦

ଶନିବାର ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ଗତଥରର ଚାମ୍ପିୟନ ମୁମ୍ବାଇ ପ୍ଲେ- ଅଫ୍‌ରେ ସ୍ଥାନ ପାଇସାରିଥିବାରୁ ଏହି ମ୍ୟାଚ୍ ଦିଲ୍ଲୀ ପାଇଁ ଅଧିକ ଗୁରୁତ୍ୱବହନ କରୁଛି। ଏଥିରେ ବିଜୟୀ ହୋଇ ମୁମ୍ବାଇ ଦିଲ୍ଲୀର ପ୍ଲେ- ଅଫ୍ ଆଶାକୁ ପ୍ରଭାବିତ କରିବା ଲକ୍ଷ୍ୟରେ ରହିଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇ ଦିଲ୍ଲୀ କିନ୍ତୁ ଏହି ମ୍ୟାଚ୍ ଜିତି ମ୍ୟାଜିକ ୧୬ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି। ମୁମ୍ବାଇ ୧୨ ମ୍ୟାଚ୍ ଖେଳି ୮ ବିଜୟ, ୪ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ପ୍ଲେ- ଅଫ୍‌କୁ ଉଠିସାରିଛି। ଅନ୍ୟପଟେ ଦିଲ୍ଲୀ ୧୨ ମ୍ୟାଚ୍ ଖେଳି ୭ ବିଜୟ, ୫ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତୃତୀୟସ୍ଥାନରେ ରହିଛି। ଦିଲ୍ଲୀ ଆଉ ୨ଟି ମ୍ୟାଚ ମୁମ୍ବାଇ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଖେଳିବ। ତେଣୁ ଏହି ମ୍ୟାଚ୍ ଜିତି ଦିଲ୍ଲୀ ଆଗୁଆ ପ୍ଲେ ଅଫ୍‌କୁ ଉଠିବା ଲକ୍ଷ୍ୟରେ ରହିଛି। ଯଦି ଦିଲ୍ଲୀ ତା'ର ବାକି ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୁଏ ତେବେ ପଞ୍ଜାବ ୧୪ ପଏଣ୍ଟ ହାସଲ କରି ଭଲ ଏନ୍‌ଆରଆରରେ ଦିଲ୍ଲୀକୁ ଏଲିମିନେଟ୍ କରିବ। ମୁମ୍ବାଇ କ୍ୱାଲିଫାଏ କରିସାରିଥିବାରୁ ବିନା ଚାପରେ ଖେଳିବ। ସବୁଦୃଷ୍ଟିକୋଣରୁ ଦିଲ୍ଲୀ ବିପକ୍ଷରେ ମୁମ୍ବାଇ ଫେଭରାଇଟ୍ ମନେ ହେଉଛି।

ଅପରପକ୍ଷରେ ଦିଲ୍ଲୀ ହ୍ୟାଟ୍ରିକ ପରାଜୟକୁ ଭୁଲି ନୂଆ ଉତ୍ସାହରେ ପଡିଆକୁ ଓହ୍ଲାଇବ ବୋଲି ଆଶା କରାଯାଉଛି। ଅଭିଜ୍ଞ ଶିଖର ଧାୱନ, ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ଶ୍ରେୟାସ ଆୟର, ରିଷଭ ପନ୍ତ, ଶିମରନ ହେଟମେୟର ଓ ମାର୍କସ ଷ୍ଟୋଇନିସଙ୍କୁ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିବାକୁ ହେବ। ସେହିପରି ବୋଲିଂରେ ଦୁଇ ଦକ୍ଷିଣ ଆଫ୍ରିକା ତାରକା କାଗିସୋ ରାବାଡ଼ା (୨୩ ଉଇକେଟ) ଓ ଏନରିଚ ନର୍ଜେ (୧୫ ଉଇକେଟ)ଙ୍କୁ ପୂର୍ବ ପ୍ରଦର୍ଶନ ଦୋହରାଇବାକୁ ପଡିବ। ସେହିପରି ତୁଷାର ଦେଶପାଣ୍ଡେ ଓ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ମଧ୍ୟ ଭଲ ବୋଲିଂ କରିବାକୁ ହେବ।



ଅଭ୍ୟାସ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ଅଜିଙ୍କ୍ୟ ରାହାନେ ଓ ଏନରିଚ ନର୍ଜେ।

## ଦିଲ୍ଲୀ ହାଫ୍ ମାରାଥନ ୨୯ରେ

ନୂଆଦିଲ୍ଲୀ, ୩୦।୧୦ (ପି.ଟି.): ସମ୍ମାନଜନକ ଏୟାରଟେଲ୍ ଦିଲ୍ଲୀ ହାଫ୍ ମାରାଥନ ନଭେମ୍ବର ୨୯ରେ ହେବ। ରେସ୍‌କୁ ଯେପରି କୋଭିଡ୍-୧୯ ମୁକ୍ତ ରେସ୍ କରିହେବ ସେ ଦିଗରେ ଆୟୋଜକ ବେଶ ଯତ୍ନବାନ। ଏଲିଟ୍ ଧାବକମାନଙ୍କ ଲାଗି ଜୈବ-ସୁରକ୍ଷିତ ଜୋନ୍‌ର ବ୍ୟବସ୍ଥା ରହିବ। ଅନ୍ତର୍ଜାତୀୟ ଓ ଭାରତୀୟ ଏଲିଟ୍ ଧାବକମାନେ ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରୁ ରେସ୍ ଆରମ୍ଭ କରିବେ। ସମଗ୍ର ବିଶ୍ୱରୁ ଆମେଚର ଧାବକମାନେ ସ୍ୱତନ୍ତ୍ର ଭାବେ ଏୟାରଟେଲ୍ ଦିଲ୍ଲୀ ହାଫ୍ ମାରାଥନ ମୋବାଇଲ୍ ଆପ୍ ଜରିଆରେ ରେସ୍‌ରେ ଅଂଶଗ୍ରହଣ କରିପାରିବେ। ସେମାନେ ଏଥର ଯେଉଁଠାରେ ଥାଆନ୍ତୁ ନା କାହିଁକି ନିଜ ପସନ୍ଦ ସ୍ଥାନରୁ ଭାଗ ନେଇପାରିବେ। ଦିଲ୍ଲୀ ହାଫ୍ ମାରାଥନ ପାଇଁ ମୋଟ ୨୩୩,୨୭୦ ଆମେରିକୀୟ ଡଲାର ପୁରସ୍କାର ରାଶି ବ୍ୟବସ୍ଥା କରାଯାଇଛି।

# ଋତୁରାଜ ପ୍ରତିଭାସମ୍ପନ୍ନ କ୍ରିକେଟର: ଧୋନୀ

ଦୁବାଇ, ୩୦।୧୦ (ପି.ଟି.)

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଯୁବ ବ୍ୟାଟ୍ସମ୍ୟାନ ଋତୁରାଜ ଗାଏକ୍ୱାଡ ନିଜ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପ୍ରଭାବିତ କରିଛନ୍ତି। ଶ୍ରେଷ୍ଠ ପ୍ରତିଭାସମ୍ପନ୍ନ କ୍ରିକେଟରମାନଙ୍କ ମଧ୍ୟରୁ ସେ ଅନ୍ୟତମ ବୋଲି ଧୋନୀ କହିଛନ୍ତି। ଗୁରୁବାର କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଋତୁରାଜ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରି ଚେନ୍ନାଇ ବିଜୟରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ଏଥର ଆଇପିଏଲ୍ ଖେଳି ନ ଥିବା କ୍ରିକେଟରଙ୍କୁ ଅନ୍ତିମ ଏକାଦଶରେ ସାମିଲ କରିବାକୁ ଚେନ୍ନାଇ ନିଷ୍ପତ୍ତି ନେଇଥିଲା। ଫଳରେ ଋତୁରାଜ ଖେଳିବାକୁ ସୁଯୋଗ ପାଇଥିଲେ ଓ ସେ ଏହାର ଫାଇଦା ଉଠାଇଥିଲେ।

ଋତୁରାଜ ନେଟ୍ସରେ ଭଲ ଖେଳୁଥିଲେ, ତେବେ କୋଭିଡ୍ ପଜିଟିଭ ହେବା କାରଣରୁ ସେ ୨୦ ଦିନ ଖେଳରୁ ଦୂରେଇ ରହିଥିଲେ। ସେ ଅଧିକ କଥା କହିବାକୁ ପସନ୍ଦ କରନ୍ତି ନାହିଁ। ତେଣୁ ମ୍ୟାନେଜମେଣ୍ଟ ତାଙ୍କ ପ୍ରତିଭା ଆକଳନ କରିବାରେ ସମର୍ଥ ହୋଇ ନ ଥିଲା। ୨୩ ବର୍ଷୀୟ ଏହି ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ ସବୁପ୍ରକାର ଶଟ୍ ଖେଳିପାରିନ୍ତି ଓ ତାଙ୍କ ଶଟ୍‌ମାନ ଦେଖିବା ପାଇଁ ବେଶ୍ ଉପଭୋଗ୍ୟ ବୋଲି ଧୋନୀ କହିଛନ୍ତି। ତେବେ ଋତୁରାଜ ତାଙ୍କ ପ୍ରଥମ ୩ଟି ଇନିଂସରେ ଯଥାକ୍ରମେ ୦, ୫ ଓ ୦ ରନ ସଂଗ୍ରହ କରିଥିଲେ। କ୍ରିଜ୍‌ରେ କିଛି ସମୟ ଜମିଯିବା ପରେ ସେ ନିଜ ଇଚ୍ଛା ଅନୁଯାୟୀ ଶଟ୍ ଖେଳିଥାନ୍ତି। ସେହିପରି ଅନ୍ତିମ ଓଭରରେ କ୍ରମାଗତ ୨ଟି ଛକାମାରି ଚେନ୍ନାଇକୁ ଜିତାଇଥିବା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ଧୋନୀ ପ୍ରଶଂସା କରିଛନ୍ତି। ଚଳିତ ସେସନରେ ଜାଡେଜା ବ୍ୟାଟିଂ ସହିତ ଫିଲ୍ଡିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଧୋନୀ କହିଛନ୍ତି।



ଋତୁରାଜ ଗାଏକ୍ୱାଡ

# ଜାପାନରେ ଟିକେଟକ୍ରେତା ମୂଲ୍ୟ ଫେରିପାଇବେ

ଟୋକିଓ, ୩୦।୧୦ (ଏପି)

### ଟୋକିଓ ଅଲିମ୍ପିକ୍ସ

ଜାପାନରେ ଟୋକିଓ ଅଲିମ୍ପିକ୍ସର ଟିକେଟ କ୍ରେତାମାନେ ଚାହିଁଲେ ସେମାନଙ୍କ ମୂଲ୍ୟ ଫେରିପାଇବେ। ଏଥିପାଇଁ ସ୍ଥାନୀୟ ଆୟୋଜକ ଶୁକ୍ରବାର ଗ୍ୟାରେଣ୍ଟି ପ୍ରଦାନ କରିଛି। କିନ୍ତୁ ଜାପାନ ବାହାରେ ନ୍ୟାଶନାଲ ଅଲିମ୍ପିକ କମିଟି ଦ୍ୱାରା ନିଯୁକ୍ତ ସ୍ୱୀକୃତିପ୍ରାପ୍ତ ଟିକେଟ ରିସେଲରଙ୍କଠାରୁ ଖରିଦ କରିଥିବା ଖେଳପ୍ରେମୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ। କାରଣ ଅନେକ ଟିକେଟମୂଲ୍ୟ ଫେରାଇବାକୁ ନେଇ ସର୍ତ୍ତ ରଖିଛନ୍ତି। ଦେଶକୁ ଦେଶ ଏଥିରେ ଫରକ ରହିଛି। ଜାପାନର ଯେଉଁ ଖେଳପ୍ରେମୀମାନେ ଆସନ୍ତାବର୍ଷ ଟିକେଟ ବ୍ୟବହାର କରିପାରିବେ ନାହିଁ ବୋଲି ମନେ କରୁଛନ୍ତି ସେମାନେ ନଭେମ୍ବର ୧୦ରୁ ୩୦ ମଧ୍ୟରେ ମୂଲ୍ୟ ଫେରସ୍ତ ପାଇଁ ଆବେଦନ କରିପାରିବେ। ପାରା ଅଲିମ୍ପିକ୍ସ ପାଇଁ ଡିସେମ୍ବର ୧ରୁ ୨୧ ତାରିଖ ଦିନ ଧାର୍ଯ୍ୟ କରାଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ଯଦି ଭେନ୍ୟୁଗୁଡ଼ିକରେ ଆସନ ସଂଖ୍ୟାକୁ ସୀମିତ କରାଯାଏ ତେବେ କ୍ରେତାଙ୍କୁ ଟିକେଟ ମୂଲ୍ୟ ଫେରାଇବାକୁ ପଡ଼ିବ ବୋଲି ଟୋକିଓ ୨୦୨୦ ମୁଖପାତ୍ର ମାସା ଟାକାୟା କହିଛନ୍ତି। ଆସନ୍ତାବର୍ଷ ମଧ୍ୟ ଅଲିମ୍ପିକ୍ସ ସମ୍ଭବ ହେବନାହିଁ ବୋଲି ଅନେକେ କଳ୍ପନାଜଳ୍ପନା କରୁଛନ୍ତି। ଏହା ସେ ସମୟର ମହାମାରୀ ପରିସ୍ଥିତି ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ୨୦୨୧ ଜୁଲାଇ ୨୩ରୁ କରିବା ଲାଗି ଆୟୋଜକ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ସ୍ଥିର କରିଛନ୍ତି। କିନ୍ତୁ ବିନା ଭ୍ୟାକ୍ସିନ୍‌ରେ କ୍ୱାରାଣ୍ଟାଇନ୍ ଅବା ରାପିଡ୍ ଟେଷ୍ଟିଂ ଦ୍ୱାରା ଅଲିମ୍ପିକ୍ସ ଆୟୋଜନ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ମହାମାରୀ ଦୃଷ୍ଟିରୁ ଜାପାନ ଅନ୍ୟ ଦେଶ ତୁଳନାରେ ତୁଳନାତ୍ମକ ଭାବେ ଅଧିକ ସୁରକ୍ଷିତ। ଦେଶରେ କରୋନା ମୃତ୍ୟୁ ସଂଖ୍ୟା ପ୍ରାୟ ୧,୭୫୦ ବୋଲି କୁହାଯାଉଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ